# ଜନବାର୍ତ୍ତା

ସାଭିମାନୀ ଓଡ଼ିଆଙ୍କ ସର

(JANABARTTA SWABHIMANI ODIANKA SWARA)

ପ୍ରତିଷ୍ଠାତା - ବିଜୟ କୁମାର ପଟ୍ଟନାୟକ

THE JANABARTTA ଜନବାର୍ତ୍ତା • ସାଭିମାନୀ ଓଡ଼ିଆଙ୍କ ସର • LIVE

Follow Us : Our Digital News Channel

: Janabartta Live

www.janabartta.com

epaper.janabartta.com

26 JULY to 01 AUGUST 2026

୨୬ ଜୁଲାଇ ଠାରୁ ୦୧ ଅଗଷ୍ଟ, ୨୦୨୬

VOL- 1 • ISSUE- 23 ବର୍ଷ-୧ • ସଂଖ୍ୟା- ୨୩ | PRGI NO- ORORI/26/A0341. • WEEKLY EDITION | ପୃଷ୍ଠା-୮ • ମୂଲ୍ୟ-୮/- PAGES - 8 • PRICE- 8/-


## ବ୍ୟଙ୍ଗ ପ୍ରମାଦ



ନିଟ୍‌କୁ ନେଇ ମୋଦୀ ଏବେ ବଡ଼ ଚିନ୍ତାରେ
ଛାତ୍ରଛାତ୍ରୀଙ୍କ ଆନ୍ଦୋଳନ ଦିଲ୍ଲୀ ରାସ୍ତାରେ

ସୋନମ ୱାଙ୍ଗଚୁକ୍ ଅନଶନ ଭାଙ୍ଗି
ଭର୍ତ୍ତି ହୋଇଛନ୍ତି ହସ୍ପିଟାଲରେ

ମୋଦୀ ଭିଡ଼ିଓ ପରେ ଭିଡ଼ିଓ ଛାଡ଼ନ୍ତି
ଆଶ୍ୱସନା ଦେଉଥିଲେ ବାର୍ତ୍ତାରେ

ଆନ୍ଦୋଳନକାରୀ ଅଡ଼ି ବସିବାରୁ
ଧର୍ମେନ୍ଦ୍ର ଇସ୍ତଫା ଦେଲେ ଶେଷରେ

ବିରୋଧି ଦଳ ଅଭିଯୋଗ କରନ୍ତି
ମୋଦୀଙ୍କ ବିଶ୍ୱାସ ନାହିଁ ଗଣତନ୍ତ୍ରରେ

# ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର

ଆଜି ଯନ୍ତର ମନ୍ତର ଏକ ରଣକ୍ଷେତ୍ର ପାଲଟିଯାଇଛି । ପୁଲିସର ବର୍ବରତା ଗଣମାଧ୍ୟମରେ ସମସ୍ତେ ଦେଖୁଛନ୍ତି । ସେଠାରେ ଏକତ୍ରିତ ହୋଇଥିବା ଜନତାଙ୍କୁ କେହି ପଇସା ଦେଇ ନେତାଙ୍କର ଜୟଗାନ କରିବା ପାଇଁ ଆଣିନାହିଁ । ଯେତେବେଳେ ଗଣମାଧ୍ୟମର ପ୍ରତିନିଧିମାନେ ସେମାନଙ୍କୁ ସେଠାରେ ଜମା ହୋଇଥିବାର କାରଣ ପଚାରୁଛନ୍ତି, ସେତେବେଳେ ବିଭିନ୍ନ ବ୍ୟକ୍ତିଙ୍କ ମୁହଁରେ ବିଭିନ୍ନ କାରଣ ଶୁଣାଯାଉଛି । କିଏ କହୁଛନ୍ତି ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବୀ କରିବା ପାଇଁ ସେ ଆସିଛନ୍ତି । କିଏ କହୁଛନ୍ତି ପରୀକ୍ଷା ଦୁର୍ନୀତି ବିରୁଦ୍ଧରେ ସେମାନେ ଆସିଛନ୍ତି । ଆଉ କେହି ମା' କହୁଛନ୍ତି ସେ ତାଙ୍କ ପିଲାର ଭବିଷ୍ୟତ ପାଇଁ ଆସିଛନ୍ତି । ଏଭଳି ବିଭିନ୍ନ ସ୍ୱର ଶୁଣାଯିବାର ଅର୍ଥ ହେଲା ସେମାନେ କାହା ଦ୍ୱାରା ପ୍ରବର୍ତ୍ତାଯାଇ ଆସି ନାହାନ୍ତି । ତାଙ୍କୁ କେହି ପଇସା ଦେଇ ସେଠାକୁ ଆଣିନାହିଁ । କ୍ରମେ କ୍ରମେ ପାଉଁଶ ତଳର ନିଆଁ ଭଳି ତାହା ବିଭିନ୍ନ ଅଞ୍ଚଳକୁ ବ୍ୟାପିଲାଣି । ଲୋକଙ୍କ ସମାଗମ ରୋକିବା ପାଇଁ ସରକାର ଟ୍ରେନ ବାତିଲ କରିଦେଉଛନ୍ତି । ଏହା ଫଳରେ ଅଧିକରୁ ଅଧିକ ବ୍ୟକ୍ତି ସେ ବିଷୟରେ ଚର୍ଚ୍ଚା କରୁଛନ୍ତି । ନିଆଁ ବ୍ୟାପୁଛି ।

ରାଜନୈତିକ ଦଳମାନେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବୀ କରୁଛନ୍ତି । ସେହି ଗୋଟିଏ ଦାବୀ ସେମାନଙ୍କୁ ଏକାଠି କରିଛି । ଧର୍ମେନ୍ଦ୍ରଙ୍କ ଇସ୍ତଫା ଦାବୀ କଲାବେଳେ ଲୋକେ ଲାଲ ବାହାଦୁର ଶାସ୍ତ୍ରୀଙ୍କ କଥା ମନେ ପକାଇ ଦିଅନ୍ତି । ତାଙ୍କ ସମୟରେ ଘଟିଥିବା ଏକ ରେଳ ଦୁର୍ଘଟଣାରେ ନିଜକୁ ଦାୟୀ ମନେକରି ସେ ନିଜ ଆଡୁ ଇସ୍ତଫା ଦେଇଥିଲେ । ଏହା ତାଙ୍କର ରାଜନୈତିକ ନୈତିକତାକୁ ପ୍ରମାଣ କରେ । କିନ୍ତୁ ତାଙ୍କର ଇସ୍ତଫା 'ଦାବୀ' କରିବା କେତେ ଦୂର ଫଳପ୍ରଦ ? ଏହା ବିରୋଧୀ ଦଳ ପାଇଁ ଏକ ରାଜନୈତିକ ବିଜୟ ହୋଇପାରେ କିନ୍ତୁ ଜଣେ ମନ୍ତ୍ରୀଙ୍କ ଇସ୍ତଫାରେ କଅଣ ସମସ୍ୟାର ସମାଧାନ ହୋଇଯିବ ? ତାଙ୍କ ପରବର୍ତ୍ତୀ ମନ୍ତ୍ରୀଙ୍କ ସମୟରେ ଘଟଣା ଗୁଡ଼ିକର ପୁନରାବୃତ୍ତି ଯେ ନ ହେବ ତାହା କେହି କହି ପାରିବେକି ? ଏଇ ପ୍ରଶ୍ନଗୁଡ଼ିକ ସୋନମ ୱାଙ୍ଗଚୁକ୍‌ଙ୍କ ସ୍ୱୟଂ ପତ୍ନୀ ଉଠାଇଛନ୍ତି । ଜୁଲାଇ ୧୭ ତାରିଖରେ ପ୍ରକାଶିତ 'ହିନ୍ଦୁ' ସମ୍ବାଦପତ୍ରରେ ତାଙ୍କର ଅଭିମତ ସ୍ଥାନ ପାଇଛି । ତାଙ୍କ ମତରେ ଜଣେ ମନ୍ତ୍ରୀଙ୍କ ଇସ୍ତଫା ଦାବୀ ଅପେକ୍ଷା ସମସ୍ୟାର ସମାଧାନ ପ୍ରତି ଧ୍ୟାନ ଦିଆଯିବା ଉଚିତ । ଶିକ୍ଷାମନ୍ତ୍ରୀ ନୁହେଁ, ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ହେବା ଉଚିତ ।

ଶିକ୍ଷା ବ୍ୟବସ୍ଥାର ସମସ୍ୟାଗୁଡ଼ିକ ବଖାଣିଲେ ରାତି ପାହିଯିବ । ଓଡ଼ିଶାର ପ୍ରାଥମିକ ଶିକ୍ଷାର ଦୟନୀୟ ଅବସ୍ଥା ସମ୍ପର୍କରେ ବହୁବାର ଆଲୋଚନା କରାଯାଇଛି । କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ସଦ୍ୟ ପ୍ରକାଶିତ ୨୦୨୫-୨୬ର ୟୁଡାଇଜ ରିପୋର୍ଟରୁ ଜଣାଯାଏ ଯେ, ଓଡ଼ିଶାର ୫୧୧୧ ସରକାରୀ ସ୍କୁଲରେ ୨୦ରୁ କମ ପିଲା ଅଛନ୍ତି । ଯେଉଁଠି ପିଲା ସଂଖ୍ୟା କମ ସେ ସ୍କୁଲକୁ ସରକାର ବନ୍ଦ କରି ତହିଁର ଛାତ୍ରମାନଙ୍କୁ ଅନ୍ୟ ଏକ ସ୍କୁଲରେ ଯୋଡ଼ି ଦେଉଛନ୍ତି । ଏହା ଫଳରେ ସରକାର କିଛି ଅର୍ଥ ସଞ୍ଚୟ କରିପାରନ୍ତି, କିନ୍ତୁ ପିଲାଟିକୁ ଯେ, ଦୂର ବାଟ ଅତିକ୍ରମ କରିବାକୁ ପଡ଼ିବ ତାହା ଚିନ୍ତା କରା ଯାଉଛି କି ? ସମ୍ବିଧାନ ତାକୁ ଯେଉଁ ଶିକ୍ଷାଜନିତ ମୌଳିକ ଅଧିକାର ଦେଇଛି ତାହା ସୁରକ୍ଷିତ କି ? ୧୪୫୮ ବିଦ୍ୟାଳୟ ରେ ମାତ୍ର ଜଣେ ଶିକ୍ଷକ ଅଛନ୍ତି । ୨୦୨୪-୨୫ ଅପେକ୍ଷା ଏଇ ସଂଖ୍ୟା ପ୍ରାୟ ୪୦% ଅଧିକ । ବିଭିନ୍ନ ସମୟରେ ସରକାରୀ ସ୍କୁଲ ମାନଙ୍କରେ ୯୦,୦୦୦ ଶିକ୍ଷକ ପଦ ଖାଲି ରହୁଛି । ସ୍କୁଲ ମାନଙ୍କରେ ଯଥେଷ୍ଟ ସଂଖ୍ୟକ କୋଠରି ନ ଥିବାରୁ ବା ଶିକ୍ଷକ ନ ଥିବାରୁ ଏକାଧିକ ପ୍ରାଥମିକ ଶ୍ରେଣୀର ଛାତ୍ରଛାତ୍ରୀ ଏକାଠି ବସି ପଢୁଛନ୍ତି । ଫଳରେ ଶିକ୍ଷାର ଗୁଣାତ୍ମକ ମାନ କମି କମି ଯାଉଛି । ଓଡ଼ିଶାର ୩୧୪ ବ୍ଲକ ମଧ୍ୟରୁ ୫୯% ଭାଗ ବ୍ଲକ ଶିକ୍ଷାରେ ଅନଗ୍ରସର ବୋଲି ସରକାର ସ୍ୱୀକାର କରିଛନ୍ତି । ପଞ୍ଚମ ଶ୍ରେଣୀରେ ପଢୁଥିବା ଅର୍ଦ୍ଧେକ ଛାତ୍ରଛାତ୍ରୀ ଦ୍ୱିତୀୟ ଶ୍ରେଣୀର ବହି ପଢ଼ି ପାରୁନାହାନ୍ତି । ପଞ୍ଚମ ଶ୍ରେଣୀରେ ମାତ୍ର ୩୦% ଭାଗ ଛାତ୍ରଛାତ୍ରୀ ଗଣିତର ଚାରି ସୂତ୍ରରେ ପାରଦର୍ଶିତା ଲାଭ କରିଛନ୍ତି ।

ବୋଝ ଉପରେ ନଳିତା ବିଡ଼ା ପରି ଓଡ଼ିଶା ସରକାରଙ୍କ ଦ୍ୱାରା ସଦ୍ୟ ପ୍ରକାଶିତ ପାଠ୍ୟ ପୁସ୍ତକମାନଙ୍କରେ ସହସ୍ରାଧିକ ହାସ୍ୟାସ୍ପଦ ତ୍ରୁଟି ବାହାରିଛି । ଏହା ଏକ ଷଡ଼ଯନ୍ତ୍ର ବୋଲି ସ୍ୱୟଂ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ଶିକ୍ଷାମନ୍ତ୍ରୀ ଇସ୍ତଫା ଦେଇନାହାନ୍ତି । ଦୋଷୀକୁ ଖୋଜିବା ପାଇଁ କ୍ରାଇମ ବ୍ରାଞ୍ଚ ଧରପଗଡ଼ ଚଳାଇଛି । ଇତି ମଧ୍ୟରେ ଛାତ୍ରଛାତ୍ରୀମାନେ ଓ ଶିକ୍ଷକମାନେ ତୃଟିପୂର୍ଣ୍ଣ ପୁସ୍ତକ ପଢ଼ିଚାଲିଛନ୍ତି । ଭ୍ରମାତ୍ମକ ବହିଗୁଡ଼ିକ ସଂଶୋଧନ କରି ଶିକ୍ଷକମାନେ ପଢ଼ାଇବେ ବା ନୂଆ ବହି ଛପା ହେବ ତାହା ସ୍ପଷ୍ଟ ନୁହେଁ ।

ଯଦି ପରୀକ୍ଷା କଥା ବିଚାର କରାଯାଏ, ତେବେ ତାହା କେତେ ଦୂର ତ୍ରୁଟିଶୂନ୍ୟ ତାହା ମଧ୍ୟ ସନ୍ଦେହ ଘେରରେ । ମୂଲ୍ୟାୟନ ପାଇଁ ଯେଉଁ ସବୁ ବ୍ୟବସ୍ଥା ରହିଛି ସେଥିରେ ଅଣସରକାରୀ ବ୍ୟବସାୟିକ ସଂସ୍ଥାମାନଙ୍କର ବିଶାଳ ଆଧିପତ୍ୟ ରହିଛି । ଅଳ୍ପଦିନ ପୂର୍ବେ ଯୁକ୍ତ ଦୁଇ ପରୀକ୍ଷାର ମୂଲ୍ୟାୟନ ପ୍ରକ୍ରିୟାରେ ଏଡୁକମ୍ପ ଟେକ ନାମକ ଏକ ଅନଭିଜ୍ଞ ସଂସ୍ଥାକୁ ଦିଆଯାଇଥିବା କାର୍ଯ୍ୟ ବିଷୟରେ ଗଣମାଧ୍ୟମରେ ପ୍ରକାଶିତ ହୋଇଥିଲା । ଏହି ସଂସ୍ଥା ବିରୋଧରେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ ମଧ୍ୟ ପ୍ରଶ୍ନ ଉଠାଇଥିଲେ ।

ଏହା ତଦନ୍ତ ସାପେକ୍ଷ । ଯଦି ପାଠ ପାଠପଢ଼ା ଖାମଖିଆଲି ଭାବରେ ଚାଲେ ଓ ପରୀକ୍ଷାରେ ମେଧାବୀ ଛାତ୍ରଛାତ୍ରୀମାନେ ତାଙ୍କର ମୂଲ୍ୟ ପାଆନ୍ତି ନାହିଁ । ତେବେ ଭାରତକୁ ବିଶ୍ୱଗୁରୁ ବୋଲି କହିବା ହାସ୍ୟାସ୍ପଦ ନୁହେଁ କି ?

ଭୁଲିଯିବା ଉଚିତ ନୁହେଁ ଯେ ଓଡ଼ିଶାର ମୁଖ୍ୟ ସମ୍ପଦ ହେଉଛି ତାହାର ଶିକ୍ଷା ବ୍ୟବସ୍ଥା । ଓଡ଼ିଆମାନେ ଗରିବ । ସେମାନଙ୍କର ଖେଳରେ ପ୍ରସିଦ୍ଧି ନାହିଁ । ସେମାନଙ୍କର ବ୍ୟାବସାୟିକ ମନୋବୃତ୍ତି ସୀମିତ । ସେମାନଙ୍କର ଏକ ମାତ୍ର ପରିଚୟ ହେଉଛି ସେମାନେ ଭଲ ଛାତ୍ରଛାତ୍ରୀ । ଆଜି ଯଦି ଆମେରିକାର ନାସା ବା ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟମାନଙ୍କରେ ଓଡ଼ିଆ ପ୍ରଫେସର ଓ ଗବେଷକମାନେ ନାମ ଅର୍ଜନ କରିଛନ୍ତି । ତେବେ କେବଳ ଓଡ଼ିଶାର ଶିକ୍ଷା ବ୍ୟବସ୍ଥା ଦ୍ୱାରା । ସେମାନଙ୍କ ମଧ୍ୟରୁ ଅନେକ ବ୍ୟକ୍ତି ଗାଁ ସ୍କୁଲ ଓ ସରକାରୀ ଉଚ୍ଚ ଶିକ୍ଷାନୁଷ୍ଠାନ ମାନଙ୍କରୁ ଉତ୍ତିର୍ଣ୍ଣ ହୋଇଛନ୍ତି । ଶିକ୍ଷା ହେଉଛି ଆମର ପୁଞ୍ଜି, ଖଣିଜ ପଦାର୍ଥ ନୁହେଁ । ଯଦି ଆମେ ଏହି ପୁଞ୍ଜିକୁ ନଷ୍ଟ କରିଦେଉ ତେବେ ଓଡ଼ିଶାର ପରିଚୟ ରହିବ କେଉଁଠି ?

ଏଥିପାଇଁ ଓଡ଼ିଶାର ଶିକ୍ଷାମନ୍ତ୍ରୀ ବା ମୁଖ୍ୟମନ୍ତ୍ରୀ କେତେ ମାତ୍ରାରେ ଦାୟୀ ? ନିଶ୍ଚିତ ଭାବରେ ଏଇ ସାମୁହିକ ସ୍ଖଳନ ପାଇଁ କେବଳ ମନ୍ତ୍ରୀମାନଙ୍କୁ ଦାୟୀ କରିବା ଉଚିତ ନୁହେଁ । କେବଳ ଶିକ୍ଷକ କାହିଁକି, ପ୍ରାୟ ସବୁ କ୍ଷେତ୍ରରେ ନୈତିକତା ଅଧୋମୁଖୀ ହୋଇଚାଲିଛି । ନେତାମାନଙ୍କର ବିଫଳତା ହେଉଛି ସେମାନେ ଏହାକୁ ସୁଧାରିବା ପାଇଁ କୌଣସି ତତ୍ପରତା ଦେଖାଉ ନାହାନ୍ତି । ସରକାରୀ ତହବିଲରୁ କୋଟି କୋଟି ଟଙ୍କା ବିତରଣ କରିବାରେ ସେମାନଙ୍କର ଯେଉଁ ତତ୍ପରତା ଦେଖାଯାଉଛି ତାହା ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ପାଇ ଦେଖା ଯାଉନାହିଁ । ଶିକ୍ଷା ଉପକରଣ କିଣିବାରେ ବା ଶିକ୍ଷାନୁଷ୍ଠାନ ରଙ୍ଗ କରିବାରେ ଯେଉଁ ତତ୍ପରତା ଦେଖାଯାଉଛି, ଶିକ୍ଷାର ଗୁଣାତ୍ମକ ବିକାଶ ପାଇଁ ତାହା ଦେଖାଯାଉ ନାହିଁ ।

ଯେତେବେଳେ ଗୋଟିଏ ଯୁବକ ବା ଯୁବତୀର ଶିକ୍ଷା ସମାପ୍ତ ହେଉଛି, ସେତେବେଳେ ସେ ଓ ତାହାର ପିତାମାତା ଭାବନ୍ତି ଏଣିକି ପିଲାଟିକୁ କୌଣସି ଏକ ଚାକିରି ମିଳିଯିବ । ଦୀର୍ଘ ଦିନର ତପସ୍ୟା ଫଳବତୀ ହେବ । କିନ୍ତୁ ଚାକିରି ପାଇଁ ପ୍ରବେଶିକା ପରୀକ୍ଷା ରହିଛି । ପିଏସସି, ଷ୍ଟାଫ ସିଲେକ୍ସନ କମିଶନ, ସବୋର୍ଡିନେଟ ଷ୍ଟାଫ ସିଲେକ୍ସନ କମିଶନ, ରେଲୱେ ରିକ୍ରୁଟମେଣ୍ଟ ବୋର୍ଡ, ପୋଲିସ ରିକ୍ରୁଟମେଣ୍ଟ ବୋର୍ଡ ଇତ୍ୟାଦି ଇତ୍ୟାଦି । ଡାକ୍ତର ହେବା ପାଇଁ ନିଟ୍ ପରୀକ୍ଷା । ଶିକ୍ଷକ ହେବା ପାଇଁ ନେଟ ପରୀକ୍ଷା । ଏ ସମସ୍ତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପାଇଁ ମାସ ମାସର ଅଧ୍ୟବସାୟ ଆବଶ୍ୟକ । ପାଠ ପଢ଼ିବା ସମୟରେ ଯେତିକି ପରିଶ୍ରମ ଦରକାର ତାହାର ଦଶ ଗୁଣ ଦରକାର ପ୍ରବେଶିକା ପରୀକ୍ଷା ପାଇଁ । ଛାତ୍ରଛାତ୍ରୀମାନେ ଘଣ୍ଟା ଘଣ୍ଟା ଧରି ଲାଇବ୍ରେରୀ ମାନଙ୍କରେ ବସି ପରୀକ୍ଷା ପାଇଁ ପ୍ରସ୍ତୁତି ଚଳାନ୍ତି । ପିଜି (ଦେୟ ଦେଉଥିବା ଅତିଥି) ଭାବରେ ରହିବା ପାଇଁ ବାପ ମା'ମାନେ ହଜାର ହଜାର ଟଙ୍କା ଖର୍ଚ୍ଚ କରନ୍ତି । ମା'ମାନେ ସ୍ୱାମୀଙ୍କୁ ଛାଡ଼ି ପିଲାଙ୍କ ସହ ବର୍ଷ ବର୍ଷ ପଡ଼ି ରହନ୍ତି କୋଚିଂ ପାଇଁ । କୋଚିଂ ସେଣ୍ଟର ପାଇଁ ହଜାର ହଜାର ଟଙ୍କା ଆବଶ୍ୟକ । 'କେଜିରୁ ପିଜି ପର୍ଯ୍ୟନ୍ତ ସରକାରୀ ଶିକ୍ଷାନୁଷ୍ଠାନରେ ଶିକ୍ଷା ମାଗଣା' ହେଲେ ମଧ୍ୟ ବିନା କୋଚିଂରେ ସଫଳତା ପାଇବା କଷ୍ଟକର । ଏତେ ସବୁ ପରେ ଯେତେବେଳେ ପରୀକ୍ଷା ଆସେ,ସେତେବେଳେ ଦିନେ ହଠାତ ପରୀକ୍ଷା ବାତିଲ ହୋଇଯାଏ । ବର୍ଷ ବର୍ଷର ତପସ୍ୟା ପାଣି ଫୋଟକା ଭଳି ମିଳେଇଯାଏ । ସାପ-ସିଢି ଖେଳ ଭଳି ଶେଷ ମୁହୂର୍ତ୍ତରେ ସାପ ଗୋଟିକୁ ଗିଳି ଦିଏ । ପୁଣି ଆରମ୍ଭ ହୁଏ ପରୀକ୍ଷା ପାଇଁ ପ୍ରସ୍ତୁତି ।

ତା' ପରେ ଆସନ୍ତି ଦଲାଲ ଗୋଷ୍ଠୀ । ଦୀର୍ଘ ପ୍ରଚେଷ୍ଟାର କଣ୍ଟକିତ ପଥରୁ ନିସ୍ତାର ପାଇବା ପାଇଁ ସେମାନେ ସର୍ଟକଟ ବାଟ ଦେଖାଇ ଦିଅନ୍ତି , କିଭଳି ଭାବରେ ବିନା ପରିଶ୍ରମରେ ଚାକିରି ଟିଏ ମିଳିଯିବ । ସେଥିପାଇଁ 'ସାମାନ୍ୟ' ଖର୍ଚ୍ଚ ଅଛି । ବିଭିନ୍ନ ଚାକିରି ପାଇଁ ବିଭିନ୍ନ ମୂଲ୍ୟ । ପିଅନ ପାଇଁ, ଫରେଷ୍ଟ ଗାର୍ଡ ପାଇଁ, କିରାଣୀ ପାଇଁ, ଶିକ୍ଷକ ପାଇଁ, ସବୁ ଚାକିରିର ଦାମ ଅଲଗା ଅଲଗା । ବାପ ମା ଗହଣା ବିକି, ଜମି ବିକି, ସର୍ବସ୍ୱ ବିକି ଟଙ୍କା ପୈଠ କରନ୍ତି ଚାକିରି ଖଣ୍ଡିକ ପାଇଁ । କିନ୍ତୁ ପୁଲିସ ସବ୍ ଇନ୍ସପେକ୍ଟର ଚାକିରି ଭଳି ପରୀକ୍ଷା ପ୍ରଶ୍ନ ପତ୍ର ଲିକ ହୋଇଯାଏ । ପରୀକ୍ଷା ବାତିଲ ହୋଇଯାଏ । ସିବିଆଇ ଅନୁସନ୍ଧାନ ଆରମ୍ଭ କରେ । କେବେ ତାହା ସାରିବ କେହି ଜାଣେନା । ପରୀକ୍ଷା କେବେ ହେବ କେହି ଜାଣନ୍ତି ନାହିଁ । ଏଣେ ବୟସ ଗଡ଼ି ଚାଲେ । ପରୀକ୍ଷାର୍ଥୀମାନଙ୍କର ବିବାହ ବୟସ ଅତିକ୍ରମ କରିଯାଏ । ଯଦି ସେଭଳି ଜଣେ ଯୁବକ ବା ଯୁବତୀ ପୁଲିସ ଉପରକୁ ଟେକା ଫିଙ୍ଗେ, ତା ଉପରେ ଲାଠି ମାଡ଼ କରିବା କେତେ ଦୂର ଯୁକ୍ତିଯୁକ୍ତ ?

ଏହା ହିଁ ଯନ୍ତର ମନ୍ତରର କାହାଣୀ । ଭାରତର ସବୁଆଡ଼େ ପିଲାମାନେ ଲାଠି ଖାଇବାକୁ ଆଗେଇ ଆସି ନ ପାରନ୍ତି । କିନ୍ତୁ ତାଙ୍କ ମନର ନିଆଁକୁ ଲିଭାଇବା ସହଜ ନୁହେଁ ।



**ବିଜୟ କୁମାର ପଟ୍ଟନାୟକ**
ପୂର୍ବତନ ମୁଖ୍ୟ ଶାସନ ସଚିବ
ଓଡ଼ିଶା

**ଯୁବ ସମସ୍ୟାର ସମାଧାନ ପାଇଁ ବ୍ୟାପକ ପରିବର୍ତ୍ତନ ଆବଶ୍ୟକ**

# ସୁନାବେଶରେ ତିନି ଠାକୁର



◥ ଆଜି ଅଧର ପଣା, ଆସନ୍ତାକାଲି ନିଳାଦ୍ରୀ ବିଜେ

◥ ମହାପ୍ରଭୁଙ୍କ ଦେହରେ ଲାଗିଲା ମହଣ ମହଣ ସୁନା

ପୁରୀ,୨୫/୦୭ (ଜେଏନ୍‌ଏସ୍):ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ସୁନାବେଶ ହେଉଛି ଶ୍ରୀକ୍ଷେତ୍ର ପୁରୀର ସବୁଠାରୁ ଆକର୍ଷଣୀୟ ଏବଂ ଗୁରୁତ୍ୱପୂର୍ଣ୍ଣ ଆଧ୍ୟାତ୍ମିକ ରୀତିନୀତି । ବାହୁଡ଼ା ଯାତ୍ରା ଶେଷ ହେବାର ପରଦିନ ଅର୍ଥାତ୍ ଆଷାଢ଼ ଶୁକ୍ଳ ଏକାଦଶୀ ତିଥିରେ ତିନି ରଥ ଉପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ମହାର୍ଘ ସୁବର୍ଣ୍ଣ ଅଳଙ୍କାରରେ ସଜ୍ଜିତ କରାଯାଇ ଭକ୍ତମାନଙ୍କ ପାଇଁ ଦର୍ଶନର ବ୍ୟବସ୍ଥା କରାଯାଏ ।

ଚଳିତ ବର୍ଷ ଆଜି (୨୫ ଜୁଲାଇ ୨୦୨୬, ଶନିବାର) ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ପାର୍କ ହୋଇଥିବା ରଥ ଉପରେ ମହାପ୍ରଭୁଙ୍କର ଏହି ଭବ୍ୟ ରୂପ ଅନୁଷ୍ଠିତ ହୋଇଯାଇଛି । ଐତିହାସିକ ତଥ୍ୟ ଅନୁଯାୟୀ, ଗଜପତି ରାଜା କପିଳେନ୍ଦ୍ର ଦେବ (୧୪୬୦ ଖ୍ରୀଷ୍ଟାବ୍ଦ) ଦକ୍ଷିଣ ଭାରତ ବିଜୟ କରି ପ୍ରଚୁର ସୁନା ଓ ମଣିମୁକ୍ତା ଆଣିଥିଲେ । ସେ ସେହି ସମସ୍ତ ସମ୍ପତ୍ତି ମହାପ୍ରଭୁଙ୍କ ଚରଣରେ ଅର୍ପଣ କରିବା ସହ ରଥ ଉପରେ ଏହି ସୁନାବେଶ ପରମ୍ପରାର ଆରମ୍ଭ କରିଥିଲେ । ଏହି ଦିବ୍ୟ ବେଶ ପାଇଁ ପ୍ରାୟ ୨୦୦ କିଲୋଗ୍ରାମରୁ ଅଧିକ ଓଜନର ପ୍ରାଚୀନ ଏବଂ କାରୁକାର୍ଯ୍ୟପୂର୍ଣ୍ଣ ସୁନା ଅଳଙ୍କାର ଶ୍ରୀମନ୍ଦିରର ରତ୍ନଭଣ୍ଡାରରୁ ଅଣାଯାଇ ମହାପ୍ରଭୁଙ୍କୁ ଲାଗି କରାଯାଏ । ମହାପ୍ରଭୁ ଶ୍ରୀ ଜଗନ୍ନାଥ ଓ ପ୍ରଭୁ ବଳଭଦ୍ରଙ୍କୁ ସୁନାର ହସ୍ତ (ହାତ) ଏବଂ ପାୟର (ପାଦ) ଲଗାଯାଏ । ◥ ପୃଷ୍ଠା-୭

# ହାଜର ହେଲେନି ଭି କେ ପାଣ୍ଡିଆନ



ଭୁବନେଶ୍ୱର,୨୫/୦୭ (ଜେଏନ୍‌ଏସ୍) : ସିଏମ୍‌ଓ ଫାଇଲ୍ ଗାଏବ ମାମଲାରେ ପୂର୍ବତନ ୫-ଟି ସଚିବ ଭିକେ ପାଣ୍ଡିଆନଙ୍କ ଆଜି ହାଜର ହେବା ନେଇ ସଂଶୟ ଉପୁଜିଛି । କମିଶନରେଟ୍ ପୋଲିସ ପକ୍ଷରୁ ତାଙ୍କୁ ଆଜି (୨୫ ଜୁଲାଇ ୨୦୨୬) ପୂର୍ବାହ୍ନ ୧୧ଟାରେ ଏସିପି ଜୋନ୍-୧ କାର୍ଯ୍ୟାଳୟରେ ହାଜର ହେବା ପାଇଁ ସମନ କରାଯାଇଥିଲା । ପୂର୍ବତନ ବିଜେଡି ସରକାର ସମୟରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଦୁଇଟି ପ୍ରମୁଖ ତଦନ୍ତ କମିଶନ ରିପୋର୍ଟ ଗାଏବ ହେବା ନେଇ କ୍ୟାପିଟାଲ ଥାନାରେ ମାମଲା ରୁଜୁ ହୋଇଛି । ଏଥିରେ ୨୦୦୮ କନ୍ଧମାଳ ଦଙ୍ଗା ପାଇଁ ଗଠିତ ଜଷ୍ଟିସ ଏ.ଏସ. ନାଇଡୁ କମିଶନ ରିପୋର୍ଟ ଏବଂ ୨୦୧୬ ସମ୍ ହସ୍ପିଟାଲ ଅଗ୍ନିକାଣ୍ଡର ଆରଡିସି ତଦନ୍ତ ରିପୋର୍ଟ ସାମିଲ ଅଛି । ପୋଲିସ ପକ୍ଷରୁ ଜାରି ନୋଟିସରେ ପାଣ୍ଡିଆନଙ୍କୁ ଜେରା ପାଇଁ ଆସିବା ସହ ନିଜର ସମସ୍ତ ପ୍ରାସଙ୍ଗିକ ଦସ୍ତାବିଜ ଏବଂ ବୈଦ୍ୟୁତିକ ଉପକରଣ ସାଙ୍ଗରେ ଆଣିବାକୁ କୁହାଯାଇଥିଲା । ଏହି ମାମଲାରେ ସେହି ସମୟର ଆଇଟି ସଚିବ ଏବଂ ପ୍ରାୟ ୧୫ ଜଣ ସିଏମଓ କର୍ମଚାରୀଙ୍କୁ ପୋଲିସ ପୂର୍ବରୁ ପଚରାଉଚରା କରିସାରିଛି । ଗଣମାଧ୍ୟମର ସୂଚନା ଅନୁଯାୟୀ, ଭିକେ ପାଣ୍ଡିଆନ ବର୍ତ୍ତମାନ ଓଡ଼ିଶା ବାହାରେ ଥିବାରୁ ସେ ନିଜ ଓକିଲଙ୍କ ଜରିଆରେ କୋର୍ଟ କିମ୍ବା ପୋଲିସ ନିକଟରେ ହାଜର ପାଇଁ ଅଧିକ ସମୟ ମାଗିବା ନେଇ ଆବେଦନ କରିପାରନ୍ତି । ଯଦି ସେ କିମ୍ବା ତାଙ୍କ ପ୍ରତିନିଧି ସନ୍ତୋଷଜନକ ଉତ୍ତର ନ ରଖନ୍ତି, ତେବେ ପୋଲିସ କମିଶନରଙ୍କ ସୂଚନା ମୁତାବକ ଆଗକୁ କଡ଼ା ଆଇନଗତ ପଦକ୍ଷେପ ଗ୍ରହଣ କରାଯାଇପାରେ ।

## ସରକାରୀ କର୍ମଚାରୀଙ୍କ ପାଇଁ ନୂଆ ନିର୍ଦ୍ଦେଶାବଳୀ

✦ ମୁଖ୍ୟାଳୟ ଛାଡ଼ିବା ପାଇଁ ୨୧ ଦିନ ପୂର୍ବରୁ ଅନୁମତି ବାଧ୍ୟତା ମୂଳକ

✦ ସକାଳ ୧୦ଟା ୩୦ ସୁଦ୍ଧା କାର୍ଯ୍ୟାଳୟରେ ପହଁଚିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୨୫/୦୭ (ଜେଏନ୍‌ଏସ୍): ଓଡ଼ିଶା ସରକାରଙ୍କ ଅଧୀନରେ କାର୍ଯ୍ୟରତ ସରକାରୀ ଅଧିକାରୀ ଓ କର୍ମଚାରୀମାନଙ୍କ ପାଇଁ ରାଜ୍ୟ ଅର୍ଥ ବିଭାଗ ପକ୍ଷରୁ ଏକ ନୂଆ ଏବଂ କଡ଼ା ନିର୍ଦ୍ଦେଶାବଳୀ ଜାରି କରାଯାଇଛି । ସରକାରୀ ବାବୁମାନଙ୍କ ଅନୁପସ୍ଥିତି ଓ ମନମୁଖୀ ଛୁଟି ଉପରେ ରୋକ୍ ଲଗାଇବା ସହ ପ୍ରଶାସନିକ ଶୃଙ୍ଖଳା ବଜାୟ ରଖିବା ପାଇଁ ଏହି ନୂଆ ନିୟମ ପ୍ରଣୟନ କରାଯାଇଛି । ଯଦି କୌଣସି ସରକାରୀ କର୍ମଚାରୀ କିମ୍ବା ଅଧିକାରୀ ନିଜର ବ୍ୟକ୍ତିଗତ କାରଣ ପାଇଁ ଓଡ଼ିଶା ବାହାରକୁ (ଅନ୍ୟ ରାଜ୍ୟକୁ) କିମ୍ବା ବିଦେଶ ଯାତ୍ରା କରିବାକୁ ଚାହାଁନ୍ତି, ତେବେ ତାଙ୍କୁ ଯାତ୍ରା ଆରମ୍ଭର ଅତିକମରେ ୨୧ ଦିନ ପୂର୍ବରୁ ଆବେଦନ କରିବାକୁ ପଡ଼ିବ । ସଦର ମହକୁମା ଛାଡ଼ିବା ପୂର୍ବରୁ ସକ୍ଷମ କର୍ତ୍ତୃପକ୍ଷଙ୍କ ଠାରୁ ଲିଖିତ ଭାବେ ଛୁଟି ଏବଂ ହେଡକ୍ୱାର୍ଟର ଲିଭିଂ ପରମିଶନ ମଞ୍ଜୁର ହେବା ଅନିବାର୍ଯ୍ୟ । ◥ ପୃଷ୍ଠା-୭

## କେନ୍ଦ୍ର ମନ୍ତ୍ରିମଣ୍ଡଳ ଅଦଳବଦଳ ଚର୍ଚ୍ଚା

ନୂଆଦିଲ୍ଲୀ, ୨୫/୦୭ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ବଡ଼ଧରଣର ଅଦଳବଦଳ ଓ ସମ୍ପ୍ରସାରଣକୁ ନେଇ ଦିଲ୍ଲୀ ରାଜନୀତି ଏବେ ବେଶ୍ ଗରମ ରହିଛି । ସଂସଦର ମୌସୁମୀ ଅଧିବେଶନ ଚାଲିଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଗୃହମନ୍ତ୍ରୀ ଅମିତ ଶାହଙ୍କ ମଧ୍ୟରେ ହୋଇଥିବା ଘନ ଘନ ବୈଠକ ଏହି ଚର୍ଚ୍ଚାକୁ ଅଧିକ ତେଜିଛି । ମିଡିଆ ରିପୋର୍ଟ ଓ ରାଜନୈତିକ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଏହି ସମ୍ଭାବ୍ୟ ଅଦଳବଦଳ ହେବା ନେଇ ଚର୍ଚ୍ଚା ଜୋର ଧରିଛି । ◥ ପୃଷ୍ଠା-୭

### ଇସ୍ତଫା ଦେଲେ ଧର୍ମେନ୍ଦ୍ର



ନୂଆଦିଲ୍ଲୀ, ୨୫/୦୭ : କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିଜ ପଦରୁ ଇସ୍ତଫା ଦେଇଛନ୍ତି. ୨୫ ଜୁଲାଇ ୨୦୨ (ଶନିବାର) ଦିନ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପାଖକୁ ନିଜର ଇସ୍ତଫା ପତ୍ର ପଠାଇଛନ୍ତି । ନିଟ-ୟୁଜି ପ୍ରଶ୍ନପତ୍ର ପ୍ରଘଟ ଏବଂ ପରୀକ୍ଷା ଅନିୟମିତତାକୁ ନେଇ ଦେଶବ୍ୟାପୀ ଦୀର୍ଘ ଦିନ ଧରି ଚାଲିଥିବା ଛାତ୍ର ଆନ୍ଦୋଳନ ଯୋଗୁଁ ସେ ଇସ୍ତଫା ଦେଇଛନ୍ତି । କକ୍ରୋଚ୍ ଜନତା ପାର୍ଟି ଏବଂ ଅନ୍ୟାନ୍ୟ ଛାତ୍ର ସଂଗଠନ ପକ୍ଷରୁ ଦିଲ୍ଲୀର ଜନ୍ତରମନ୍ତରଠାରେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବିରେ ବ୍ୟାପକ ପ୍ରତିବାଦ କରାଯାଉଥିଲା । ◥ ପୃଷ୍ଠା-୭

## ଚାମେଲିଙ୍କ ବିରୋଧରେ ଅନାସ୍ଥା !



କେନ୍ଦ୍ରାପଡ଼ା, ୨୫/୦୭ (ଜେଏନ୍‌ଏସ୍) : କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକର ବହୁ ଚର୍ଚ୍ଚିତ ତିଖିରି ପଞ୍ଚାୟତର ସରପଞ୍ଚ ଚାମେଲି ଓଝାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆସିଛି । ପଞ୍ଚାୟତର ବିକାଶ ଏବଂ ପ୍ରଶାସନିକ ବିବାଦକୁ ନେଇ ଦୀର୍ଘ ଦିନ ହେବ ଚର୍ଚ୍ଚାରେ ଥିବା ଚାମେଲିଙ୍କୁ ପଦରୁ ହଟାଇବା ପାଇଁ ଏହି ବଡ଼ ରଣନୀତି ପ୍ରସ୍ତୁତ କରାଯାଇଛି । ତିଖିରି ପଞ୍ଚାୟତର ୨୧ ଜଣ ୱାର୍ଡ ସଭ୍ୟ ଏକାଠି ହୋଇ ସରପଞ୍ଚ ଚାମେଲି ଓଝାଙ୍କ ବିରୋଧରେ ଆନୁଷ୍ଠାନିକ ଭାବେ ଅନାସ୍ଥା ପ୍ରସ୍ତାବ ଆଣିଛନ୍ତି । ଚାମେଲି ଓଝା ପୂର୍ବରୁ ସ୍ଥାନୀୟ ବିଡିଓ ଏବଂ ଆଇଆଇସିଙ୍କ ବିରୋଧରେ ଦୁର୍ବ୍ୟବହାର ଓ ଅସହଯୋଗର ଅଭିଯୋଗ ଆଣି ଭୁବନେଶ୍ୱରର ଲୋୟର ପିଏମଜିରେ ଆମରଣ ଅନଶନରେ ବସିଥିଲେ । ସେ ସରକାର ଓ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ◥ ପୃଷ୍ଠା-୭

# ଓଡ଼ିଶାରେ ଡେଙ୍ଗୁ-ମ୍ୟାଲେରିଆ ବୃଦ୍ଧି ଆଶଙ୍କା



▸▸ ବର୍ଷା ଦିନେ ଡେଙ୍ଗୁ-ମ୍ୟାଲେରିଆ ଆତଙ୍କ

▸▸ ସଂକ୍ରମଣ ରୋକିବାକୁ ପ୍ରଶାସନର ପ୍ରସ୍ତୁତି

▸▸ ହସ୍ପିଟାଲରେ ବଢୁଛି ଭିଡ଼, ସ୍ଥିତି ସମିକ୍ଷା କଲେ ସରକାର

▸▸ ଡେଙ୍ଗୁ-ମ୍ୟାଲେରିଆ ପାଇଁ ପ୍ରତିକାର ହିଁ ଶ୍ରେଷ୍ଠ ଉପାୟ

ଭୁବନେଶ୍ୱର, ୨୫/୦୭ (ଜେଏନ୍‌ଏସ୍): ଓଡ଼ିଶାରେ ବର୍ଷାଦିନ ଏବଂ ଏହାର ପରବର୍ତ୍ତୀ ସମୟରେ ଡେଙ୍ଗୁ ଓ ମ୍ୟାଲେରିଆ ଭଳି ମଶାଜନିତ ରୋଗର ଆଶଙ୍କା ଅଧିକ ବୃଦ୍ଧି ପାଇଥାଏ । ଜୁଲାଇରୁ ଅକ୍ଟୋବର ମାସ ମଧ୍ୟରେ ରାଜ୍ୟରେ ଏହି ସଂକ୍ରମଣର ପ୍ରକୋପ ସବୁଠାରୁ ଅଧିକ ଦେଖିବାକୁ ମିଳେ । ଏହି ସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଥଓଡ଼ିଶା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗଧ ଏବଂ ବିଭିନ୍ନ ପ୍ରଶାସନିକ ସ୍ତରରେ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଉଛି । ଖୋର୍ଦ୍ଧା (ବିଶେଷ କରି ଭୁବନେଶ୍ୱର), ବାଲେଶ୍ୱର, ସୁନ୍ଦରଗଡ଼, କଟକ ଏବଂ ପୁରୀ ଜିଲ୍ଲାରେ ଡେଙ୍ଗୁର ଆଶଙ୍କା ଅଧିକ ରହିଥାଏ । ଭୁବନେଶ୍ୱରର ପଟିଆ, ନୟାପଲ୍ଲୀ, ଶିଖରଚଣ୍ଡୀ ଏବଂ ଚନ୍ଦ୍ରଶେଖରପୁର ଭଳି ସ୍ଥାନଗୁଡ଼ିକ ପ୍ରମୁଖ ହଟ୍‌ସ୍ପଟ୍ ଭାବେ ଚିହ୍ନଟ ହୋଇଛି । ଦକ୍ଷିଣ ଓ ଆଭ୍ୟନ୍ତରୀଣ ଓଡ଼ିଶାର ପାର୍ବତ୍ୟ ଏବଂ ଜଙ୍ଗଲଘେରା ଜିଲ୍ଲା ଯେପରିକି କଳାହାଣ୍ଡି, ରାୟଗଡ଼, କନ୍ଧମାଳ, କୋରାପୁଟ, ବୌଦ୍ଧ ଓ ମାଲକାନଗିରିରେ ମ୍ୟାଲେରିଆର ମାମଲା ଅଧିକ ଦେଖାଯାଏ । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମ୍ୟାଲେରିଆ ପ୍ରବଣ ଅଞ୍ଚଳରେ ମଶାରୀ ବଣ୍ଟନ କରାଯାଉଛି ଏବଂ ◥ ପୃଷ୍ଠା-୭

## ରାଜ୍ୟସଭାରେ 'ବନ୍ଦେ ମାତରମ୍ ବିଲ୍'

ନୂଆଦିଲ୍ଲୀ,୨୫/୦୭ (ଜେଏନ୍‌ଏସ୍): ସଂସଦର ମୌସୁମୀ ଅଧିବେଶନ ମଧ୍ୟରେ କେନ୍ଦ୍ର ସରକାରଙ୍କ ଦ୍ୱାରା ରାଜ୍ୟସଭାରେ ଉପସ୍ଥାପିତ ହୋଇଥିବା 'ବନ୍ଦେ ମାତରମ୍ ବିଲ୍' (ଜାତୀୟ ସମ୍ମାନ ଅପମାନ ନିବାରଣ (ସଂଶୋଧନ) ବିଧେୟକ-୨୦୨୬) ବର୍ତ୍ତମାନ ଦେଶର ରାଜନୀତିରେ ଏକ ବଡ଼ ଚର୍ଚ୍ଚାର ବିଷୟ ପାଲଟିଛି । ବିରୋଧୀ ଦଳଙ୍କ ପ୍ରବଳ ହଙ୍ଗାମା ଓ ହଟ୍ଟଗୋଳ ମଧ୍ୟରେ କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ଗୃହରେ ଏହି ବିଲ୍‌କୁ ଆଗତ କରିଛନ୍ତି । ବର୍ତ୍ତମାନର ପ୍ରଚଳିତ 'ଜାତୀୟ ସମ୍ମାନ ଅପମାନ ନିବାରଣ ଆଇନ, ୧୯୭୧' ଅନୁଯାୟୀ ଜାତୀୟ ପତାକା ଏବଂ ଜାତୀୟ ସଙ୍ଗୀତ 'ଜନ ଗଣ ମନ'କୁ ଆଇନଗତ ସୁରକ୍ଷା ମିଳିଛି । କିନ୍ତୁ ରାଷ୍ଟ୍ରୀୟ ଗୀତ 'ବନ୍ଦେ ମାତରମ୍' ପାଇଁ କୌଣସି ସ୍ୱତନ୍ତ୍ର ଦଣ୍ଡବିଧାନ ନଥିଲା । ଏହି ନୂଆ ସଂଶୋଧନ ବିଲ୍ ଦ୍ୱାରା 'ବନ୍ଦେ ମାତରମ୍'କୁ ◥ ପୃଷ୍ଠା-୭

## ୩ଟି ବୃହତ ସ୍ୱତନ୍ତ୍ର କେମିକାଲ ପାର୍କ ପ୍ରତିଷ୍ଠାକୁ ମଞ୍ଜୁରୀ




ନୂଆଦିଲ୍ଲୀ,୨୫/୦୭ (ଜେଏନ୍‌ଏସ୍): କେନ୍ଦ୍ର କ୍ୟାବିନେଟ୍ ଦେଶରେ ୩ଟି ବୃହତ ସ୍ୱତନ୍ତ୍ର କେମିକାଲ ପାର୍କ ପ୍ରତିଷ୍ଠା ପାଇଁ ଏକ ନୂତନ ମେଗା ଯୋଜନାକୁ ମଞ୍ଜୁରି ପ୍ରଦାନ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆର୍ଥିକ ବ୍ୟାପାର କମିଟି ବୈଠକରେ ଏହି 'ଭାରତ ଔଦ୍ୟୋଗିକ ବିକାଶ ଯୋଜନା (ଭବ୍ୟ) ରସାୟନ' ଯୋଜନାକୁ ଅନୁମୋଦନ ମିଳିଛି । ଭାରତକୁ ବିଶ୍ୱସ୍ତରୀୟ ରସାୟନ ଉତ୍ପାଦନର ହବ୍ କରିବା ଏବଂ 'ଆତ୍ମନିର୍ଭର ◥ ପୃଷ୍ଠା-୭

## ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ଯିବାକୁ ମନା



ଭୁବନେଶ୍ୱର, ୨୫/୦୭ (ଜେଏନ୍‌ଏସ୍): କ୍ରମାଗତ ବର୍ଷା ଏବଂ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ପାଣିପାଗ ସ୍ଥିତି ଯୋଗୁଁ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମତ୍ସ୍ୟଜୀବୀମାନଙ୍କୁ ଆସନ୍ତା ଜୁଲାଇ ୨୭ ପର୍ଯ୍ୟନ୍ତ ସମୁଦ୍ର ଭିତରକୁ ନଯିବା ପାଇଁ କଡ଼ା ଚେତାବନୀ ଜାରି କରାଯାଇଛି । ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଏବଂ ଓଡ଼ିଶା ଉପକୂଳରେ ବାୟୁମଣ୍ଡଳୀୟ ଚାପ ଯୋଗୁଁ ସମୁଦ୍ର ଅତ୍ୟନ୍ତ ଅଶାନ୍ତ ରହିଛି । ସମୁଦ୍ର ମଧ୍ୟରେ ଓ ଉପକୂଳବର୍ତ୍ତୀ ଅଞ୍ଚଳରେ ପବନର ବେଗ ଘଣ୍ଟାପ୍ରତି ୪୦ ରୁ ୫୦ କିଲୋମିଟର ଏବଂ କେତେକ ସ୍ଥାନରେ ଝଟକା ପବନର ବେଗ ୬୦ କିଲୋମିଟର ପର୍ଯ୍ୟନ୍ତ ବୃଦ୍ଧି ପାଇବାର ଆଶଙ୍କା ରହିଛି । ସମୁଦ୍ରରେ ବଡ଼ ବଡ଼ ଜୁଆର ଆସୁଥିବାରୁ ଏହି ◥ ପୃଷ୍ଠା-୭

ଜନବାର୍ତ୍ତା
ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

## ସ୍ୱାସ୍ଥ୍ୟସେବା ପାଇଁ ସମ୍ମାନିତ ହେଲେ ନୀଳଗିରି ବୋହୂ ଡ଼ଃ ରଞ୍ଜନା ଭଣ୍ଡାରୀ




ନୀଳଗିରି, ୨୫/୦୭ (ଜେଏନ୍‌ଏସ୍) : ଗ୍ରାମାଞ୍ଚଳ ମାନଙ୍କରେ ବିପଦପୂର୍ଣ୍ଣ ଗର୍ଭାବସ୍ଥା ପରୀକ୍ଷା ସହିତ ଏଚ୍‌ପିଭି ସଚେତନତା ପାଇଁ କାର୍ଯ୍ୟକରି ଗତ ଜୁଲାଇ ୧୮ ତାରିଖରେ ଦିଲ୍ଲୀଠାରେ ଭାରତୀୟ ଡାକ୍ତରୀ ସଂଘପକ୍ଷରୁ ପ୍ରଦତ୍ତ ବିଶିଷ୍ଟ ଡାକ୍ତର ସମ୍ମାନରେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଠାରୁ ସମ୍ମାନିତ ହୋଇଛନ୍ତି ନୀଳଗିରି ବୋହୂ ଡ଼ଃ ରଞ୍ଜନା ଭଣ୍ଡାରୀ। ଓଡ଼ିଶାର ବିଶିଷ୍ଟ ସ୍ନାୟୁରୋଗ ବିଶେଷଜ୍ଞ ତଥା ବାଲେଶ୍ୱର ମେଡିକାଲର କଲେଜର ପୂର୍ବତନ ଡିନ ପ୍ରଫେସର ପ୍ରତାପ ରଥଙ୍କ ସହଧର୍ମିଣୀ ହେଉଛନ୍ତି ଡଃ ଭଣ୍ଡାରୀ। ସେ ବର୍ତ୍ତମାନ କଟକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅତିରିକ୍ତ ନିର୍ଦ୍ଦେଶିକା ଭାବେ କାର୍ଯ୍ୟରତ ଅଛନ୍ତି। ଗ୍ରାମାଞ୍ଚଳରେ ପହଞ୍ଚି ମହିଳାମାନଙ୍କର ଗର୍ଭାବସ୍ଥା ପରୀକ୍ଷାକରିବା ସହିତ ସଚେତନ କରାଇବା ସହିତ ଶିଶୁମନ୍ଦିର, ଡିଏଭି ସ୍କୁଲ, ଜାଭିୟର, ବାକଲିସ୍, ଷ୍ଟିୱାର୍ଟ ସ୍କୁଲ, ଉର୍ଦ୍ଦୁ ସ୍କୁଲ, ରେଭେନ୍ସା କଲେଜିଏଟ୍ ସ୍କୁଲ ଭଳି ବିଭିନ୍ନ ବିଦ୍ୟାଳୟର ପିଲାମାନଙ୍କୁ ଏଚ୍ ପି ଭି ଭଳି ମାରାତ୍ମକ ରୋଗ ବିଷୟରେ ସଚେତନ କରିଥିବା ଜଣାଯାଇଛି। ଏଭଳି ସମ୍ମାନ ପାଇଥିବାରୁ ନୀଳଗିରି ତଥା ସମଗ୍ର ଓଡ଼ିଶାରୁ ପ୍ରଶଂସାର ସୁଅ ଛୁଟିଛି।

## ହରିଶଙ୍କରରୁ ଶ୍ରୀକ୍ଷେତ୍ର ଧାମ ପୁରୀକୁ ସିଧାସଳଖ ବସ୍ ସେବା ଆରମ୍ଭ



ପାଟଣାଗଡ଼, ୨୫/୦୭ (ଜେଏନ୍‌ଏସ୍) : ବଲାଙ୍ଗୀର ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ ହରିଶଙ୍କରରୁ ଶ୍ରୀଜଗନ୍ନାଥ ଧାମ ପୁରୀକୁ ସିଧାସଳଖ ବସ୍ ସେବାର ଆଜି ଶୁଭାରମ୍ଭ ହୋଇଛି। ମାନ୍ୟବର ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓ ସବୁଜ ପତାକା ଦେଖାଇ ଏହି ବସ୍ ସେବାର ଶୁଭ ଉଦ୍ଘାଟନ କରିଥିଲେ। ଏହି ନୂତନ ବସ୍ ସେବା ଆରମ୍ଭ ହେବା ଫଳରେ ବଲାଙ୍ଗୀର ସମେତ ସମଗ୍ର ପଶ୍ଚିମ ଓଡ଼ିଶାର ହଜାର ହଜାର ଶ୍ରଦ୍ଧାଳୁ ଏବେ ବିନା ଯାନ ପରିବର୍ତ୍ତନରେ ସିଧାସଳଖ ଭାବେ ଶ୍ରୀଜଗନ୍ନାଥ ଧାମ ପୁରୀକୁ ଯାତ୍ରା କରିପାରିବେ। ଏହା ଧାର୍ମିକ ପର୍ଯ୍ୟଟନକୁ ନୂଆ ଦିଗ ଦେବା ସହ ସାଧାରଣ ଯାତ୍ରୀଙ୍କ ଯାତାୟାତକୁ ମଧ୍ୟ ଅଧିକ ସୁଗମ ଓ ସୁବିଧାଜନକ କରିବ ବୋଲି ମତ ପ୍ରକାଶ ପାଇଛି। ଉଦ୍‌ଘାଟନୀ ଉତ୍ସବରେ ସ୍ଥାନୀୟ ଜନପ୍ରତିନିଧି, ପ୍ରଶାସନିକ ଅଧିକାରୀ, ବସ୍ ସେବା ସଂସ୍ଥାର ପ୍ରତିନିଧି, ବିଭିନ୍ନ ସାମାଜିକ ସଂଗଠନର ସଦସ୍ୟ ଏବଂ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଉପସ୍ଥିତ ରହି ଏହି ପଦକ୍ଷେପକୁ ସ୍ୱାଗତ କରିଥିଲେ। ସ୍ଥାନୀୟ ଲୋକଙ୍କ ମତରେ, ହରିଶଙ୍କର ପୀଠ ଓ ଶ୍ରୀଜଗନ୍ନାଥ ଧାମ ପୁରୀ ମଧ୍ୟରେ ସିଧାସଳଖ ବସ୍ ସେବା ଆରମ୍ଭ ହେବା ଫଳରେ କେବଳ ଧାର୍ମିକ ଯାତ୍ରା ନୁହେଁ, ବରଂ ପର୍ଯ୍ୟଟନ, ବାଣିଜ୍ୟ ଓ ଆଞ୍ଚଳିକ ସଂଯୋଗ ମଧ୍ୟ ଅଧିକ ସୁଦୃଢ଼ ହେବ। ଏହି ବସ୍ ସେବାକୁ ପଶ୍ଚିମ ଓଡ଼ିଶାର ଲୋକଙ୍କ ଦୀର୍ଘଦିନର ଦାବି ପୂରଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି।

- ସବୁଜ ପତାକା ଦେଖାଇ ଉଦ୍‌ଘାଟନ କଲେ କେ.ଭି. ସିଂଦେଓ
- ପଶ୍ଚିମ ଓଡ଼ିଶାର ଶ୍ରଦ୍ଧାଳୁଙ୍କ ପାଇଁ ଐତିହାସିକ ସଂଯୋଗ

## ରାହୁଲ ଗାନ୍ଧୀଙ୍କ ମନ୍ତବ୍ୟର ପ୍ରତିବାଦ, ଆଠମଲ୍ଲିକ ବିଜେପିର ସୋଭାଯାତ୍ରା




ଆଠମଲ୍ଲିକ, ୨୫/୦୭ (ଜେଏନ୍‌ଏସ୍) : କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବୀ କରି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଦେଇଥିବା ଅଶାଳୀନ ମନ୍ତବ୍ୟକୁ ନେଇ ବିଜେପି ମହଲରେ ପ୍ରତିକ୍ରିୟା ସୃଷ୍ଟି ହୋଇଛି । ଏହିପରି କଟୁ ମନ୍ତବ୍ୟକୁ ବିରୋଧ କରି ପୂର୍ବତନ ମନ୍ତ୍ରୀ ସଞ୍ଜୀବ କୁମାର ସାହୁ ଙ୍କ ନେତୃତ୍ୱରେ ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀ ର ବହୁ ବିଜେପି ନେତା ଏକତ୍ରିତ ହୋଇ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା ଆୟୋଜନ କରିଥିଲେ । ଏହି ପ୍ରତିବାଦ ସଭାରେ ପୂର୍ବତନ ମନ୍ତ୍ରୀ ସଞ୍ଜୀବ କୁମାର ସାହୁ, ପୂର୍ବତନ ବିଧାୟକ ରମେଶ ସାଏ, ପୂର୍ବତନ ଏନ ଏ ସି ଚେୟାରମ୍ୟାନ ତଥା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଆଠମଲ୍ଲିକ ନଗର ପ୍ରତିନିଧି ସନ୍ତୋଷ କୁମାର ହୋତା, ପୂର୍ବତନ ବିଜେପି ଜିଲ୍ଲା ସଭାପତି ଦିଲେଶ୍ୱର ପ୍ରଧାନ, ବିଜେପି ନେତା ଚିତ୍ତରଞ୍ଜନ ମେହେର, ଭବାନୀ ପ୍ରସାଦ ଜ୍ୟୋତିଷ ରାୟ, ପ୍ରମୁଖ ଅନୁଗୁଳ ମାଟିର ପୁଅ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନୂତନ ଶିକ୍ଷା ନୀତି ଦେଶ ରେ ଆଦୃତ ହୋଇଥିବା ବେଳେ ଶିକ୍ଷା ମନ୍ତ୍ରୀ ଙ୍କ ଇସ୍ତଫା ଦାବୀ କରିବା ଅଜଥାର୍ଥ ବୋଲି କହିବା ସହିତ ବିରୋଧୀ ଦଳକୁ ନିନ୍ଦା କରିଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମରେ ସାଂସଦଙ୍କ ପ୍ରତିନିଧି ସରୋଜ ସାହୁ, ପ୍ରକାଶ ସାହୁ,ବିଜେପି ନେତା ଅର୍ଜୁନ ସାହୁ, କାଉନସିଲର ନୂତନ ବେହେରା, ସରପଞ୍ଚ ଭରତ ସାହୁ, ସିଦ୍ଧାର୍ଥ କ୍ଷେତି, ରାଜେଶ ମିଶ୍ର, ସୁଶାନ୍ତ ହୋତା, ଜ୍ଞାନ ରଞ୍ଜନ ପ୍ରଧାନ, ଅବନୀ ପ୍ରଧାନ, ଅର୍ଜୁନ ରାଉଳ, ବିଦ୍ୟୁତ ପାଣିଗ୍ରାହୀ, ମନୋଜ ପ୍ରଧାନ, ରମେଶ ଗୋପାଳଙ୍କ ସମେତ ବହୁ ବିଜେପି କର୍ମୀ ଉପସ୍ଥିତ ଥିଲେ । ଶେଷରେ ରାହୁଲ ଗାନ୍ଧୀ ଓ ନବୀନ ପଟ୍ଟନାୟକଙ୍କ କୁଶ ପୁତ୍ତଳିକା ଦାହ କରା ଯାଇଥିଲା ।

## କୋରାପୁଟ ଜିଲ୍ଲାରେ ବୃଦ୍ଧି ପାଉଛି ମ୍ୟାଲେରିଆ

# ୬ ମାସରେ ପ୍ରାୟ ୪୦ହଜାର ପଜିଟିଭ୍

 କୋରାପୁଟ, ୨୫/୭ (ଶରତ ନାୟକ) : ଦୀର୍ଘ ବର୍ଷ ପରେ ଅବିଭକ୍ତ କୋରାପୁଟ ଜିଲ୍ଲାରେ ପୁଣି ମେଲେରିଆର ପାଦୁର୍ଭାବ ଦେଖିବାକୁ ମିଳିଛି। ଅବିଭକ୍ତ କୋରାପୁଟ ଜିଲ୍ଲାରେ ମ୍ୟାଲେରିଆ ଜ୍ୱର ପାଦୁର୍ଭାବ ଏଭଳି ଥିଲା ଯେ କୋରାପୁଟ ଜିଲ୍ଲାର ଲକ୍ଷ୍ମୀପୁର, ନାରାୟଣପାଟଣା, ବନ୍ଧୁଗାଁ ଦଶମନ୍ତପୁର, ନନ୍ଦପୁର, ପଟାଙ୍ଗି ବ୍ଲକ ଓ ରାୟଗଡା ଜିଲ୍ଲାର କାଶୀପୁର ଚନ୍ଦ୍ରପୁର ଆଦି ଦୁର୍ଗମ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ହଜାର ହଜାର ଲୋକ ମେଲେରିଆରେ ଆକ୍ରାନ୍ତ ହେଉଥିବା ବେଳେ ଶହ ଶହ ଲୋକଙ୍କ ମୃତ୍ୟୁ ହେଉଥିଲା। ଏପରିକି ମେଲେରିଆ ଭୟରେ ଅନ୍ୟ ଜିଲ୍ଲାରୁ ଲୋକ ମାନେ ଯେଉଁ ମାନେ କି ଚାକିରୀ ପାଉଥିଲେ ସେମାନେ ଆସୁଥିଲେ। ତେବେ ପ୍ରାୟ ଦୁଇ ଦଶନ୍ଧି ହେବ ଏହା ନିୟନ୍ତ୍ରଣକୁ ଆସିଥିଲା। କିନ୍ତୁ ବର୍ତ୍ତମାନ ଏହାରର ପାଦୁର୍ଭାବ ବୃଦ୍ଧି ପାଇଥିବା କାରଣରୁ ସ୍ୱାସ୍ଥ୍ୟ ବିଭାଗର ଚିନ୍ତା ବଢ଼ି ଯାଇଛି।

ଜଙ୍ଗଲ ପାହାଡ଼ ଘେରା ଆଦିବାସୀ ଅଧ୍ୟୁଷିତ କୋରାପୁଟରେ ଜିଲ୍ଲାରେ ମ୍ୟାଲେରିଆ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଯାହା ନିୟନ୍ତ୍ରଣ ବାହାରେ। ଇତି ମଧ୍ୟରେ ଦୁଇ ଜଣ ଆଶ୍ରମ ସ୍କୁଲ ଛାତ୍ରଙ୍କ



ମ୍ୟାଲେରିଆରେ ମୃତ୍ୟୁ ହେବା ଚିନ୍ତାର ବିଷୟ ହୋଇଛି । ବର୍ଷାଦିନେ କମ୍ ବର୍ଷା ଓ ତାପମାତ୍ରା ବୃଦ୍ଧି ଯୋଗୁଁ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ବଢ଼ି ଚାଲିଛି। ଡାଳିଅଣା ପରିବେଶ ମଶାବଂଶ ବୃଦ୍ଧିରେ ପାଇଁ ସୁହାଉଛି । ଯେଉଁଥିପାଇଁ ଜୁନ୍‌ରୁ ଅକ୍ଟୋବର ମଧ୍ୟରେ ମ୍ୟାଲେରିଆର ଅତ୍ୟଧିକ ରହୁଛି। ତଥ୍ୟ ଅନୁଯାୟୀ ୬ ମାସ ମଧ୍ୟରେ ଜିଲ୍ଲାରେ ୨୦ ହଜାର ରକ୍ତନମୁନା ପରୀକ୍ଷାରୁ ୩୦୮୧ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ମୋଟ ପଜିଟିଭ୍‌ଙ୍କ ମଧ୍ୟରୁ କେବଳ ବନ୍ଧୁଗାଁ ବ୍ଲକ୍‌ରେ ୪୦ ପ୍ରତିଶତ ଅର୍ଥାତ୍, ୧୧୮୨ ଆକ୍ରାନ୍ତ ରହିଛନ୍ତି।

ସୂଚନା ମୁତାବକ, ଜିଲ୍ଲାରେ ବନ୍ଧୁଗାଁ ଓ ନାରାୟଣପାଟଣା ବ୍ଲକ୍ ଏବେ ମ୍ୟାଲେରିଆ ହଟସ୍ପଟ୍ ପାଲଟିଛି। ଗତ ୪୫ ଦିନ ମଧ୍ୟରେ ବନ୍ଧୁଗାଁ ବ୍ଲକରୁ ୪୭୭ ମ୍ୟାଲେରିଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେହିପରି ନାରାୟଣପାଟଣା ବ୍ଲକ୍‌ରୁ ଗତ ୬ ମାସରେ ୪୮୦ ମ୍ୟାଲେରିଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଜିଲ୍ଲାର ୧୪ ବ୍ଲକ୍‌ରୁ ୯ ବ୍ଲକ୍ ବଣ, ପାହାଡ଼ ଘେରା। ଅଧିକାଂଶ ଗାଁ ନିକଟରେ ଝରଣା, ଜଙ୍ଗଲ ଓ ଜଳାଶୟ ରହିଥିବାରୁ ମଶା ବଂଶ ବୃଦ୍ଧି ପାଉଛି। ଲମତାପୁଟ, ବନ୍ଧୁଗାଁ, ନାରାୟଣପାଟଣା, ଦଶମନ୍ତପୁର, ଲକ୍ଷ୍ମୀପୁର, ପଟାଙ୍ଗି ଓ ବୈପାରୀଗୁଡ଼ା ବ୍ଲକ୍‌ରେ ମଧ୍ୟ ଆକ୍ରାନ୍ତଙ୍କ ସଂଖ୍ୟା କିଛି କମ୍ ନୁହେଁ। ଗତ ୫ ବର୍ଷର ରିପୋର୍ଟକୁ ଅନୁଧ୍ୟାନ କଲେ ୩ ବର୍ଷ ହେଲା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ୨୦୨୧ରେ ଜିଲ୍ଲାରୁ ୨୪୧୬ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ୨୦୨୨ରେ ୨୮୩୦, ୨୦୨୩ରେ ସଂଖ୍ୟା ୩ ଗୁଣକୁ ବୃଦ୍ଧି ପାଇ ଆକ୍ରାନ୍ତଙ୍କ ସଂଖ୍ୟା ୭୦୦୭ରେ ପହଞ୍ଚିଥିଲା। ୨୦୨୪ରେ ପୁଣି ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ୯୪୫୧ ହୋଇଥିବା ବେଳେ ୨୦୨୫ରେ ଆକ୍ରାନ୍ତଙ୍କ ସଂଖ୍ୟା ୬୯୫୦କୁ ଖସି ଆସିଥିଲା। ଦମନ ଓ ସଚେତନତା କାର୍ଯ୍ୟକ୍ରମ ଯୋଗୁଁ ଆକ୍ରାନ୍ତଙ୍କ ସଂଖ୍ୟା ହ୍ରାସ ପାଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ଜିଲ୍ଲାରେ ମ୍ୟାଲେରିଆକୁ ଦମନ ପାଇଁ ବ୍ୟାପକ ସଚେତନତା ସହ ସମୂହ ସ୍କ୍ରିନିଂ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ପ୍ରତି ପରିବାରକୁ ମଶାରୀ ବଣ୍ଟନ କରାଯାଇଛି। ଆଶା, ଅଙ୍ଗନବାଡ଼ି ଓ ସ୍ୱାସ୍ଥ୍ୟକର୍ମୀ ଲୋକଙ୍କୁ ସଚେତନ କରିବା ସହ ସ୍ଥିତି ଉପରେ ନଜର ରଖିବାକୁ ନିର୍ଦ୍ଦେଶ ହୋଇଛି।

## ଗାଡ଼ି ଦୁର୍ଘଟଣାରେ ଦୁଗ୍ଧ ଚାଷୀ ମୃତ

ଆଠମଲ୍ଲିକ, ୨୫/୦୭ (ଜେଏନ୍‌ଏସ୍) : ଆଠମଲ୍ଲିକ ଥାନା ଅନ୍ତର୍ଗତ ବାହାଳୀ ଗ୍ରାମରେ ବୁଧବାର ସନ୍ଧ୍ୟାରେ ଏକ ପିକଅପ ଗାଡି ଦୁର୍ଘଟଣାରେ ଜୈନେକ ଦୁଗ୍ଧଚାଷୀ ତ୍ରିନାଥ ନାଏକ(୫୬)ଙ୍କ ମୃତ୍ୟୁ ଘଟିଥିବା ଜଣାଯାଇଛି । ଉତ୍ତ୍ୟକ୍ତ ଗ୍ରାମବାସୀ ମୃତଦେହକୁ ରାସ୍ତା ଉପରେ ରଖି ରାସ୍ତାରୋକ କରିଥିଲେ । ଖବର ପାଇ ସ୍ଥାନୀୟ ତହସିଲଦାର ପ୍ରସନ୍ନ ଟେଟେ, ଆଠମଲ୍ଲିକ ଥାନା ଭାରପ୍ରାପ୍ତ ଅଧିକାରୀ ପି ସ୍ୱରୂପ କିସାନ ଘଟଣା ସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାସୁଝା କରିଥିଲେ। ତହସିଲଦାର ମୃତ ତ୍ରିନାଥର ପରିବାରକୁ ରେଡ଼କ୍ରସରୁ ୧୦ ହଜାର ଟଙ୍କା ଅନୁଦାନ ପ୍ରଦାନ କରିଥିଲେ । ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି । ଦୁର୍ଘଟଣା ଘଟାଇଥିବା ପିକଅପ ଭ୍ୟାନ ଗାଡ଼ିକୁ ପୁଲିସ ଜବତ କରି ତଦନ୍ତ କରୁଥିବା ଜଣାଯାଇଛି । ପୂର୍ବତନ ବ୍ଲକ ଅଧ୍ୟକ୍ଷ ଚିତ୍ତରଞ୍ଜନ କର୍ଣ୍ଣଙ୍କ ନେତୃତ୍ୱରେ ମୃତକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀଙ୍କ କଲ୍ୟାଣ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ଅନୁଦାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଏକ ଦାବିପତ୍ର ତହସିଲଦାରଙ୍କ ମାଧ୍ୟମରେ ପ୍ରଦାନ କରାଯାଇଥିବା ଜଣାଯାଇଛି ।

**୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବୀରେ ରାସ୍ତାରୋକ**

## ବରଯାତ୍ରୀ ହେଲା କାଳ
## ଅକାଳରେ ଚାଲିଗଲା ପାଞ୍ଚ ଜୀବନ



ଢେଙ୍କାନାଳ, ୨୫/୦୭ (ଜେଏନ୍‌ଏସ୍) : ଢେଙ୍କାନାଳ ଜିଲ୍ଲାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୫ ଜଣ ବରଯାତ୍ରୀ ଯୁବକଙ୍କର ଅକାଳରେ ଜୀବନ ଚାଲିଯାଇଛି। ବିବାହ ଉତ୍ସବର ହସଖୁସି ମଧ୍ୟରେ ଏହି ଅଭାବନୀୟ ଘଟଣା ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳାଇ ଦେଇଛି। ଢେଙ୍କାନାଳ ସଦର ଥାନା ଅନ୍ତର୍ଗତ ଇନ୍ଦୁପୁର-ଛାଟିଆ ଗ୍ରାମ ନିକଟରେ ଏହି ଅଘଟଣ ଘଟିଛି। ବାଙ୍ଗୁରସିଂହ ଗ୍ରାମରୁ ବରଯାତ୍ରୀ ଯୋଗଦେବା ପାଇଁ ଏକ ମହିନ୍ଦ୍ରା ଏକ୍ସୟୁଭି କାର୍‌ରେ ୭ ଜଣ ଯୁବକ ଇନ୍ଦୁପୁର ଯାଉଥିଲେ. ଅନ୍ଧାର ରାତିରେ ଗାଡ଼ିଟି ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଏକ ପୋଖରୀ/ନାଳ ଭିତରକୁ ପଶିଯାଇଥିଲା। ପାଣି ଭିତରେ ଗାଡ଼ିର କବାଟ ଖୋଲି ନପାରିବାରୁ ଗାଡ଼ି ଭିତରେ ହିଁ ଶ୍ୱାସରୁଦ୍ଧ ହୋଇ ୫ ଜଣଙ୍କର ପ୍ରାଣହାନି ଘଟିଥିଲା।

ଦୁର୍ଘଟଣାରେ ପ୍ରାଣ ହରାଇଥିବା ଯୁବକମାନେ ହେଲେ ରାମ ସାହୁ, ଅବିନାଶ ସାହୁ (୨୬), ରାକେଶ କୁମାର ସାହୁ (୨୫), ଚନ୍ଦ୍ରକାନ୍ତ ସ୍ୱାଇଁ (୨୭) ଏବଂ ବରଙ୍କର ଜଣେ ମାଉସୀପୁଅ ଭାଇ। ଗାଡ଼ିରେ ଥିବା ଅନ୍ୟ ୨ ଜଣ ଯୁବକ କୌଣସି ମତେ ବାହାରକୁ ଆସି ଗ୍ରାମବାସୀଙ୍କୁ ସାହାଯ୍ୟ ମାଗିଥିଲେ, ଯାହାଫଳରେ ସେମାନଙ୍କ ଜୀବନ ରକ୍ଷା ହୋଇପାରିଛି। ସ୍ଥାନୀୟ ଲୋକଙ୍କ ସହାୟତାରେ ପୋଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହଗୁଡ଼ିକୁ ଉଦ୍ଧାର କରିଥିଲେ। ଶବଗୁଡ଼ିକୁ ବ୍ୟବଚ୍ଛେଦ ପାଇଁ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି ଏବଂ ପୋଲିସ ଘଟଣାର ଅଧିକ ତଦନ୍ତ କରୁଛି।

## କୋଇଡ଼ା ଡିଗ୍ରୀ ମହାବିଦ୍ୟାଳୟରେ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

କୋଇଡ଼ା, ୨୫/୦୭ (ଜେଏନ୍‌ଏସ୍) : କୋଇଡା ଡିଗ୍ରୀ ମହାବିଦ୍ୟାଳୟରେ ଆତ୍ମ ସୁରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷ୍ୟା ବିଭାଗ ନିର୍ଦ୍ଦେଶ ଅନୁଯାଇ ମହାବିଦ୍ୟାଳୟର ଶକ୍ତିଶ୍ରୀ ବିଭାଗ ଦ୍ୱାରା ଏହି କାର୍ଯ୍ୟକ୍ରମ ବରିଷ୍ଠ ଅଧ୍ୟାପକ ଶ୍ରୀଯୁକ୍ତ ଶିତିକଣ୍ଠ ଦାଶମହାପାତ୍ର ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି କୋଇଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରଯୁକ୍ତ ଧନଞ୍ଜୟ ସାହୁ ଯୋଗ ଦାନ କରି ଛାତ୍ରୀ ଆତ୍ମସୁରକ୍ଷ୍ୟା ସମ୍ପର୍କିତ ଆଇନି ଓ ଆବଶ୍ୟକତା ସମ୍ବନ୍ଧରେ ଅଭିଭାଷଣ ରଖିଥିଲେ । ମୁଖ୍ୟବକ୍ତା ବରିଷ୍ଠ ଅଧ୍ୟାପକ ଶ୍ରୀଯୁକ୍ତ ପ୍ରଦୀପ କୁମାର ପଟ୍ଟନାୟକ, ସଂଯୋଜିକା ଅଧ୍ୟାପିକା ଶ୍ରୀମତୀ ଲକ୍ଷ୍ମୀ ରାୟ ଓ ଅଧ୍ୟାପକ ଶ୍ରୀମାନ ସଞ୍ଜୟ କୁମାର ଦାଶ ସାମ୍ପ୍ରତିକ ପରିସ୍ଥିତି ରେ ଛାତ୍ରୀ ଆତ୍ମସୁରକ୍ଷ୍ୟା ର ବିଭିନ୍ନ ଦିଗ ସମ୍ବନ୍ଧରେ ଆଲୋକ ପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଶ୍ରୀଯୁକ୍ତ ସମ୍ବିତ କୁମାର ମହାନ୍ତି ଯୋଗ ଦେଇ ଛାତ୍ରୀ ସୁରକ୍ଷା, ମହାବିଦ୍ୟାଳୟର ଶକ୍ତିଶ୍ରୀ ବିଭାଗ ଓ ଅଭ୍ୟନ୍ତରଣ ଅଭିଯୋଗ ବିଭାଗ ବିଷୟରେ ଛାତ୍ରୀମାନଙ୍କୁ ସଚେତନ କରାଇଥିଲେ । ପ୍ରଶିକ୍ଷିକା କୁମାରୀ ସୀମା ଟପନୋ, ୬ଦିନ ଧରି ଚାଲିବାକୁ ଥିବା ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଆତ୍ମ ସୁରକ୍ଷାର ବିଭିନ୍ନ କୌଶଳର ପ୍ରଦର୍ଶନ କରିଥିଲେ।

## ଜାମିନରେ ଗଲେ ବିବାଦୀୟ ରେଞ୍ଜର ସୁବ୍ରତ ବେହେରା

ନୀଳଗିରି, ୨୫/୭ (ଜେଏନ୍‌ଏସ୍) : ଗାଡି ଓଭରଟେକକୁ ନେଇ ନୀଳଗିରିର ତତ୍କାଳୀନ ରେଞ୍ଜର ସୁବ୍ରତ ବେହେରା ଓ ବାଲେଶ୍ୱର ବନଖଣ୍ଡ କାର୍ଯ୍ୟାଳୟରେ ଅବସ୍ଥାପିତ ଫରେଷ୍ଟଗାର୍ଡ ପଦ୍ମଲୋଚନ ପାତ୍ରଙ୍କ ମଧ୍ୟରେ ଉପୁଜିଥିବା ବିବାଦକୁ ନେଇ ବରହମପୁର ଥାନାରେ ଏତଲା ଓ ପ୍ରତି ଏତଲା ରୁଜୁ ହୋଇଥିଲା। ଯାହାକୁ ନେଇ ବିବାଦୀୟ ରେଞ୍ଜରଙ୍କୁ ଗିରଫ କରିବାକୁ ବରହମପୁର ଥାନାର ତତ୍କାଳୀନ ଆଇ ଆଇ ସି ପ୍ରେମଦା ନାୟକ ଟାଳଟୁଳ ନୀତି ଅବଲମ୍ବନ କରିଆସୁଥିଲେ । ଆଇ ଆଇ ସି ପ୍ରେମଦା ନାୟକଙ୍କ ବଦଳି ହେବାପରେ ଏହାର ସୁଯୋଗନେଇ ରେଞ୍ଜର ଶ୍ରୀ ବେହେରା ମାନ୍ୟବର ଓଡ଼ିଶା ଉଚ୍ଚନ୍ୟାୟାଳୟରେ ଆଗୁଆ ଜାମିନ ଆଦେଶପ୍ରାପ୍ତ ପରେ ନୀଳଗିରିର ମାନ୍ୟବର ଏସ୍ ଡି ଜେ ଏମ୍ ଙ୍କ ଅଦାଲତରେ ଆଜି ୨୨ଜୁଲାଇରେ ଜାମିନରେ ଯାଇଛନ୍ତି। ତେବେ ତାଙ୍କ ନାମରେ ବହୁ ମୋକଦ୍ଦମା ଏବେବି ବିଭିନ୍ନ ଥାନାରେ ପଡିରହିଥିବା ବେଳେ ସେ ପୁଣି କେବେ ଜାମିନରେ ଯିବେ ନା ପୋଲିସ ତାଙ୍କୁ ଗିରଫକରିବ ତାକୁ ନେଇ ଦ୍ୱନ୍ଦ ଦେଖାଦେଇଛି । ପୂର୍ବରୁ ଆଠଗଡରେ ରେଞ୍ଜର ଥିବାବେଳେ ଏକ ନରହତ୍ୟା ମାମଲାରେ ଜେଲଯାଇ ଫେରିଥିବାବେଳେ ଓ ତାହା ବିଚାରାଧୀନ ଥିବାବେଳେ ତାଙ୍କ ନାମରେ ଗୋଟାଏ ପରେ ମୋକଦ୍ଦମା ଯୋଡ଼ି ହୋଇଚାଲିଛି। ଏଭଳି ବିବାଦୀୟ ରେଞ୍ଜରଙ୍କ ପ୍ରତି ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବାରୁ ରାଜ୍ୟର ବିଭିନ୍ନ ସ୍ଥାନରେ ଧୀରେଧୀରେ ଜନଅସନ୍ତୋଷ ବୃଦ୍ଧିପାଇଥିବା ଦେଖାଦେଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ଶିକାରୀମାନଙ୍କୁ ଗିରଫକରିବା ଓ ସେମାନଙ୍କ ମୋବାଇଲକୁ ଜବତ କରି ସେହି ମୋବାଇଲ ନମ୍ବରରୁ ହ୍ୱାଟସଫ କ୍ରିଏଟକରି ନୀଳଗିରିର ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ମାନଙ୍କୁ



ପଠାଇବା ଏବଂ ରତିକାନ୍ତ ପରିଡ଼ା ନାମକ ଜୈନିକ ସୂଚନାକର୍ମୀଙ୍କ ଜାଲ ଦସ୍ତଖତ ଓ ଭୋଟର ପରିଚୟପତ୍ରକୁ ସଂଯୋଗକରି ପୂର୍ବର ଡି ଏଫ୍ ଓ ପ୍ରଫୁଲ୍ଲ ମଲ୍ଲିକଙ୍କ ବିରୋଧରେ ନାନାଦି ସମ୍ବେଦନଶିଳ ବାର୍ତ୍ତାପଠାଇ ଶ୍ରୀ ପରିଡ଼ାଙ୍କ ସଂପୃକ୍ତିନେଇ ଅପପ୍ରଚାର କରିବା କାରଣରୁ ଗତ ୨୬.୪.୨୦୨୬ତାରିଖରେ ବରହମପୁର ଥାନାରେ ଶ୍ରୀ ପରିଡା ଏତଲା ଦେବାସହିତ ଡି ଏଫ ଓଙ୍କ ଠାରେ ଅଭିଯୋଗ କରିଥିଲେ। ଶ୍ରୀ ପରିଡ଼ାଙ୍କ ଅଭିଯୋଗ ମୂଳେ ଡି ଏଫ୍ ଓ ଏସିଏଫ୍‌ଓ ତଟିନୀ ସେଠୀଙ୍କୁ ତଦନ୍ତ କରିବାକୁ ଦାୟୀତ୍ୱ ଦେଇଛନ୍ତି। ଅଭିଯୋଗ ଭିତ୍ତିରେ ଶ୍ରୀ ପରିଡ଼ାଙ୍କୁ ଡକାଯାଇ ଏସସିଏଫ୍ ତଟିନୀ ସେଠୀ ତଦନ୍ତକରିଥିବା ବେଳେ ଅଦ୍ୟାବଧି ପର୍ଯ୍ୟନ୍ତ ଅନ୍ୟ ପକ୍ଷକୁ ଡ଼କାଯାଇ ତଦନ୍ତନକରି ମାସମାସ ଗଡ଼ାଇ ଚାଲିବା କେଉଁଠି ନା କେଉଁଠି ତଦନ୍ତକୁ ବାଟବଣା କରିବାର ଯୋଜନା ରଚାଯାଉଥିବାର ଅଭିଯୋଗ ଉଠିଛି। 'କିଚକ ବାହୁବଳେ ବିରାଟ ରାଜା' ଭଳି ରେଞ୍ଜର ସୁବ୍ରତ କୁମାର ବେହେରାଙ୍କ ଉପରମହଲାରେ ହାତଥିବାରୁ ଘଟଣାକୁ ଚାପିଦେବାକୁ ଷଡ଼ଯନ୍ତ୍ର କରାଯାଉଥିବା ଶୁଣିବାକୁ ମିଳେ। ତେବେ କେବେ ସରିବ ତଦନ୍ତ ? ଏବଂ ଦୋଷୀଙ୍କ ବିରୁଦ୍ଧରେ କେବେହେବ କାର୍ଯ୍ୟାନୁଷ୍ଠନ ତାକୁ ନେଇ ସମସ୍ତଙ୍କର ଅପେକ୍ଷା।

## ହିଡିସିଂହ ଏକ ଜନ ଆନ୍ଦୋଳନ
## ବିସ୍ଥାପିତଙ୍କ ସମସ୍ୟା ରହିବ ନାହିଁ -ବିଧାୟକ

ଅନୁଗୁଳ, ୨୫/୦୭ (ବିଜୟ କୁମାର ସ୍ୱାଇଁ) : ଅନୁଗୁଳର ଜୀବନ ରେଖା ହିଡିସିଂହ ଜଳପ୍ରକଳ୍ପ ଚାରି ଦଶନ୍ଧିର ଜନ ଆନ୍ଦୋଳନ। ଏହି ଦଶନ୍ଧି ଦଶନ୍ଧିର ଦାବୀ ପୁରଣ ଦିଗରେ ସରକାରୀ ସ୍ତରରେ ପ୍ରାୟତଃ ତତ୍ପରତା ପ୍ରକାଶ ପାଇଛି। ଗତ ଆଠ ତାରିଖରେ ଏଥିପାଇଁ ପରିବେଶ ସଂପର୍କିତ ଜନ ଶୁଣାଣି ପ୍ରକଳ୍ପ ପ୍ରସ୍ତାବିତ କରଡ଼ାସିଂହଠାରେ ଅନୁଷ୍ଠିତ ହୋଇଥିଲା। ଏହି ମଧ୍ୟମ ଜଳ ଭଣ୍ଡାର ଦ୍ୱାରା ମୁଖ୍ୟତଃ ଅନୁଗଳ ବ୍ଲକର ପ୍ରାୟ ତିନି ହଜାର ହେକ୍ଟର ଚାଷ ଜମିକୁ ଜଳ ସେଚନର ସୁବିଧା ମିଳି ପାରିବ। ଏହା ସହିତ ଅନୁଗଳ ସହରର ପାନୀୟ ଜଳ ସମସ୍ୟା ଦୂର ହେବା ସହିତ ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପର ବନ୍ୟ ଜୀବମାନଙ୍କ ପକ୍ଷେ ବେଶ ସହାୟକ ହେବ। ଅନୁଗୁଳ ବ୍ଲକ ଅନ୍ତର୍ଗତ ନନ୍ଦପୁର ପଂଚାୟତର ହିଡିସିଂହଠାରେ ନନ୍ଦିରା ନାଳରେ ପ୍ରବାହିତ ଜଳକୁ ବନ୍ଧ ନିର୍ମାଣ କରାଯିବା ପାଇଁ ଚାଳିଶ ବର୍ଷ ପୁର୍ବରୁ ଅଂଚଳ ବାସୀଙ୍କ ମନରେ ଭାବନା ଉଦ୍ରେକ ହୋଇଥିଲା। ସେତେବେଳେ ଜନତାଙ୍କ ଏହି ଭାବନାକୁ ରାଜ ନେତାମାନେ ନିର୍ବାଚନୀ ପ୍ରସଙ୍ଗ ମଧ୍ୟରେ ସିମୀତ ରଖିଥିଲେ। କିନ୍ତୁ ୨୦୦୨ ମସିହାରେ ସମବାୟ ଚାକିରୀରୁ ଅବଶର ନେଇଥିବା ପୋକୁଡୁଙ୍ଗା ଗ୍ରାମର ସ୍ୱର୍ଗତଃ ବେଣୁଧର ପ୍ରଧାନ ଏବଂ ନନ୍ଦପୁର ଗ୍ରାମର ସ୍ୱର୍ଗତଃ ଦୈତାରୀ ପ୍ରଧାନ ଏହି ବନ୍ଧ ନିର୍ମାଣ ଦାବୀ ପାଇଁ ଜନ ଆନ୍ଦୋଳନର ମୁଳଦୁଆ ପକାଇ ଥିଲେ। ସେମାନଙ୍କ ପେନସନ ଟଙ୍କାରେ ଗାଁ ଗାଁ ବୁଲି ଅଞ୍ଚଳବାସୀଙ୍କୁ ସଂଗଠିତ କରିଥିଲେ। ଏହା ଦ୍ୱାରା ବନ୍ଧ ସଂପର୍କରେ ଜନ ସମର୍ଥନ ଯୋର୍‌ଦାର ହୋଇଥିଲା। ଏହି ପରିପ୍ରେକ୍ଷୀରେ ସେମାନଙ୍କ ନେତୃତ୍ୱରେ ଏକ ବଡ଼ଧରଣର ଜନ ଆନ୍ଦୋଳନ ଗଢ଼ି ଉଠିଥିଲା। ଅଞ୍ଚଳର ପ୍ରାୟ ଦଶ ହଜାରରୁ ଉର୍ଦ୍ଧ୍ୱ ଅନୁଗୁଳ ଜିଲ୍ଲାପାଳଙ୍କ ନିକଟରେ ପହଞ୍ଚି



ହିଡିସିଂହ ଜଳପ୍ରକଳ୍ପ ଦାବୀ ଉପସ୍ଥାପନ କରିଥିଲେ। ଏହି ବିଶାଳ ଜନ ସମର୍ଥନ କୁ ହୃଦୟଙ୍ଗମ କରିଥିଲେ ଅନୁଗୁଳର ତତ୍‌କାଳୀନ ଜିଲ୍ଲାପାଳ ଶ୍ରୀ ଅରବିନ୍ଦ ପାଢ଼ି। ସେହି ଠାରୁ ସରକାରୀ ସ୍ତରରେ ହିଡିସିଂହ ବନ୍ଧ ନିର୍ମାଣ ଦିଗରେ ବିଧିବଦ୍ଧ ଭାବରେ ତତ୍ପରତା ପ୍ରକାଶ ପାଇଥିଲା। ପରବର୍ତ୍ତୀ ସମୟରେ ଗତ ସରକାର ଅମଳରେ ସ୍ଥାନୀୟ ତତ୍‌କାଳୀନ ବିଧାୟକଙ୍କ ଉଦ୍ୟମ ଯୋଗୁଁ ଅନୁଗୁଳରେ ହିଡିସିଂହ ବନ୍ଧ ପାଇଁ ଏକ ସ୍ୱତନ୍ତ୍ର ଅଫିସ ଖୋଲାଗଲା। ଏହି ଅନୁସଂଧାନ ଅଫିସରେ ମୋଟ ବାରଜଣ ଯନ୍ତ୍ରୀଙ୍କ ସ୍ଥାନରେ ମାତ୍ର ଚାରିଜଣ ଯନ୍ତ୍ରୀ ଏବେ କାମ କରୁଛନ୍ତି। ଏହାରି ମଧ୍ୟରେ ପ୍ରକଳ୍ପର ସମସ୍ତ ତଥ୍ୟ ପାଇଁ ଖୋଦ ମୁଖ୍ୟ ଯନ୍ତ୍ରୀ ଜଣେ କନିଷ୍ଠ ଯନ୍ତ୍ରୀଙ୍କ ଉପରେ ନିର୍ଭର କରିବା ବେଶ ଆଲୋଚ୍ୟର ବିଷୟ ଅଟେ। ନିଜ ଅଞ୍ଚଳର ପ୍ରକଳ୍ପକୁ ସବୁ ମତେ ଉଦ୍ୟମ କରୁଥିବା କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟକଳାପ ସଫଳତାର ପ୍ରଥମ ଶ୍ରେୟ ଅଟେ। ଗତ ଚାଳିଶ ବର୍ଷ ତଳେ ବନ୍ଧ ପାଇଁ ଅନ୍ଦୋଳନ ସମୟର ଅନୁଚିନ୍ତା ତଥା ତ୍ୟାଗ ମନୋଭାବରେ ଏବେ ପରିବର୍ତନ ଦେଖା ଦେଇଛି। ବ୍ୟକ୍ତି ଗତ ଲାଭ କ୍ଷତିର ହିସାବ ନିକାଶ ଆରମ୍ଭ ହୋଇଛି। ସାମୁହିକ କଲ୍ୟାଣ ଉଦ୍ଦେଶ୍ୟରେ ଭିଟା ମାଟି ହରାଉ ଥିବା ପ୍ରଜା ନିଜ ସମସ୍ୟାର ସମାଧାନ ପାଇଁ ଦାବୀ କରିଛନ୍ତି। ଅତୀତକୁ ସମସ୍ତେ ଭୁଲି ଗଲେଣି। ଯେଉଁ ମାନଙ୍କ ତ୍ୟାଗ ଓ ଉଦ୍ୟମ ପାଇଁ ପ୍ରକଳ୍ପ ଆଜି ଏକ ପ୍ରକାର ବ୍ୟବସ୍ଥା ଭିତରେ ପହଂଚି ପାରଛି ସେମାନେ ଏବେ ଅଲୋଡା। ପ୍ରକଳ୍ପର ଶ୍ରେୟ ନେବାକୁ ଏକ ପ୍ରକାର ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଅନୁଗୁଳ ବ୍ଲକ ଅଂଚଳର ଦୁଇହଜାର ନଅ ଶହ ଅଠାବନ ହେକ୍ଟର ଜମିକୁ ଜଳସେଚନ ସୁବିଧା ମିଳି ପାରିବ। ପ୍ରକଳ୍ପ ହେଉଥିବା ସ୍ଥାନ ହିଡିସିଂହ ର ଅନୁକୁଳ ଜଳ ବାୟୁ ଯୋଗୁଁ ଫଳ ଓ ପନିପରିବା ଚାଷ ପାଇଁ ବେଶ ଉତ୍କୃଷ୍ଟ ସ୍ଥାନ ଅଟେ। ସେଥିପାଇଁ ନିକଟସ୍ଥ ଗାଁମାନଙ୍କରୁ ଅନେକ ବ୍ୟକ୍ତି ଏଠାକୁ ଆସି ବସତି କରି ରହିଛନ୍ତି। ଏଠାକାର ମୂଳ ଅଧିବାସୀ କହିଲେ ଜନଜାତି (କନ୍ଧ)ମାନଙ୍କ ଏକ ବସ୍ତୀ ଥିଲ। ଗ୍ରାମରେ ବସ ବାସ କରୁଥିବା ବ୍ୟକ୍ତି ମାନଙ୍କ ଅପେକ୍ଷା ବାହାର ଗ୍ରାମର ଅନେକ ବ୍ୟକ୍ତିଙ୍କ ନାମରେ ବହୁ ପରିମାଣ ଜମି ରହିଛି। ୨୦୧୬ ମସିହାର ସର୍ଭେ ଅନୁଯାୟୀ ପ୍ରକଳ୍ପ ଯୋଗୁ ୧୬୧ ଗୋଟି ପରିବାର ବିସ୍ଥାପିତ ହେବେ ବୋଲି ଆକଳନ କରାଯାଇଥିଲା। ଯାହାକି ବର୍ତମାନ ପ୍ରକଳ୍ପ ଆରମ୍ଭ କରାଗଲେ ଏହି ପରିବାର ସଂଖ୍ୟା ଅନେକାଂଶରେ ବୃଦ୍ଧିପାଇବ। ପ୍ରକଳ୍ପକୁ ଲାଗିରହିଛି ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପ। ସେଠାରେ ବିସ୍ଥାପିତମାନଙ୍କୁ ଦିଆ ଯାଉଥିବା ଅନୁକମ୍ପା ରାଶି ପରିବାର ପ୍ରତି ୨୦ଲକ୍ଷ ରହିଥିବା ବେଳେ ଏହି ବନ୍ଧ ପାଇଁ ତୁଳନାତ୍ମକ ଭାବରେ ସରକାରୀ ବ୍ୟବସ୍ଥା କମ ରହିଛି। ଏ ଦିଗରେ ସାତକୋଶିଆ ସହିତ ସମାନ କରିବାକୁ ସ୍ଥାନୀୟ ବିଧାୟକ ଶ୍ରୀଯୁକ୍ତ ପ୍ରତାପ ପ୍ରଧାନ ସରକାରଙ୍କ ନିକଟରେ ଦାବୀ ହାସଲ କରିବାକୁ ଉଦ୍ୟମ କରିବେ ବୋଲି ସ୍ଥାନୀୟ ବାସିନ୍ଦା ମାନଙ୍କ ସହ ଆଲୋଚନା ବେଳେ ପ୍ରତିଶୃତି ଦେଇଛନ୍ତି। ଜିଲ୍ଲା ପ୍ରଶାସନ ମଧ୍ୟ ଏ ଦିଗରେ ବେଶ ଗୁରୁତ୍ୱ ଦେଉଥିବା ପ୍ରକାଶ। ନିଜ ଭିଟା ମାଟି ନିକଟବର୍ତ୍ତୀ ଅଞ୍ଚଳରେ ବିସ୍ଥାପିତ ମାନଙ୍କ ଥଇଥାନ ଉପରେ ଧ୍ୟାନ ଦେବାକୁ ବିଧାୟକ ଆନ୍ତରୀକତା ଦେଖାଇଥିବା ନିର୍ଭର ଯୋଗ୍ୟ ସୁତ୍ରରୁ ପ୍ରକାଶ। ହିଡିସିଂହ ବନ୍ଧ ଦାବୀରେ ଗତ ଚାଳିସ ବର୍ଷର ସଂଗ୍ରାମ ମଧ୍ୟରେ ଅନେକ ନେତା ତଥା ଜନତାଙ୍କ ଅବଦାନ ରହିଛି। ତ୍ୟାଗ ପୁତ ଉଦ୍ୟମ ସଫଳତାକୁ ଶୀର୍ଷସ୍ତରରେ ପହଞ୍ଚାଇ ପାରିଛି।







ଜନବାର୍ତ୍ତା
ସାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

# ଜାମ୍ମୁ-କାଶ୍ମୀରରେ ଆତଙ୍କବାଦୀ ଆକ୍ରମଣ



ଜାମ୍ମୁ-କାଶ୍ମୀର,୨୫/୦୭: ଜାମ୍ମୁ-କାଶ୍ମୀରର ଅନନ୍ତନାଗ ଜିଲ୍ଲାରେ ଗତ ବୁଧବାର ଏକ ବଡ଼ ଆତଙ୍କବାଦୀ ଆକ୍ରମଣ ଘଟିଛି । ଅମରନାଥ ଯାତ୍ରା ସୁରକ୍ଷା ଦାୟିତ୍ୱରେ ନିୟୋଜିତ ଥିବା ଜଣେ ପୋଲିସ ହେଡ୍ କନଷ୍ଟେବଲ ଆଶିକ ହୁସେନ ଏହି ଆକ୍ରମଣରେ ଶହୀଦ ହୋଇଛନ୍ତି । ଦକ୍ଷିଣ କାଶ୍ମୀରର ଅନନ୍ତନାଗ ସହରର ବ୍ୟସ୍ତବହୁଳ ଲାଲ ଚୌକ ନିକଟସ୍ଥ କୋଟୱାଲ ଗାଲିଠାରେ ଏହି ଆକ୍ରମଣ ହୋଇଥିଲା । ଅପରାହ୍ନ ପ୍ରାୟ ୧୨ଟା ୩୫ମିନିଟ୍ ସମୟରେ ଜଣେ ସନ୍ଦିଗ୍ଧ ଆତଙ୍କବାଦୀ ଅତି ନିକଟରୁ ସୁରକ୍ଷା କର୍ମୀଙ୍କ ଉପରକୁ ଅତର୍କିତ ଗୁଳିଚାଳନା କରିଥିଲା । ଏହି ସମୟରେ ସେଠାରେ ଅମରନାଥ ଯାତ୍ରୀଙ୍କ ସୁରକ୍ଷା ପାଇଁ ପୋଲିସ ଦଳ ମୁତୟନ ଥିଲେ । ଭାରତୀୟ ସଂରକ୍ଷିତ ବାହିନୀର ହେଡ୍ କନଷ୍ଟେବଲ ଆଶିକ ହୁସେନଙ୍କ ଶରୀରରେ ଏକାଧିକ ଗୁଳି ବାଜିଥିଲା । ଚିକିତ୍ସା ପାଇଁ ତାଙ୍କୁ ତୁରନ୍ତ ଅନନ୍ତନାଗ ମେଡିକାଲ କଲେଜ ହସ୍ପିଟାଲ ନିଆଯାଇଥିଲେ ମଧ୍ୟ ସେଠାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା । ଅନ୍ୟ ଜଣେ ପୋଲିସ କର୍ମଚାରୀ ଏହି ଆକ୍ରମଣରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ଶହୀଦ ଆଶିକ ହୁସେନ ବୁଦଗାମ ଜିଲ୍ଲାର ବାସିନ୍ଦା ଥିଲେ ।

ଆକ୍ରମଣ ପରେ ସମଗ୍ର କାଶ୍ମୀର ଉପତ୍ୟକାରେ ସେନା ଓ ପୋଲିସ ପକ୍ଷରୁ ଏକ ବଡ଼ ଧରଣର ସର୍ଚ୍ଚ ଅପରେସନ ଆରମ୍ଭ କରାଯାଇଛି । ଆତଙ୍କବାଦୀଙ୍କୁ ସହାୟତା କରୁଥିବା (ଓଜିଡବ୍ଲ୍ୟୁ) ପ୍ରାୟ ୨,୫୦୦ରୁ ଅଧିକ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି । ଆକ୍ରମଣର ମାତ୍ର କେଇ ଘଣ୍ଟା ମଧ୍ୟରେ (ଗୁରୁବାର ରାତିରେ) ପ୍ରଶାସନ ପକ୍ଷରୁ ଅନନ୍ତନାଗ ଜିଲ୍ଲାରେ ସକ୍ରିୟ ଥିବା ଲସ୍କର-ଇ-ତୋଏବାର ଦୁଇ ଆତଙ୍କବାଦୀ ଆଦିଲ ଥୋକର ଏବଂ ହାରୁନ ରସିଦ ଗନାଇଙ୍କ ବାସଭବନକୁ ଆଇଇଡି ବିସ୍ଫୋରଣ ଜରିଆରେ ଥସମ୍ପୂର୍ଣ୍ଣ ଭାଙ୍ଗି ଧୂଳିସାତ କରି ଦିଆଯାଇଛି ।

ଜାମ୍ମୁ-କାଶ୍ମୀରର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଏହି ଆତଙ୍କବାଦୀ ଆକ୍ରମଣକୁ ନିନ୍ଦା କରିବା ସହ ସାମୂହିକ ଗିରଫଦାରୀ ଏବଂ ବିନା ସୁପ୍ରିମକୋର୍ଟ ନିର୍ଦ୍ଦେଶରେ ଘର ଭାଙ୍ଗିବା ଦ୍ୱାରା ଶାନ୍ତି ଫେରିବ ନାହିଁ ବୋଲି ପ୍ରତିକ୍ରିୟା ରଖିଛନ୍ତି । ଚଳିତ ବର୍ଷ ଏପ୍ରିଲରେ ପହଲଗାମରେ ହୋଇଥିବା ବଡ଼ ଆକ୍ରମଣ (ଯେଉଁଥିରେ ୨୬ ଜଣ ପ୍ରାଣ ହରାଇଥିଲେ) ପରେ ଏହା କାଶ୍ମୀର ଉପତ୍ୟକାରେ ଅନ୍ୟ ଏକ ପ୍ରମୁଖ ଆକ୍ରମଣ । ବର୍ତ୍ତମାନ ସମଗ୍ର ଅମରନାଥ ଯାତ୍ରା ରୁଟ୍ ଏବଂ ଜାମ୍ମୁ-

# ସ୍ପେନରେ ଜାତୀୟ ଜରୁରୀକାଳୀନ ପରିସ୍ଥିତି



ସ୍ପେନ,୨୫/୦୭: ୟୁରୋପରେ ଜାରି ରହିଥିବା ପ୍ରବଳ ଗ୍ରୀଷ୍ମ ପ୍ରବାହ ଓ ଭୟାବହ ଜଙ୍ଗଲ ନିଆଁକୁ ଦୃଷ୍ଟିରେ ରଖି ସ୍ପେନ ସରକାର ଗତକାଲି ବିଳମ୍ବିତ ରାତିରେ ମାଡ୍ରିଦ ଅଞ୍ଚଳ ଏବଂ ଏହାର ଆଖପାଖ ଆଭିଲା ପ୍ରଦେଶରେ ଜାତୀୟ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଛନ୍ତି । ନିଆଁ ନିୟନ୍ତ୍ରଣ ବାହାରକୁ ଚାଲିଯିବା ପରେ ସ୍ପେନର ଆଭ୍ୟନ୍ତରୀଣ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏହି ବଡ଼ ନିଷ୍ପତ୍ତି ନିଆଯାଇଛି । ଜରୁରୀକାଳୀନ ପରିସ୍ଥିତି ଲାଗୁ ହେବା ପରେ ନିଆଁ ଲିଭାଇବା ଏବଂ ଉଦ୍ଧାର କାର୍ଯ୍ୟର ସମ୍ପୂର୍ଣ୍ଣ ଦାୟିତ୍ୱ ସ୍ପେନ ସଶସ୍ତ୍ର ବାହିନୀର ସ୍ୱତନ୍ତ୍ର ବିପର୍ଯ୍ୟୟ ପ୍ରଶମନ ଦଳ 'ମିଲିଟାରୀ ଏମରଜେନ୍ସି ୟୁନିଟ୍' (ୟୁଏମ୍ଇ) କୁ ହସ୍ତାନ୍ତର କରାଯାଇଛି । ଏହି ପଦକ୍ଷେପ ଦ୍ୱାରା ପ୍ରଭାବିତ ଅଞ୍ଚଳକୁ ସରକାରୀ ପାଣ୍ଠି, ହେଲିକପ୍ଟର ଏବଂ ଆଧୁନିକ ଅଗ୍ନିଶମ ଯନ୍ତ୍ରପାତି ଖୁବ୍ ଦ୍ରୁତ ଗତିରେ ପହଞ୍ଚାଯାଇ ପାରିବ । ୧୦,୦୦୦ରୁ ଅଧିକ ଲୋକ ସ୍ଥାନାନ୍ତରିତ: ମାଡ୍ରିଦ ଏବଂ ତା'ର ପଡ଼ୋଶୀ ସହରଗୁଡ଼ିକରୁ ଥ୧୦, ୦୦୦ରୁ ଅଧିକ ସ୍ଥାନୀୟ ବାସିନ୍ଦା ଏବଂ ପର୍ଯ୍ୟଟକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇ ସ୍ଥାନୀୟ ସ୍ପୋର୍ଟସ୍ କମ୍ପ୍ଲେକ୍ସ ଓ ଆଶ୍ରୟସ୍ଥଳୀରେ ରଖାଯାଇଛି । ମାଡ୍ରିଦ ସୀମାରେ ଥିବା ଗୁଆଡାଲାଜାରା ଅଞ୍ଚଳରେ ଲାଗିଥିବା ନିଆଁ ସବୁଠାରୁ ଭୟଙ୍କର ରୂପ ନେଇଛି, ଯାହା ଗତ କେଇ ଦିନ ମଧ୍ୟରେ ପ୍ରାୟ ୩୨,୦୦୦ ହେକ୍ଟର (୮୦,୦୦୦ ଏକର) ଜଙ୍ଗଲ ଜମିକୁ ସମ୍ପୂର୍ଣ୍ଣ ପାଉଁଶ କରିଦେଇଛି । ଭିଲ୍ଲା ଡେଲ୍ ପ୍ରାଡୋ ପରି କେତେକ ପୌରାଞ୍ଚଳରେ ଜଙ୍ଗଲ ନିଆଁ ଲୋକଙ୍କ ଘର ଏବଂ ଗାଡ଼ିଗୁଡ଼ିକୁ ମଧ୍ୟ ନିଜ କବଜାକୁ ନେଇଛି । ସ୍ପେନରେ ବର୍ତ୍ତମାନ ତାପମାତ୍ରା ୪୦ ଡିଗ୍ରୀ ରୁ ୪୪ଡିଗ୍ରୀ ସେଲସିୟସ ମଧ୍ୟରେ ରହୁଛି । ଦୀର୍ଘ ଦିନର ମରୁଡ଼ି ଏବଂ ପ୍ରବଳ ଶୁଷ୍କ ପବନ ଯୋଗୁଁ ନିଆଁ ଖୁବ୍ ଶୀଘ୍ର ଚାରିଆଡ଼କୁ ବ୍ୟାପିବାରେ ଲାଗିଛି । ପ୍ରଧାନମନ୍ତ୍ରୀ ପେଡ୍ରୋ ସାଞ୍ଚେଜ୍ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି କହିଛନ୍ତି— "ଜଳବାୟୁ ପରିବର୍ତ୍ତନ କିପରି ଆମ ସମାଜ ଓ ପ୍ରକୃତିକୁ ଧ୍ୱଂସ କରୁଛି, ଏହା ତାର ସ୍ପଷ୍ଟ ପ୍ରମାଣ" । କେବଳ ସ୍ପେନ ନୁହେଁ, ବରଂ ପଡ଼ୋଶୀ ଦେଶ ଫ୍ରାନ୍ସ ଏବଂ ଇଟାଲୀ ମଧ୍ୟ ସମାନ ଭାବେ ଜଙ୍ଗଲ ନିଆଁର ସାମ୍ନା କରୁଛନ୍ତି । ଫ୍ରାନ୍ସରେ ସ୍ଥିତି ଗୁରୁତର ହେବାରୁ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନ ୟୁରୋପୀୟ ୟୁନିଅନର ସ୍ୱତନ୍ତ୍ର ସହାୟତା ମାଗିଛନ୍ତି ।

# ନିଟ୍ ପରୀକ୍ଷା ବାଦ-ବିବାଦକୁ ନେଇ ଦେଶବ୍ୟାପୀ ପ୍ରତିବାଦ



ନୂଆଦିଲ୍ଲୀ,୨୫/୦୭ : ନିଟ୍ ପରୀକ୍ଷା ବିବାଦ ଏବଂ ଏହାକୁ ନେଇ ଚାଲିଥିବା ଦେଶବ୍ୟାପୀ ପ୍ରତିବାଦ ବର୍ତ୍ତମାନ ଭାରତରେ ସବୁଠାରୁ ବଡ଼ ଚର୍ଚ୍ଚାର ବିଷୟ ପାଲଟିଛି । ପରୀକ୍ଷାରେ ବ୍ୟାପକ ଅନିୟମିତତା, ପ୍ରଶ୍ନପତ୍ର ଲିକ୍ ଏବଂ ପରୀକ୍ଷା ବାତିଲ କରିବା ଯୋଗୁଁ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନିଶ୍ଚିତତା ମଧ୍ୟକୁ ଚାଲିଯାଇଛି । ମେ ୩ ତାରିଖରେ ଅନୁଷ୍ଠିତ ହୋଇଥିବା ନିଟ୍-ୟୁଜି ପରୀକ୍ଷାର ପ୍ରଶ୍ନପତ୍ର ପୂର୍ବରୁ ଟେଲିଗ୍ରାମ୍ ଏବଂ ଅନ୍ୟାନ୍ୟ ମାଧ୍ୟମରେ ଲିକ୍ ହୋଇଥିବା ଅଭିଯୋଗ ଆସିଥିଲା । ବିହାର, ରାଜସ୍ଥାନ ଭଳି ସ୍ଥାନରେ ଲକ୍ଷ ଲକ୍ଷ ଟଙ୍କାରେ ପେପର୍ ବିକ୍ରି ହୋଇଥିବା ଜଣାପଡ଼ିଥିଲା । ବ୍ୟାପକ ଅନିୟମିତତା ପ୍ରମାଣିତ ହେବା ପରେ, ମେ ୧୨ ତାରିଖରେ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି ପ୍ରଥମ ପରୀକ୍ଷାକୁ ବାତିଲ୍ କରିଦେଇଥିଲା । ଜୁନ୍ ୨୧ ତାରିଖରେ ଦେଶବ୍ୟାପୀ ପୁନଃ-ପରୀକ୍ଷା କରାଯାଇଥିଲା, ଯେଉଁଥିରେ ପ୍ରାୟ ୨.୭ ଲକ୍ଷରୁ ଅଧିକ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିଲେ, ଯାହା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଥିବା ମାନସିକ ଚାପ ଓ ଅସନ୍ତୋଷକୁ ଦର୍ଶାଉଛି । ଦିଲ୍ଲୀ, ପାଟନା, ବେଙ୍ଗାଲୁରୁ ଏବଂ ଓଡ଼ିଶାର ଭୁବନେଶ୍ୱର ସମେତ ବିଭିନ୍ନ ରାଜ୍ୟରେ ଛାତ୍ର ସଂଗଠନ ଓ ବିରୋଧୀ ଦଳ ପକ୍ଷରୁ ବଡ଼ ଧରଣର ରାଲି କରାଯାଉଛି । କେତେକ ସ୍ଥାନରେ ପୋଲିସ ସହ ଧସ୍ତାଧସ୍ତି ଓ ଲାଠିଚାର୍ଜ ମଧ୍ୟ ହୋଇଛି । ପ୍ରତିବାଦକାରୀ ଏବଂ ବିରୋଧୀ ଦଳ (କଂଗ୍ରେସ ଓ ବିଜେଡି) ଏହି ବିଫଳତା ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନୈତିକ ସରି ସହିତ ଇସ୍ତଫା ଦାବି କରିଛନ୍ତି । ଭାରତୀୟ କ୍ରିକେଟ୍ ଦଳର ଅଧିନାୟକ ଶୁଭମନ ଗିଲ୍ ଏବଂ ପୂର୍ବତନ ଖେଳାଳି ଇରଫାନ ପଠାନ ସୋସିଆଲ ମିଡିଆରେ ଛାତ୍ରମାନଙ୍କ ସପକ୍ଷରେ ସ୍ୱର ଉତ୍ତୋଳନ କରି ସେମାନଙ୍କୁ ସମାନ ସୁଯୋଗ ମିଳିବା ଉଚିତ ବୋଲି କହିଛନ୍ତି । ସମଗ୍ର ମାମଲାର ଯାଞ୍ଚ ଦାୟିତ୍ୱ ସେଣ୍ଟ୍ରାଲ ବ୍ୟୁରୋ ଅଫ୍ ଇନଭେଷ୍ଟିଗେସନ୍ କୁ ଦିଆଯାଇଛି, ଯିଏ ଏ ପର୍ଯ୍ୟନ୍ତ ଏକାଧିକ ସନ୍ଦିଗ୍ଧ ଓ ମାଷ୍ଟରମାଇଣ୍ଡଙ୍କୁ ଗିରଫ କରିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଛାତ୍ରଛାତ୍ରୀଙ୍କୁ ଆଶ୍ୱାସନା ଦେଇ କହିଛନ୍ତି ଯେ, କାହାରି ଭବିଷ୍ୟତ ସହ ଖେଳାଯିବ ନାହିଁ ଏବଂ ଦୋଷୀଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ସରକାର ଛାତ୍ର ଏବଂ ସେମାନଙ୍କ ପ୍ରତିନିଧିମାନଙ୍କୁ ସିଧାସଳଖ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ କରିବାକୁ ଖୋଲା ନିମନ୍ତ୍ରଣ ଦେଇଛନ୍ତି ।

✦ ପରୀକ୍ଷା ନାଁରେ ପ୍ରହସନ, ଆମକୁ ନ୍ୟାୟ ଦରକାର

✦ ନିଟ୍ ଦୁର୍ନୀତିର ନିରପେକ୍ଷ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବୀ

# ଭାରତ ଉପରେ ଆମେରିକାର ୧୦% ଶୁଳ୍କ

ନୂଆଦିଲ୍ଲୀ, ୨୫/୦୭: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିର୍ଦ୍ଦେଶକ୍ରମେ ଭାରତରୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ ଆମେରିକା ସରକାର ୧୦ ପ୍ରତିଶତ ନୂତନ ଶୁଳ୍କ ଲାଗୁ କରିଛନ୍ତି । ଆମେରିକାର ବାଣିଜ୍ୟ ପ୍ରତିନିଧି ଜାମିସନ ଗ୍ରୀୟର ଗତକାଲି (୨୩ ଜୁଲାଇ ୨୦୨୬) ଏହି ଘୋଷଣା କରିଛନ୍ତି, ଯାହା ଆଜିଠାରୁ ସାରା ବିଶ୍ୱରେ କାର୍ଯ୍ୟକାରୀ ହୋଇଛି । ଉତ୍ପାଦନ ପ୍ରକ୍ରିୟାରେ ବାଧ୍ୟତାମୂଳକ ଶ୍ରମ' ବା ବେଠି ଶ୍ରମ ରୋକିବାରେ ବିଫଳ ହୋଇଥିବା ଦର୍ଶାଇ ଆମେରିକା ଭାରତ ସମେତ ୬୦ଟି ଦେଶ ଉପରେ ଏହି କଟକଣା ଲଗାଇଛି । ୧୯୭୪ ବାଣିଜ୍ୟ ଆଇନର 'ସେକ୍ସନ ୩୦୧' ଅଧୀନରେ ଏହି ଶୁଳ୍କ ଲାଗୁ କରାଯାଇଛି, ଯାହା ପୂର୍ବରୁ ଟ୍ରମ୍ପଙ୍କ ଦ୍ୱାରା ଲଗାଯାଇଥିବା ଅସ୍ଥାୟୀ ଗ୍ଲୋବାଲ୍ ଟାରିଫ୍‌ର ସ୍ଥାନ ନେବ । ପ୍ରଥମେ ଭାରତ ଉପରେ ୧୨.୫ ପ୍ରତିଶତ ଶୁଳ୍କ ଲଗାଇବାକୁ ପ୍ରସ୍ତାବ ଥିଲା । କିନ୍ତୁ ଗତ ଜୁନ୍ ୧୪ ତାରିଖରେ ଭାରତ ନିଜର 'ବୈଦେଶିକ ବାଣିଜ୍ୟ ନୀତି'ରେ ସଂଶୋଧନ କରି ବାଧ୍ୟତାମୂଳକ ଶ୍ରମ ଦ୍ୱାରା ପ୍ରସ୍ତୁତ ସାମଗ୍ରୀର ଆମଦାନୀ-ରପ୍ତାନିକୁ ନିଷେଧ କରିଥିଲା । ଭାରତର ଏହି ପଦକ୍ଷେପକୁ ଦୃଷ୍ଟିରେ ରଖି ଆମେରିକା ଏହାକୁ କମାଇ ୧୦ ପ୍ରତିଶତ କରିଛି । ଭାରତ ସହ ବାଂଲାଦେଶ, ପାକିସ୍ତାନ, ବ୍ରିଟେନ ଓ କାନାଡା ପରି ୧୭ଟି ଦେଶ ଏହି ୧୦% ଶ୍ରେଣୀରେ ଅଛନ୍ତି, ଯେଉଁଠି ଚୀନ୍ ଏବଂ ଜାପାନ ପରି ଦେଶଗୁଡ଼ିକୁ ୧୨.୫% ଶୁଳ୍କ ଦେବାକୁ ପଡ଼ିବ । ଆମେରିକା ବଜାରରେ ଭାରତୀୟ ଥଟେକ୍ସଟାଇଲ୍ (କପଡ଼ା), ଜେମ୍ସ ଆଣ୍ଡ ଜୁଏଲାରୀ (ରତ୍ନ ଓ ଅଳଙ୍କାର), ଇଞ୍ଜିନିୟରିଂ ସାମଗ୍ରୀ, ଚମଡ଼ା ଏବଂ କେତେକ କେମିକାଲ୍ସଧ(୧.୪.୫, ୧.୪.୬) ମହଙ୍ଗା ହେବ, ଯାହା ଦ୍ୱାରା ରପ୍ତାନିକାରୀଙ୍କ ଚିନ୍ତା ବଢ଼ିଛି । ଆମେରିକା ନିଜର ଆଭ୍ୟନ୍ତରୀଣ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଥତେଲ, ଗ୍ୟାସ୍, ସାର, କିଛି ଖାଦ୍ୟ ସାମଗ୍ରୀ ଏବଂ ପ୍ରାୟ ୧,୬୦୦ଟି ଅତି ଆବଶ୍ୟକୀୟ ସାମଗ୍ରୀକୁ ଏହି ନୂଆ ଶୁଳ୍କରୁ ମୁକ୍ତ ରଖିଛି । ଭାରତ ସରକାର ଆମେରିକାର ଏହି ବାଧ୍ୟତାମୂଳକ ଶ୍ରମ ଆଧାରିତ ଶୁଳ୍କ ନୀତିକୁ ଅସଙ୍ଗତ ବୋଲି କହିବା ସହ ଏହି ପ୍ରସଙ୍ଗକୁ ଦୁଇ ଦେଶ ମଧ୍ୟରେ ଚାଲିଥିବା ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି ମାଧ୍ୟମରେ ସମାଧାନ କରିବାକୁ ଆମେରିକା ଉପରେ ଚାପ ପକାଉଛନ୍ତି ।

ଆମେରିକା ଦ୍ୱାରା ଲାଗୁ ହୋଇଥିବା ୧୦% ନୂତନ ଶୁଳ୍କ ଏବଂ ମଧ୍ୟପ୍ରାଚ୍ୟରେ ବଢୁଥିବା ଯୁଦ୍ଧ ସଙ୍କଟ ଯୋଗୁଁ ଆଜି (୨୪ ଜୁଲାଇ ୨୦୨୬) ଭାରତୀୟ ସେୟାର ବଜାରରେ ବଡ଼ଧରଣର ହ୍ରାସ ଘଟିଛି । କ୍ରମାଗତ ୫ମ ଦିନ ପାଇଁ ବଜାର ନିମ୍ନଗାମୀ ହୋଇଥିବା ବେଳେ ଆଜି ନିବେଶକମାନେ କୋଟି କୋଟି ଟଙ୍କା ହରାଇଛନ୍ତି । ଏହି ଶୁଳ୍କ ଆଜି ପ୍ରାରମ୍ଭିକ କାରବାରରେ ଈଝର ସେନସେକ୍ସ ପ୍ରାୟ ୭୦୦ରୁ ୭୪୫ ପଏଣ୍ଟ ହ୍ରାସ ପାଇ ୭୫,୬୪୭ ସ୍ତରକୁ ଖସି ଆସିଛି । ସେହିପରି ଘଝର ନିଫ୍ଟି-୫୦ ପ୍ରାୟ ୨୧୨ ପଏଣ୍ଟ କମି ୨୩,୬୫୬ ସ୍ତରକୁ ଚାଲିଆସିଛି, ଯାହା ୨୪,୦୦୦ ର ଗୁରୁତ୍ୱପୂର୍ଣ୍ଣ ପ୍ରତିରୋଧ ସ୍ତରର ବହୁତ ତଳେ ଅଛି । ଆମେରିକାର ୧୦-ବର୍ଷର ବଣ୍ଡ ଲାଭ ୪.୭୧% କୁ ବୃଦ୍ଧି ପାଇବା ଯୋଗୁଁ ବିଦେଶୀ ନିବେଶକମାନେ ଭାରତୀୟ ବଜାରରୁ ଟଙ୍କା ପ୍ରତ୍ୟାହାର କରି ନେଉଛନ୍ତି । ଗତକାଲି ସେମାନେ ପ୍ରାୟ ୨,୯୯୯ କୋଟିର ସେୟାର ବିକ୍ରି କରିଛନ୍ତି । ବର୍ତ୍ତମାନର ୧୦% ଶୁଳ୍କ ବ୍ୟତୀତ, ଟ୍ରମ୍ପ ପ୍ରଶାସନ ପକ୍ଷରୁ ଆମେରିକାକୁ ରପ୍ତାନି ହେଉଥିବା ଜେନେରିକ୍ ଔଷଧ ଉପରେ ଅଗଷ୍ଟ ୨୦୨୮ ରୁ ୧୦୦% ଏବଂ ୨୦୨୯ ରୁ ୨୦୦% ଶୁଳ୍କ ଲଗାଇବାକୁ ଘୋଷଣା କରାଯାଇଛି । ଭାରତ ଆମେରିକାକୁ ବାର୍ଷିକ ପ୍ରାୟ ୯.୭ ବିଲିୟନ ଡଲାରର ଔଷଧ ରପ୍ତାନି କରେ ଏବଂ ସେଠାକାର ୩୦% ବଜାର ନିୟନ୍ତ୍ରଣ କରେ । ଏହି ନୂଆ ନୀତି ଯୋଗୁଁ ଆଜି ବଡ଼ ବଡ଼ ଫାର୍ମା କମ୍ପାନୀଗୁଡ଼ିକର ସେୟାର ଚାପରେ ରହିଛି । ଆମେରିକା ବଜାର ଉପରେ ସମ୍ପୂର୍ଣ୍ଣ ନିର୍ଭର କରୁଥିବା ଆଇଟି କମ୍ପାନୀଗୁଡ଼ିକ ଏହି ବାଣିଜ୍ୟିକ ଯୁଦ୍ଧ ଯୋଗୁଁ ସେମାନଙ୍କ ଖର୍ଚ୍ଚ କାଟ୍ କରିବାକୁ ବାଧ ହେବେ । ଆଜି ଇନଫୋସିସ୍ ନିଜର ବାର୍ଷିକ ରାଜସ୍ୱ ପୂର୍ବାନୁମାନକୁ ୧.୫% - ୩% କୁ କମାଇବା ପରେ ତାର ସେୟାର ୧% ରୁ ଅଧିକ ହ୍ରାସ ପାଇଛି । ଆମେରିକାକୁ ରପ୍ତାନି ହେଉଥିବା ଭାରତୀୟ କପଡ଼ା, କାର୍ପେଟ, ଚମଡ଼ା ଏବଂ ହୀରା ସାମଗ୍ରୀ ଉପରେ ଏହି ୧୦% ଶୁଳ୍କର ସିଧାସଳଖ ପ୍ରଭାବ ପଡ଼ିବ, ଯାହା ଦ୍ୱାରା ଆମେରିକା ବଜାରରେ ଏଗୁଡ଼ିକର ଦର ବୃଦ୍ଧି ପାଇବ ଓ ବିକ୍ରି କମିବ ।



# ଲୋହିତ ସାଗରରେ ଆକ୍ରମଣ

ଆମେରିକା, ୨୫/୦୭ : ୟେମେନର ଇରାନ ସମର୍ଥିତ ହୁତି ବିଦ୍ରୋହୀମାନେ ଗତ ବୁଧବାର ବିଳମ୍ବିତ ରାତିରେ ଲୋହିତ ସାଗରରେ (ଜରୟ ଝରବ) ସାଉଦି ଆରବର ଦୁଇଟି ବଡ଼ ତୈଳ ଟ୍ୟାଙ୍କର ଉପରେ କ୍ଷେପଣାସ୍ତ୍ର ଓ ଡ୍ରୋନ୍ ମାଡ଼ କରି ଆକ୍ରମଣ କରିଛନ୍ତି । ସାଉଦି ଆରବର ଜାହାଜଗୁଡ଼ିକ ଉପରେ ହୁତି ପକ୍ଷରୁ ସାମୁଦ୍ରିକ ଅବରୋଧ ଘୋଷଣା କରାଯିବା ପରେ ଏହା ପ୍ରଥମ ବଡ଼ ଆକ୍ରମଣ, ଯାହା ସାରା ବିଶ୍ୱରେ ଚିନ୍ତା ବଢ଼ାଇ ଦେଇଛି । ହୁତି ସାମରିକ ପ୍ରବକ୍ତା ୟାହ୍ୟା ସାରି କହିଛନ୍ତି ଯେ, ସେମାନେ ସାଉଦି ଆରବର 'ଏନସେଲିଆ' ଏବଂ 'ଲାୟଲା' ନାମକ ଦୁଇଟି ତୈଳ ଟ୍ୟାଙ୍କରକୁ ବାଲିଷ୍ଟିକ୍ ମିଶାଇଲ, କ୍ରୁଜ୍ ମିଶାଇଲ ଏବଂ ଡ୍ରୋନ୍ ଦ୍ୱାରା ଟାର୍ଗେଟ କରିଛନ୍ତି । ସାଉଦି ପ୍ରଶାସନ ଓ ବ୍ରିଟେନର ନୌସେନା ଏଜେନ୍ସିର ସୂଚନା ଅନୁଯାୟୀ, ଆକ୍ରମଣ ଯୋଗୁଁ ସାଉଦି ପତାକାଧାରୀ ଜାହାଜ 'ଏନସେଲିଆ'ର ଆଗ ପାର୍ଶ୍ୱରେ ଥଭୟାବହ ନିଆଁ ଲାଗିଯାଇଥିଲାଧ । ତେବେ ଜାହାଜର କର୍ମଚାରୀମାନେ ସୁରକ୍ଷିତ ଅଛନ୍ତି ଏବଂ କୌଣସି ପ୍ରାଣହାନି ହୋଇନାହିଁ । ସାଉଦି ଆରବର 'ଅଲ୍ ଶୁକୈକ୍' ଉପକୂଳଠାରୁ ପ୍ରାୟ ୧୩୦ କିଲୋମିଟର ଦୂରରେ ଏହି ଆକ୍ରମଣ ଘଟିଛି । ଏହି ଆକ୍ରମଣ ପରେ ଆନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ପ୍ରାୟ ୪୦% ବୃଦ୍ଧି ପାଇ ବ୍ୟାରେଲ ପିଛା ୧୦୦ ଡଲାର ପାର୍ କରିଛି, ଯାହା ଗତ ମେ ମାସ ପରଠାରୁ ସର୍ବାଧିକ । ଭାରତ ଏବଂ ଚୀନ୍ ଅଭିମୁଖେ ଆସୁଥିବା ସାଉଦିର କଞ୍ଚା ତେଲ ବୋଝେଇ ଟ୍ୟାଙ୍କରଗୁଡ଼ିକ ଲୋହିତ ସାଗରରେ ଆକ୍ରମଣ ଭୟରେ ନିଜର ଗତିପଥ ବଦଳାଇବାକୁ ବାଧ୍ୟ ହୋଇଛନ୍ତି । ହର୍ମୁଜ୍ ପ୍ରଣାଳୀ ବନ୍ଦ ହେବା ପରେ ଭାରତ ପାଇଁ ତେଲ ଆଣିବାକୁ ଲୋହିତ ସାଗର ହିଁ ମୁଖ୍ୟ ବିକଳ୍ପ ରାସ୍ତା ଥିଲା, ଯାହା ଏବେ ବିପଦରେ । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ, ଏହି ଆକ୍ରମଣ ପାଇଁ ଇରାନ ହିଁ ସମ୍ପୂର୍ଣ୍ଣ ଦାୟୀ । ଯଦି ହୁତି ବିଦ୍ରୋହୀମାନେ ଆଗକୁ କୌଣସି ଜାହାଜ ଉପରେ ଆକ୍ରମଣ କରନ୍ତି, ତେବେ ଆମେରିକା ସେନାର ପାଲଟା ଜବାବ ସ୍ୱରୂପ ଥଇରାନର ଗୋଟିଏ ଲେଖାଏଁ ବ୍ରିଜ୍ କିମ୍ବା ପାୱାର ପ୍ଲାଣ୍ଟ ଧ୍ୱଂସ କରିଦିଆଯିବ । ଆମେରିକା ସେନା ପକ୍ଷରୁ ଗତ ୧୨ ଦିନ ଧରି ଇରାନର ସାମରିକ ଘାଟି ଉପରେ ଘନ ଘନ ଏୟାରଷ୍ଟ୍ରାଇକ ମଧ୍ୟ ଜାରି ରହିଛି । ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ ସାଉଦି ତୈଳ ଟ୍ୟାଙ୍କର ଉପରେ ହୋଇଥିବା ଆକ୍ରମଣକୁ ତୀବ୍ର ନିନ୍ଦା କରିଛନ୍ତି । ସାଉଦି ଆରବ ସହ ପାକିସ୍ତାନର ସାମରିକ ଚୁକ୍ତି ଥିବାରୁ, ଏହି ଯୁଦ୍ଧ ଭିତରକୁ ଇସଲାମାବାଦ୍ ଟାଣି ହୋଇଯିବାର ବଡ଼ ଆଶଙ୍କା ଦେଖାଦେଇଛି ।

ଆନ୍ତର୍ଜାତୀୟ ବଜାରରେ କଞ୍ଚା ତେଲ ଦର ବ୍ୟାରେଲ ପିଛା ୧୦୦ ଡଲାର ପାର୍ କରିଥିଲେ ମଧ୍ୟ ଆଜି (୨୪ ଜୁଲାଇ ୨୦୨୬) ଭାରତୀୟ ବଜାରରେ ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଛି । ଭାରତରେ ସରକାରୀ ତେଲ କମ୍ପାନୀଗୁଡ଼ିକ ଦୀର୍ଘ ଦିନ ହେବ ଦୈନିକ ମୂଲ୍ୟରେ କୌଣସି ବଡ଼ ପରିବର୍ତ୍ତନ କରିନାହାନ୍ତି । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ପ୍ରାୟ ୧୦୧.୦୬ ଏବଂ ଡିଜେଲ ଲିଟର ପିଛା ପ୍ରାୟ ୯୨.୬୪ ରହିଛି । ରାଜ୍ୟର ଅନ୍ୟାନ୍ୟ ଜିଲ୍ଲାରେ ସ୍ଥାନୀୟ ଟ୍ୟାକ୍ସ ଆଧାରରେ ଦର ସାମାନ୍ୟ ଭିନ୍ନ ଅଛି । ଯଦି ଲୋହିତ ସାଗରରେ ଏହି ବିବାଦ ଲାଗିରହେ ଏବଂ ଭାରତୀୟ ତେଲ କମ୍ପାନୀଗୁଡ଼ିକ ଉପରେ ଆମଦାନୀ ଖର୍ଚ୍ଚର ବୋଝ ବଢ଼େ, ତେବେ ଆଗାମୀ ସପ୍ତାହଗୁଡ଼ିକରେ ଘରୋଇ ବଜାରରେ ପେଟ୍ରୋଲ-ଡିଜେଲ ଦର ଲିଟର ପିଛା ୨ ରୁ ୩ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ହେବାର ଆଶଙ୍କା ରହିଛି । ଲୋହିତ ସାଗରରେ ସାଉଦି ଆରବର ଦୁଇଟି ତୈଳ ଟ୍ୟାଙ୍କର ଉପରେ ହୁତି ବିଦ୍ରୋହୀଙ୍କ ଆକ୍ରମଣ ପରେ ମଧ୍ୟପ୍ରାଚ୍ୟରେ ଆମେରିକା ଏବଂ ଇରାନ ମଧ୍ୟରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସିଧାସଳଖ ଇରାନକୁ ଦାୟୀ କରି କହିଛନ୍ତି ଯେ, ଯଦି ହୁତି ବିଦ୍ରୋହୀମାନେ ସାମୁଦ୍ରିକ ଗତିପଥ ଅବରୋଧ କରିବା ବନ୍ଦ ନକରନ୍ତି, ତେବେ ଆମେରିକା ସେନା ଇରାନର ମୁଖ୍ୟ ଭୂଖଣ୍ଡରେ ଥିବା ବ୍ରିଜ୍, ତୈଳ ସଂରକ୍ଷଣାଗାର ଏବଂ ପାୱାର ପ୍ଲାଣ୍ଟଗୁଡ଼ିକ ଉପରେ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ମାଡ଼ କରି ଧ୍ୱଂସ କରିଦେବ । ଆମେରିକା ସେନା ଏବଂ ତାର ମିତ୍ର ଶକ୍ତି ଗତ କେଇ ଦିନ ହେବ ୟେମେନରେ ଥିବା ହୁତି ବିଦ୍ରୋହୀଙ୍କ ପ୍ରମୁଖ ସାମରିକ ଘାଟି, ରଡାର ଷ୍ଟେସନ ଏବଂ କ୍ଷେପଣାସ୍ତ୍ର ଲଞ୍ଚର ଉପରେ ଘନ ଘନ ଏୟାରଷ୍ଟ୍ରାଇକ (ବିମାନ ଆକ୍ରମଣ) ଜାରି ରଖିଛନ୍ତି । ଇରାନ ମଧ୍ୟ ଆମେରିକାର ଏହି ଧମକ ସମ୍ମୁଖରେ ନଇଁବାକୁ ମନା କରିଦେଇଛି । ଇରାନର ସାମରିକ କମାଣ୍ଡର କହିଛନ୍ତି ଯେ, ସେମାନେ ନିଜର ସୁରକ୍ଷା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି ଏବଂ ଯଦି ଆମେରିକା ସେନା ଆକ୍ରମଣ କରେ, ତେବେ ମଧ୍ୟପ୍ରାଚ୍ୟରେ ଥିବା ସମସ୍ତ ଆମେରିକୀୟ ସାମରିକ ଘାଟିକୁ ଟାର୍ଗେଟ କରାଯିବ ।



# ରୁଷ ଏବଂ ୟୁକ୍ରେନ ଅର୍ଥନୀତି ପ୍ରଭାବିତ

ଋଷ,୨୫/୦୭:ରୁଷ ଏବଂ ୟୁକ୍ରେନ ମଧ୍ୟରେ ଚାଲିଥିବା ସଂଘର୍ଷ ବିଶ୍ୱ ରାଜନୀତି ଓ ଅର୍ଥନୀତିକୁ ଗଭୀର ଭାବେ ପ୍ରଭାବିତ କରିଛି । ଦୀର୍ଘ ଦିନ ଧରି ଚାଲିଥିବା ଏହି ଯୁଦ୍ଧରେ ସାମ୍ପ୍ରତିକ ସ୍ଥିତି ଅତ୍ୟନ୍ତ ଜଟିଳ ଏବଂ ସଂଘର୍ଷପୂର୍ଣ୍ଣ ରହିଛି । ରୁଷ ପକ୍ଷରୁ ୟୁକ୍ରେନର ରାଜଧାନୀ କିଭ୍ ଏବଂ ଓଡେସା ସମେତ ବିଭିନ୍ନ ସହର ଉପରେ ଶକ୍ତିଶାଳୀ ବାଲିଷ୍ଟିକ ମିସାଇଲ ଓ ଶହ ଶହ ଡ୍ରୋନ୍ ଯୋଗେ ଘନ ଘନ ଆକ୍ରମଣ ଜାରି ରହିଛି । ଏହା ଦ୍ୱାରା ବହୁ ସାଧାରଣ ନାଗରିକ ପ୍ରାଣ ହରାଉଛନ୍ତି । ୟୁକ୍ରେନ ସେନା ମଧ୍ୟ ପଛକୁ ନହଟି ରୁଷର ଆଭ୍ୟନ୍ତରୀଣ ଅଞ୍ଚଳକୁ ଲକ୍ଷ୍ୟ କରି ଲଙ୍ଗ୍-ରେଞ୍ଜ୍ ଡ୍ରୋନ୍ ଆକ୍ରମଣ କରୁଛି । ୟୁକ୍ରେନ ବିଶେଷ କରି ରୁଷର ତୈଳ ଭଣ୍ଡାର ଏବଂ ବୃହତ୍ ବ୍ୟବସାୟିକ ଗୋଦାମଗୁଡ଼ିକୁ ଟାର୍ଗେଟ୍ କରୁଛି, ଯାହା ଫଳରେ ରୁଷର ଅର୍ଥନୀତି ଉପରେ ଚାପ ପଡୁଛି । ୟୁକ୍ରେନର କ୍ରମାଗତ ଡ୍ରୋନ୍ ଆକ୍ରମଣ ଯୋଗୁଁ ରୁଷ ନିୟନ୍ତ୍ରିତ କ୍ରାଇମିଆ ଉପଦ୍ୱୀପରେ ଇନ୍ଧନ ଏବଂ ବିଦ୍ୟୁତ ସେବା ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି । ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି ନିଜ ସରକାର ଓ ସେନାରେ ବଡ଼ ଧରଣର ଅଦଳବଦଳ କରିଛନ୍ତି । ସେ ସେନା ମୁଖ୍ୟ ଓଲେକ୍ସାଣ୍ଡର ସିରସ୍କିଙ୍କୁ ହଟାଇ ଜେନେରାଲ ଇହୋର ସ୍କିବ୍ୟୁକଙ୍କୁ ନୂତନ ଦାୟିତ୍ୱ ଦେଇଛନ୍ତି । ପ୍ରତିରକ୍ଷା ମନ୍ତ୍ରୀଙ୍କୁ ବଦଳାଯିବା ପରେ ୟୁକ୍ରେନରେ ସାଧାରଣ ଜନତାଙ୍କ ମଧ୍ୟରେ ପ୍ରତିବାଦ ମଧ୍ୟ ଦେଖିବାକୁ ମିଳିଛି । ଆମେରିକା ଏହି ଯୁଦ୍ଧର ସମାଧାନ ପାଇଁ ଉଭୟ ପକ୍ଷ ମଧ୍ୟରେ ଏକ ମଧ୍ୟବର୍ତ୍ତୀ ଶାନ୍ତି ଚୁକ୍ତି କରାଇବାକୁ କୂଟନୈତିକ ସ୍ତରରେ ପ୍ରୟାସ କରୁଛି, ଯେଉଁଥିପାଇଁ ଆମେରିକାର ପ୍ରତିନିଧିମାନେ ଆଲୋଚନା ଚଳାଇଛନ୍ତି । ୟୁରୋପୀୟ ୟୁନିଅନ ରୁଷ ଉପରେ ଏହାର ୨୧ତମ ପ୍ରତିବନ୍ଧକ ଲାଗୁ କରିଛି । ଏହାଦ୍ୱାରା ରୁଷର ବ୍ୟାଙ୍କିଙ୍ଗ୍ ସେକ୍ଟର ଏବଂ କ୍ରିପ୍ଟୋକରେନ୍ସି ନେଟୱର୍କକୁ ବ୍ୟାନ କରାଯାଇଛି, ଯେପରି ରୁଷ ଯୁଦ୍ଧ ପାଇଁ ପାଣ୍ଠି ସଂଗ୍ରହ କରିପାରିବ ନାହିଁ ।

# ଫାଷ୍ଟ-ଟ୍ରାକ୍ କୋର୍ଟ ଗଠନ ଓ ନୂଆ ଆଇନ ଆଣିବାକୁ ପ୍ରଧାନମନ୍ତ୍ରୀଙ୍କ ଘୋଷଣା



ନୂଆଦିଲ୍ଲୀ,୨୫/୦୭: ପ୍ରଶ୍ନପତ୍ର ଲିକ ଏବଂ ପରୀକ୍ଷା ଅନିୟମିତତା ମାମଲାର ଶୀଘ୍ର ବିଚାର ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଫାଷ୍ଟ-ଟ୍ରାକ୍ କୋର୍ଟ ଗଠନ କରିବାକୁ ଘୋଷଣା କରିଛନ୍ତି. ଦେଶରେ ନିଟ୍ ୟୁଜି ପରୀକ୍ଷା ବିବାଦ ଓ ଛାତ୍ର ଆନ୍ଦୋଳନକୁ ଦୃଷ୍ଟିରେ ରଖି ସରକାର ଏହି ବଡ଼ ପଦକ୍ଷେପ ନେଇଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଘୋଷଣାର ମାତ୍ର କେଇ ଘଣ୍ଟା ମଧ୍ୟରେ ଥଦିଲ୍ଲୀ ହାଇକୋର୍ଟ ଏକ ସ୍ୱତନ୍ତ୍ର ଫାଷ୍ଟ-ଟ୍ରାକ୍ କୋର୍ଟ ଗଠନ କରିଛନ୍ତି । ଦିଲ୍ଲୀର ରାଉଜ୍ ଆଭେନ୍ୟୁ କୋର୍ଟ କମ୍ପ୍ଲେକ୍ସଠାରେ ଏହି କୋର୍ଟ କାର୍ଯ୍ୟ କରିବ । ବିଚାରପତି ଅନୁ ଗ୍ରୋଭର ବାଲିଗାଙ୍କୁ ଏହି ବିଶେଷ କୋର୍ଟର ସ୍ୱତନ୍ତ୍ର ସିବିଆଇ ଜଜ୍ ଭାବେ ନିଯୁକ୍ତ କରାଯାଇଛି । ଏହି ସ୍ୱତନ୍ତ୍ର କୋର୍ଟଗୁଡ଼ିକ 'ପବ୍ଲିକ ଏକ୍ସଜାମିନେସନ (ପ୍ରିଭେନସନ ଅଫ ଅନଫେୟାର ମିନ୍ସ) ଆକ୍ଟ, ୨୦୨୪' ଅଧୀନରେ ଆସୁଥିବା ସମସ୍ତ ମାମଲାର ଶୁଣାଣି କରିବେ ।

ସାଧାରଣ କୋର୍ଟରେ ବର୍ଷ ବର୍ଷ ଧରି ଚାଲୁଥିବା ମାମଲାଗୁଡ଼ିକୁ ଏଠାରେ ପ୍ରାଥମିକତା ଦିଆଯାଇ ଖୁବ୍ କମ୍ ସମୟ ମଧ୍ୟରେ ଅଭିଯୁକ୍ତଙ୍କୁ ଦଣ୍ଡ ଦିଆଯିବ । ଦିଲ୍ଲୀ ବ୍ୟତୀତ ଦେଶର ଅନ୍ୟ ୪ଟି ପ୍ରମୁଖ ରାଜ୍ୟରେ ମଧ୍ୟ ଏଭଳି ସ୍ଥାପନ କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି । ପ୍ରଧାନମନ୍ତ୍ରୀ କହିଛନ୍ତି, "ଯୁବପିଢ଼ିଙ୍କ ଭବିଷ୍ୟତ ସହ ଖେଳୁଥିବା କୌଣସି ବି ଦୋଷୀଙ୍କୁ ବକ୍ସା ଯିବ ନାହିଁ". ଏହାସହ ଆଗାମୀ ଦିନରେ ଏହି ଆଇନକୁ ଆହୁରି କଡ଼ାକଡ଼ି କରିବାକୁ ଏକ ନୂଆ ବିଲ୍ ମଧ୍ୟ ଅଣାଯିବ । କଂଗ୍ରେସ ଏବଂ ଅନ୍ୟ ବିରୋଧୀ ଦଳଗୁଡ଼ିକ ଏହି ପଦକ୍ଷେପକୁ ସ୍ୱାଗତ କରିଥିଲେ ମଧ୍ୟ ଏହା ଯଥେଷ୍ଟ ନୁହେଁ ବୋଲି କହିଛନ୍ତି । ସେମାନେ ଏବେ ମଧ୍ୟ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବିରେ ଅଟଳ ଅଛନ୍ତି ।

**ପ୍ରଶ୍ନପତ୍ର ଲିକ ଏବଂ ପରୀକ୍ଷା ଅନିୟମିତତା ମାମଲା**

'ଭୋକ ହରତାଳର ସମାପ୍ତି, ଉତ୍ତରଦାୟିତ୍ୱର ଆରମ୍ଭ'

# ସୋନମ ୱାଙ୍ଗଚୁକଙ୍କ ଅନଶନ ପ୍ରତ୍ୟାହାର



ନୂଆଦିଲ୍ଲୀ,୨୫/୦୭: ଲଦାଖର ବିଶିଷ୍ଟ ସମାଜସେବୀ ତଥା ଶିକ୍ଷାବିତ୍ ସୋନମ ୱାଙ୍ଗଚୁକ ଦେଶର ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଏବଂ ନିଟ୍ ପ୍ରଶ୍ନପତ୍ର ଲିକ୍ ମାମଲାରେ କେନ୍ଦ୍ର ସରକାରଙ୍କଠାରୁ ଆଶ୍ୱାସନା ପାଇବା ପରେ ଦୀର୍ଘ ୨୬ ଦିନର ଗଣତାନ୍ତ୍ରିକ ଅନଶନ ପ୍ରତ୍ୟାହାର କରିଛନ୍ତି । ରିପୋର୍ଟ ଅନୁଯାୟୀ, ଗୁରୁଗ୍ରାମର ମେଦାନ୍ତ ହସ୍ପିଟାଲଠାରେ କେନ୍ଦ୍ର ମନ୍ତ୍ରୀ ଜେ.ପି. ନଡ୍ଡା ଏବଂ ଜିତେନ୍ଦ୍ର ସିଂହଙ୍କ ଉପସ୍ଥିତିରେ ସେ ନିଜର ଭୋକ ହରତାଳ ଶେଷ କରିଛନ୍ତି । ସମ୍ପ୍ରତି ଦେଶରେ ଘଟିଥିବା ନିଟ୍ ପ୍ରଶ୍ନପତ୍ର ଲିକ୍ ଘଟଣା ଏବଂ ଶିକ୍ଷା ବ୍ୟବସ୍ଥାରେ ହୋଇଥିବା ବଡ଼ ବିଫଳତା ବିରୋଧରେ ଛାତ୍ର ସଂଗଠନ ସହ ମିଶି ସୋନମ ୱାଙ୍ଗଚୁକ ଗତ ଜୁନ୍ ୨୮ ରୁ ଦିଲ୍ଲୀର ଯନ୍ତରମନ୍ତରଠାରେ ଆମରଣ ଅନଶନ ଆରମ୍ଭ କରିଥିଲେ । ସେ ପରୀକ୍ଷା ପରିଚାଳନାରେ ଅନିୟମିତତା ପାଇଁ କେନ୍ଦ୍ର ସରକାରଙ୍କ ଉତ୍ତରଦାୟିତ୍ୱ ମାଗିବା ସହ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରୁଥିଲେ । ସୋନମ ୱାଙ୍ଗଚୁକଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ପ୍ରାୟ ୬୫ ଜଣ ସାଂସଦ ଏବଂ କେନ୍ଦ୍ରମନ୍ତ୍ରୀମାନେ ତାଙ୍କ ସହ ଆଲୋଚନା କରିଥିଲେ । ଦେଶର ବିପର୍ଯ୍ୟସ୍ତ ପରୀକ୍ଷା ପ୍ରଣାଳୀର ସଂସ୍କାର ଏବଂ ଥପ୍ରଶ୍ନପତ୍ର ଲିକ୍ ମାମଲା ଉପରେ ସଂସଦ ଗୃହରେ ସମ୍ପୂର୍ଣ୍ଣ ଆଲୋଚନା କରାଯିବ । ଦିଲ୍ଲୀରେ ଶାନ୍ତିପୂର୍ଣ୍ଣ ଭାବେ ପ୍ରତିବାଦ ଓ ସଂସଦ ଚାଲୋ ମାର୍ଚ୍ଚ କରୁଥିବା ଯୁବକ ଏବଂ ଛାତ୍ରମାନଙ୍କ ବିରୋଧରେ କୌଣସି ପ୍ରକାର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ । ନିଟ୍ ପ୍ରଶ୍ନପତ୍ର ଲିକ୍ ଦୁଃଖରେ ଦେଶରେ ଯେଉଁ ଛାତ୍ରଛାତ୍ରୀମାନେ ଆତ୍ମହତ୍ୟା କରିଛନ୍ତି, ସେମାନଙ୍କ ପରିବାରକୁ ଉପଯୁକ୍ତ ସରକାରୀ ସହାୟତା ଓ କ୍ଷତିପୂରଣ ମିଳିବ ।

ଅନଶନ ପ୍ରତ୍ୟାହାର ପରେ ୱାଙ୍ଗଚୁକ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ' (ଡ) ରେ ଏକ ଭିଡିଓ ବାର୍ତ୍ତା ଜାରି କରି କହିଛନ୍ତି— 'ଏଣ୍ଡ ଅଫ୍ ହଙ୍ଗର୍, ବିଗିନିଙ୍ଗ ଅଫ୍ ଆକାଉଣ୍ଟିବିଲିଟି' (ଭୋକର ସମାପ୍ତି, କିନ୍ତୁ ଏବେ ସରକାରଙ୍କଠାରୁ ଉତ୍ତରଦାୟିତ୍ୱ ମଗାଯିବ) । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ସୋନମ ୱାଙ୍ଗଚୁକଙ୍କ ସୁସ୍ଥତା କାମନା କରିଛନ୍ତି ଏବଂ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଶୀଘ୍ର ନିଜର ଓଜନ ଏବଂ ସ୍ୱାସ୍ଥ୍ୟ ସୁଧାରିବାକୁ ଅନୁରୋଧ କରିଛନ୍ତି ।



ଜନବାର୍ତ୍ତା
ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)



# କକ୍ରୋଚ ଜନତା ପାର୍ଟିର ବିଶାଳ ବିକ୍ଷୋଭ



COCKROACH
JANTA PARTY

କକ୍ରୋଚ ଜନତା ପାର୍ଟିର ଦିଲ୍ଲୀ 'ସଂସଦ ମାର୍ଚ୍ଚ' ଏବଂ ଆନ୍ଦୋଳନ ବର୍ତ୍ତମାନ ସାରା ଦେଶରେ ଏକ ଚର୍ଚ୍ଚାର ବିଷୟ ପାଲଟିଛି। ନୂଆଦିଲ୍ଲୀର ଜନ୍ତର ମନ୍ତରଠାରେ ହଜାର ହଜାର ଯୁବକ ଏବଂ ଛାତ୍ର ଏକାଠି ହୋଇ କେନ୍ଦ୍ର ସରକାରଙ୍କ ବିରୋଧରେ ପ୍ରଦର୍ଶନ ଜାରି ରଖିଛନ୍ତି। ଏହି ସଂଗଠନର ଆରମ୍ଭ ମେ ୨୦୨୬ରେ ଅଭିଜିତ ଦିପକେଙ୍କ ଦ୍ୱାରା ଏକ ଡିଜିଟାଲ୍ ଏବଂ ବ୍ୟଙ୍ଗାତ୍ମକ ଆନ୍ଦୋଳନ ଭାବେ ହୋଇଥିଲା। ସୁପ୍ରିମକୋର୍ଟରେ ଏକ ଶୁଣାଣି ସମୟରେ ବେକାର ଯୁବକ ଏବଂ ଆକ୍ଟିଭିଷ୍ଟମାନଙ୍କ ପାଇଁ "କକ୍ରୋଚ୍" (ଅସରପା) ଶବ୍ଦର ବ୍ୟବହାର କରାଯାଇଥିଲା। ଏହି ଅପମାନକୁ ଏକ ଅସ୍ତ୍ର କରି ଯୁବପିଢ଼ି ନିଜ ସଂଗଠନର ନାମ "କକ୍ରୋଚ ଜନତା ପାର୍ଟି" ରଖିଥିଲେ। ମାତ୍ର କିଛି ସପ୍ତାହ ମଧ୍ୟରେ ଏହି ଆନ୍ଦୋଳନର ଇନଷ୍ଟାଗ୍ରାମ ପେଜ୍‌ରେ ୨୨ ମିଲିୟନରୁ ଅଧିକ ଫଲୋଅର୍ସ ଯୋଡ଼ି ହୋଇଥିଲେ। ନିଟ-ଯୁଜି ଏବଂ ଅନ୍ୟାନ୍ୟ ପ୍ରତିଯୋଗିତାମୂଳକ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ବିବାଦକୁ ନେଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ



ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରାଯାଉଛି। ଦେଶରେ ବଢୁଥିବା ଯୁବ ବେକାରୀ ଏବଂ ଶିକ୍ଷା ବ୍ୟବସ୍ଥାର ବିଫଳତା ବିରୋଧରେ ଏହା ଏକ ବଡ଼ ସ୍ୱର। ନିଟ୍ ପରୀକ୍ଷା ପ୍ରକ୍ରିୟାରେ ସ୍ୱଚ୍ଛତା କିମ୍ବା ଏହାକୁ ବାତିଲ କରିବା ପାଇଁ ଦାବି ହେଉଛି।

ଜୁଲାଇ ୨୦ ତାରିଖରେ ସିଜେପି କର୍ମକର୍ତ୍ତା ଓ ଛାତ୍ରମାନେ ଜନ୍ତର ମନ୍ତରରୁ ସଂସଦ ଭବନ ଆଡ଼କୁ ମାର୍ଚ୍ଚ କରିବାକୁ ଚେଷ୍ଟା କରିଥିଲେ। ଦିଲ୍ଲୀ ପୋଲିସ ସେମାନଙ୍କୁ ରୋକିବା ପାଇଁ ପ୍ରବଳ ଲାଠିଚାର୍ଜ କରିବା ସହ ଲୁହବୁହା ଗ୍ୟାସ ପ୍ରୟୋଗ କରିଥିଲା। ଏହି ସଂଘର୍ଷରେ ପ୍ରାୟ ୬୦ ରୁ ଅଧିକ ପ୍ରଦର୍ଶନକାରୀ ଏବଂ ୧୦୦ ରୁ ଅଧିକ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ସଂଗଠନର ମୁଖ୍ୟ ଅଭିଜିତ ଦିପକେଙ୍କ ସମେତ ୭୦ ରୁ ଅଧିକ ଲୋକଙ୍କୁ ପୋଲିସ ଅଟକ ରଖିଥିଲା। ପୋଲିସ ଅନୁସାରେ ଆନ୍ଦୋଳନକାରୀମାନେ ବାରିକେଡ୍ ଭାଙ୍ଗିବା ସହ ପଥରମାଡ଼ ଏବଂ ସରକାରୀ ଗାଡ଼ି ଭଙ୍ଗାରୁଜା କରିଥିଲେ। କିନ୍ତୁ ସିଜେପି ଏହାକୁ ଅସ୍ୱୀକାର କରି ପୋଲିସର ବର୍ବରତା ବୋଲି କହିଛି।

ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଜୁନ୍ ୨୧ ତାରିଖରେ ପୁଣିଥରେ ନିଟ୍ ପରୀକ୍ଷା କରାଯାଇଥିଲା। କେନ୍ଦ୍ର ସରକାର ଏହି ମାମଲାର ତଦନ୍ତ ଭାର ସିବିଆଇକୁ ହସ୍ତାନ୍ତର କରିଛନ୍ତି। ସିବିଆଇର ସଦ୍ୟତମ ତଦନ୍ତ ଅନୁସାରେ, ନ୍ୟାସନାଲ ଟେଷ୍ଟିଂ ଏଜେନ୍ସୀ (ଏନ୍‌ଟିଏ)ର ଜଣେ ଅଧିକାରୀ ୫ ଲକ୍ଷ ଟଙ୍କା ଲାଞ୍ଚ ନେଇ ପେପର୍ ସେଟିଂ ପ୍ୟାନେଲରୁ ପ୍ରଶ୍ନପତ୍ର ଲିକ୍ କରିଥିଲେ।

ଲିକ୍ ହୋଇଥିବା ୧୩୨ଟି ପ୍ରଶ୍ନ ମଧ୍ୟରୁ ୧୧୧ଟି ପ୍ରଶ୍ନ ହାତରେ ଲେଖାଯାଇ କୋଚିଂ ସେଣ୍ଟରଗୁଡ଼ିକୁ ପଠାଯାଇଥିଲା। ଉଇଓ ବର୍ତ୍ତମାନ ସୁଦ୍ଧା ଦେଶର ବିଭିନ୍ନ ସ୍ଥାନରୁ (ଯଥା ଲାତୁରର ପ୍ରସିଦ୍ଧ ଜଉଉ କୋଚିଂ ସେଣ୍ଟର ମାଲିକଙ୍କ ସହ) ୧୩ ରୁ ଅଧିକ ଅଭିଯୁକ୍ତଙ୍କୁ ଗିରଫ କରି ସାରିଛି। ସେମାନେ ଟେଲିଗ୍ରାମ ଆପ୍ ମାଧ୍ୟମରେ ପ୍ରଶ୍ନପତ୍ର ବିକ୍ରି କରୁଥିଲେ। ପରୀକ୍ଷାରେ ଏଭଳି ଅନିୟମିତତା ଓ ବାରମ୍ବାର ପରୀକ୍ଷା ବାତିଲ ଯୋଗୁଁ ଅନେକ ଆଶାୟୀ ଛାତ୍ରଛାତ୍ରୀ ଗଭୀର ମାନସିକ ଚାପରେ ଆସି ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେଇଛନ୍ତି। ଏହି ପ୍ରସଙ୍ଗକୁ ନେଇ 'କକ୍ରୋଚ ଜନତା ପାର୍ଟି' ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ଆତ୍ମହତ୍ୟା କରିଥିବା ପିଲାଙ୍କ ପରିବାର ପାଇଁ ୧ କୋଟି ଟଙ୍କାର କ୍ଷତିପୂରଣ ଦାବି କରିଛି। ସାରା ଦେଶର ଯୁବପିଢ଼ି ଓ ପ୍ରତିପକ୍ଷ ରାଜନୈତିକ ଦଳଗୁଡ଼ିକ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରୁଛନ୍ତି। ଓଡ଼ିଶାରେ ମଧ୍ୟ ବିଜେଡି ଏବଂ ଯୁବ କଂଗ୍ରେସ ପକ୍ଷରୁ ଏହାକୁ ନେଇ ଜୋରଦାର ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। ଏହି ସଂକ୍ରାନ୍ତୀୟ ମାମଲା ସୁପ୍ରିମକୋର୍ଟରେ ଚାଲିଛି। କୋର୍ଟ କହିଛନ୍ତି ଯେ ପରୀକ୍ଷା ବ୍ୟବସ୍ଥାରେ ୦.୦୦୧% ଅବହେଳାକୁ ମଧ୍ୟ ବରଦାସ୍ତ କରାଯିବ ନାହିଁ। ସୁପ୍ରିମକୋର୍ଟ ସରକାରଙ୍କୁ ପରୀକ୍ଷା ପ୍ରକ୍ରିୟାରେ ସଂସ୍କାର ଆଣିବା ପାଇଁ ଏକ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ନିଟ୍ ପରୀକ୍ଷା ବିବାଦ ଓ ଛାତ୍ର ଆନ୍ଦୋଳନକୁ ନେଇ ଦେଶ ତଥା ଓଡ଼ିଶା ରାଜନୀତିରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ପ୍ରସଙ୍ଗରେ ଶାସକ ବିଜେପି-ଏନଡିଏ ଏବଂ ବିରୋଧୀ ଦଳଗୁଡ଼ିକ ମଧ୍ୟରେ ଜୋରଦାର ବାକଯୁଦ୍ଧ ଚାଲିଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏବଂ ଓଡ଼ିଶାର ବିରୋଧୀ ଦଳ ନେତା (ବିଜେଡି ସୁପ୍ରିମୋ) ନବୀନ ପଟ୍ଟନାୟକ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରିଛନ୍ତି। ସେମାନଙ୍କ ଅନୁସାରେ, ବାରମ୍ବାର ପରୀକ୍ଷା ବିଫଳତା ପାଇଁ ଶିକ୍ଷା ମନ୍ତ୍ରୀ ନୈତିକ ଦାୟିତ୍ୱ ନେଇ ପଦ ଛାଡ଼ିବା ଉଚିତ। ଦିଲ୍ଲୀ ଜନ୍ତର ମନ୍ତରଠାରେ 'କକ୍ରୋଚ ଜନତା ପାର୍ଟି'ର ଛାତ୍ରମାନଙ୍କ ଉପରେ ହୋଇଥିବା ପୋଲିସ ଲାଠିଚାର୍ଜକୁ ନେଇ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ ସଂସଦରେ ସରକାରଙ୍କୁ ଘେରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ବାସଭବନ ଆଗରେ ପ୍ରତିବାଦ କରୁଥିବା ସମୟରେ ରାହୁଲ ଗାନ୍ଧୀ ଏବଂ ପ୍ରିୟଙ୍କା ଗାନ୍ଧୀଙ୍କୁ ଦିଲ୍ଲୀ ପୋଲିସ ଅଟକ ରଖିଥିଲା, ଯାହାକୁ ନେଇ ସୋନିଆ ଗାନ୍ଧୀ ମଧ୍ୟ ଥାନାରେ ପହଞ୍ଚି ଅସନ୍ତୋଷ ପ୍ରକାଶ କରିଥିଲେ। "ଛାତ୍ରମାନଙ୍କୁ ରାଜନୈତିକ ମୋହରା କରାଯାଉଛି"। ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବିରୋଧୀଙ୍କ ଆରୋପର ଜବାବ ଦେଇ କହିଛନ୍ତି ଯେ, କଂଗ୍ରେସ ଓ ରାହୁଲ ଗାନ୍ଧୀ ନିଜର ରାଜନୈତିକ ଫାଇଦା ପାଇଁ କୋମଳମତି ଛାତ୍ରଛାତ୍ରୀଙ୍କୁ ମୋହରା ଭାବେ ବ୍ୟବହାର କରୁଛନ୍ତି। ସରକାର ସଂସଦରେ ଏହି ବିଷୟରେ ଆଲୋଚନା ପାଇଁ ପ୍ରସ୍ତୁତ ଅଛନ୍ତି, କିନ୍ତୁ ବିରୋଧୀ କେବଳ ହଙ୍ଗାମା ଚାହୁଁଛନ୍ତି। ମନ୍ତ୍ରୀ ସିଷ୍ଟମରେ ଥିବା କିଛି ତ୍ରୁଟିକୁ ସ୍ୱୀକାର କରିଛନ୍ତି ଏବଂ ଏଥିପାଇଁ ପରୀକ୍ଷା ସଂସ୍କାର କମିଟି ଗଠନ ସହ ଦୃଢ଼ ପଦକ୍ଷେପ ନିଆଯାଉଛି ବୋଲି କହିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଘରୋଇ ସାଂସଦମାନଙ୍କ ବୈଠକରେ ପେପର ଲିକ୍ ଘଟଣାକୁ ଏକ "ଘୋର ପାପ" ବୋଲି ଆଖ୍ୟା ଦେଇଛନ୍ତି। ସେ କହିଛନ୍ତି ଯେ ଦୋଷୀମାନଙ୍କୁ ଦେଶର ଶୀର୍ଷ ଓକିଲମାନଙ୍କ ସହାୟତାରେ କଠୋରରୁ କଠୋର ଦଣ୍ଡ ଦିଆଯିବ। ଏହାସହ ପିଲାଙ୍କ ଭବିଷ୍ୟତ ସୁରକ୍ଷିତ ରଖିବା ପାଇଁ ଏହି ପ୍ରସଙ୍ଗରେ ରାଜନୀତି ନକରି ସମସ୍ତେ ସହଯୋଗ କରିବାକୁ ସେ ଅପିଲ୍ କରିଛନ୍ତି। ଓଡ଼ିଶାରେ ବିଜେଡି ଏବଂ କଂଗ୍ରେସର ଛାତ୍ର ସଂଗଠନଗୁଡ଼ିକ ଭୁବନେଶ୍ୱର ସମେତ ବିଭିନ୍ନ ଜିଲ୍ଲାରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ରାଜ୍ୟ ବିଜେପି ଏହାକୁ କେବଳ ବିରୋଧୀଙ୍କ ମେଣ୍ଟର ଏକ ରାଜନୈତିକ ଡ୍ରାମା ବୋଲି କହି ପ୍ରତ୍ୟାଖ୍ୟାନ କରିଛି।



COCKROACH
JANATA PARTY
(CJP)

ନିଟ୍ ପ୍ରଶ୍ନପତ୍ର ଲିକ୍ ମାମଲା ଏବଂ କକ୍ରୋଚ ଜନତା ପାର୍ଟିର ଆନ୍ଦୋଳନକୁ ନେଇ ସଂସଦର ଉଭୟ ଗୃହରେ ପ୍ରବଳ ହଙ୍ଗାମା ଓ ଅଚଳାବସ୍ଥା ସୃଷ୍ଟି ହୋଇଛି। ବିରୋଧୀ ଦଳଗୁଡ଼ିକ ଏହି ପ୍ରସଙ୍ଗରେ ସରକାରଙ୍କୁ ସମ୍ପୂର୍ଣ୍ଣ ଭାବେ ଘେରିଛନ୍ତି।

କଂଗ୍ରେସ, ବିଜେଡି, ଟିଏମସି ଏବଂ ସମାଜବାଦୀ ପାର୍ଟି ସମେତ ସମସ୍ତ ପ୍ରମୁଖ ବିରୋଧୀ ଦଳ ସଂସଦର ସମସ୍ତ କାର୍ଯ୍ୟ ସ୍ଥଗିତ ରଖି ନିଟ୍ ଦୁର୍ନୀତି ଏବଂ ଯୁବ ଆନ୍ଦୋଳନକାରୀଙ୍କ ଉପରେ ହୋଇଥିବା ପୋଲିସ ବର୍ବରତା ଉପରେ ଚର୍ଚ୍ଚା ପାଇଁ ଦାବି କରିଥିଲେ। ବିରୋଧୀ ସାଂସଦମାନେ ହାତରେ ପ୍ଲାକାର୍ଡ ଧରି "ଶିକ୍ଷା ମନ୍ତ୍ରୀ ଇସ୍ତଫା ଦିଅ" ଏବଂ "ଛାତ୍ର ବିରୋଧୀ ଏହି ସରକାର ଚଳିବ ନାହିଁ" ଭଳି ସ୍ଲୋଗାନ ଦେଇ ଗୃହର ମଧ୍ୟଭାଗକୁ ଚାଲିଆସିଥିଲେ। ଏହା ଦ୍ୱାରା ବାଚସ୍ପତି ଗୃହକୁ ବାରମ୍ବାର ମୁଲତବୀ କରିବାକୁ ବାଧ୍ୟ ହୋଇଥିଲେ। ରାଜ୍ୟସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖଡ଼ଗେ କହିଛନ୍ତି ଯେ, ସରକାର ନିଜର ବାହୁବଳ ପ୍ରୟୋଗ କରି ଦିଲ୍ଲୀ ରାଜରାସ୍ତାରେ ଛାତ୍ର ଓ ମହିଳାମାନଙ୍କୁ ପୋଲିସ ଦ୍ୱାରା ପିଟାଉଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ସରକାର ସଂସଦରେ ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ଆଲୋଚନା କରିବାକୁ ଭୟ କରୁଛନ୍ତି ଏବଂ ଯୁବପିଢ଼ିଙ୍କ ଭବିଷ୍ୟତ ନଷ୍ଟ ହେବା ପାଇଁ ସରକାର ସମ୍ପୂର୍ଣ୍ଣ ଦାୟୀ। ଲୋକସଭା ବାଚସ୍ପତି ଓମ ବିର୍ଲା ସାଂସଦମାନଙ୍କୁ ଶାନ୍ତିଶୃଙ୍ଖଳା ରକ୍ଷା କରିବାକୁ ଅନୁରୋଧ କରିଥିଲେ। ସଂସଦର ନୂଆ ନିୟମ ଅନୁଯାୟୀ ଗୃହ ମଧ୍ୟରେ କୌଣସି ପ୍ରକାରର ଅସଂସଦୀୟ ନାରାବାଜି କିମ୍ବା ପ୍ଲାକାର୍ଡ ପ୍ରଦର୍ଶନକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ହଙ୍ଗାମା ନଥମିବାରୁ ବାଚସ୍ପତି ଗୃହର କାର୍ଯ୍ୟଧାରାରେ ବାଧା ସୃଷ୍ଟି କରୁଥିବା କିଛି ଅତି ଉଗ୍ର ବିରୋଧୀ ସାଂସଦଙ୍କୁ ନିଲମ୍ବିତ କରିବା ପାଇଁ ଚେତାବନୀ ଦେଇଥିଲେ। ଗୃହ ଭିତରେ ହଙ୍ଗାମା କରିବା ସହ ବିରୋଧୀ ଦଳର ସାଂସଦମାନେ ସଂସଦ ପରିସରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଏକାଠି ହୋଇ ଧାରଣା ଦେଇଥିଲେ। ସେମାନେ ନିଜ ହାତରେ ଲିକ୍ ହୋଇଥିବା ପେପରର ନକଲ ଏବଂ ଆହତ ଛାତ୍ରଙ୍କ ଫଟୋ ପ୍ରଦର୍ଶନ କରି କେନ୍ଦ୍ର ସରକାରଙ୍କ ଏକଛତ୍ରବାଦୀ ନୀତିକୁ ତୀବ୍ର ସମାଲୋଚନା କରିଥିଲେ। ଏହି ହଙ୍ଗାମା ଯୋଗୁଁ ବର୍ତ୍ତମାନ ସଂସଦର ମୌସୁମୀ ଅଧିବେଶନର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପ୍ରଭାବିତ ହେଉଛି ଏବଂ ସରକାର ଓ ବିରୋଧୀଙ୍କ ମଧ୍ୟରେ ଥିବା ଏହି ବିବାଦ ଆଗକୁ ଆହୁରି ଉଗ୍ର ରୂପ ନେଇପାରେ।

- ✦ ଦିଲ୍ଲୀରେ ଆର୍ ପାର୍ ଲଢ଼େଇ
- ✦ ସାରା ଦେଶରୁ ସମର୍ଥକଙ୍କ ସୁଅ
- ✦ ଦିଲ୍ଲୀର ପ୍ରମୁଖ ରାସ୍ତାରେ ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ
- ✦ ଦାବୀ ନ ଶୁଣିଲେ ଦିଲ୍ଲୀ ଛାଡ଼ିବୁନି- ଅଭିଜିତ୍
- ✦ ଆନ୍ଦୋଳନ ସ୍ଥଳରେ ରାହୁଲ ଗାନ୍ଧୀ
- ✦ ଲୋକଙ୍କ ସ୍ୱରକୁ ଦବାଇ ପାରିବେନି ସରକାର
- ✦ କକ୍ରୋଚକୁ ମିଳିଲା ବଡ଼ ସମର୍ଥନ, ମଇଦାନକୁ ଓହ୍ଲାଇଲେ ରାହୁଲ
- ✦ ସଂସଦ ଭବନ ଘେରାଉ ପରେ ଦିଲ୍ଲୀ ରାଜନୀତି ସରଗରମ
- ✦ ଜନତାଙ୍କ ହକ୍ ପାଇଁ ସଂସଦରୁ ସଡ଼କ ପର୍ଯ୍ୟନ୍ତ ଲଢ଼େଇ

## ଗଣତନ୍ତ୍ରର ବିଜୟ - ୱାଙ୍ଗଚୁକ୍

ବିଶିଷ୍ଟ ପରିବେଶବିତ୍ ସୋନମ ୱାଙ୍ଗଚୁକ ଏହି ଆନ୍ଦୋଳନ ସମର୍ଥନରେ ଅନଶନରେ ବସିଥିବା ବେଳେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ବିଗିଡ଼ିବାରୁ ତାଙ୍କୁ ଦିଲ୍ଲୀର ମେଦାନ୍ତା ହସ୍ପିଟାଲରେ ଭର୍ତ୍ତି କରାଯାଇଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ ଏବଂ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ଏହି ଆନ୍ଦୋଳନକୁ ସମ୍ପୂର୍ଣ୍ଣ ସମର୍ଥନ ଜଣାଇ ପ୍ରଧାନମନ୍ତ୍ରୀଙ୍କ ବାସଭବନ ଆଗରେ ପ୍ରତିବାଦ କରି ଗିରଫ ହୋଇଥିଲେ। ରାଜ୍ୟସଭାରେ ମଧ୍ୟ ମଲ୍ଲିକାର୍ଜୁନ ଖଡ଼ଗେ ଏହି ପ୍ରସଙ୍ଗ ଉଠାଇଛନ୍ତି। ସିଜେପି ନେତା ଆଶୁତୋଷ ରାଙ୍କା ଚେତାବନୀ ଦେଇଛନ୍ତି ଯେ "ଜୁଲାଇ ୨୦ କେବଳ ଟ୍ରେଲର ଥିଲା, ଯଦି ଶିକ୍ଷା ମନ୍ତ୍ରୀ ଇସ୍ତଫା ନଦିଅନ୍ତି ତେବେ ସାରା ଦେଶରୁ ଲକ୍ଷ ଲକ୍ଷ ଯୁବକ ଦିଲ୍ଲୀ ଆସିବେ"। ନିଟ୍ ପରୀକ୍ଷା ବିବାଦ ବର୍ତ୍ତମାନ ଦେଶର ଶିକ୍ଷା ବ୍ୟବସ୍ଥା ଏବଂ ରାଜନୀତିରେ ସବୁଠାରୁ ବଡ଼ ହଙ୍ଗାମା ସୃଷ୍ଟି କରିଛି। ପ୍ରଶ୍ନପତ୍ର ଲିକ୍, ଦୁର୍ନୀତି ଏବଂ ପରୀକ୍ଷା ବାତିଲକୁ ନେଇ ସାରା ଦେଶର ଲକ୍ଷ ଲକ୍ଷ ଛାତ୍ରଛାତ୍ରୀ ରାଜରାସ୍ତାକୁ ଓହ୍ଲାଇଛନ୍ତି। କିନ୍ତୁ ପରୀକ୍ଷା ସରିବା ପରେ ବିହାର, ରାଜସ୍ଥାନ ଓ ଗୁଜରାଟ ଭଳି ରାଜ୍ୟରେ ପ୍ରଶ୍ନପତ୍ର ଲିକ୍ ହୋଇଥିବା ନେଇ ବଡ଼ ଅଭିଯୋଗ ସାମ୍ନାକୁ ଆସିଥିଲା। ସୋନମ ୱାଙ୍ଗଚୁକ୍‌ଙ୍କ ଅନଶନ ପରେ ଆନ୍ଦୋଳନ ତୀବ୍ର ହେବାରୁ ସରକାର ତାଙ୍କୁ ବିଭିନ୍ନ ପ୍ରତିଶ୍ରୁତି ଦେଇ ଅନଶନ ପ୍ରତ୍ୟାହାର କରିଥିଲେ ମଧ୍ୟ ଛାତ୍ର ଆନ୍ଦୋଳନ ଜାରି ରହିଥିଲା। ଶେଷରେ ଆଜି ଛାତ୍ର ଆନ୍ଦୋଳନର ଚାପ ଆଗରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ଦେଇଛନ୍ତି। ଧର୍ମେନ୍ଦ୍ରଙ୍କ ଇସ୍ତଫା ପରେ ଏହା ଗଣତନ୍ତ୍ରର ବିଜୟ ବୋଲି ସେ ଖୁସିବ୍ୟକ୍ତ କରିଛନ୍ତି।












ଜନବାର୍ତ୍ତା
ସାଭିମାନୀ ଓଡ଼ିଆଙ୍କ ସର
(JANABARTTA SWABHIMANI ODIANKA SWARA)


# ଭିସୁଟରେ ଛାତ୍ର ଆନ୍ଦୋଳନ



ସମ୍ବଲପୁର,୨୫/୦୭(ଜେଏନ୍ଏସ୍): ସମ୍ବଲପୁର ବୁର୍ଲାସ୍ଥିତ ପ୍ରତିଷ୍ଠିତ ବୀର ସୁରେନ୍ଦ୍ର ସାଏ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟରେ ଛାତ୍ର ଅସନ୍ତୋଷ ଉଗ୍ର ରୂପ ନେଇଛି। କ୍ୟାମ୍ପସରେ ବ୍ୟାପକ ଅବ୍ୟବସ୍ଥାକୁ ବିରୋଧ କରି ମୁଖ୍ୟତଃ ଦ୍ୱିତୀୟ ବର୍ଷର ଶତାଧିକ ଛାତ୍ରଛାତ୍ରୀ କ୍ଲାସ ବର୍ଜନ କରି ବିଶ୍ୱବିଦ୍ୟାଳୟର ପ୍ରଶାସନିକ କୋଠା ଓ ପ୍ରବେଶ ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହି ବଡ଼ ଧରଣର ଆନ୍ଦୋଳନ ପଛରେ ଥିବା ୩ଟି ମୁଖ୍ୟ କାରଣ ରହିଛି । ଛାତ୍ରଛାତ୍ରୀଙ୍କ ଅଭିଯୋଗ ଅନୁଯାୟୀ, ଦୀର୍ଘ ଦିନ ଧରି ହଷ୍ଟେଲରେ ଅତି ନିମ୍ନମାନର ଓ ଅସ୍ୱାସ୍ଥ୍ୟକର ଖାଦ୍ୟ ପରିବେଷଣ କରାଯାଉଛି। ଖାଦ୍ୟରୁ ପୋକ ଏବଂ ତ୍ରୁଟି ବାହାରୁଥିବା ଭଳି ସାଂଘାତିକ ଅଭିଯୋଗ ମଧ୍ୟ ସାମ୍ନାକୁ ଆସିଛି। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଡ୍ରେସ୍‌କୋଡ୍ ବାଧ୍ୟତାମୂଳକ ନିୟମକୁ ଛାତ୍ରଛାତ୍ରୀମାନେ ତୀବ୍ର ବିରୋଧ କରିଛନ୍ତି। ସେମାନଙ୍କ କହିବା କଥା, ଆଡମିଶନ ସମୟରେ କେବଳ ପ୍ରଥମ ବର୍ଷ ପାଇଁ ୟୁନିଫର୍ମ ରହିବ ବୋଲି କୁହାଯାଇଥିଲା, କିନ୍ତୁ ଏବେ ଏହାକୁ ସବୁଦିନ ପାଇଁ ବାଧ୍ୟତାମୂଳକ କରାଯାଉଛି। ସମ୍ବଲପୁରର ଗରମ ପାଣିପାଗ ପାଇଁ ଏହି ବ୍ଲୁ ଫୁଲ୍-ସ୍ଲିଭ୍ ୟୁନିଫର୍ମ ଅସହ୍ୟ। ହଷ୍ଟେଲ ରୁମ୍‌ଗୁଡ଼ିକରେ କ୍ଷମତାଠାରୁ ଅଧିକ ପିଲାଙ୍କୁ ରଖାଯାଉଛି। ଏହା ସହିତ କ୍ୟାମ୍ପସ ଓ ହଷ୍ଟେଲରେ ଅନିୟମିତ ଜଳ ଯୋଗାଣ ଏବଂ ୱାଟର ଫିଲ୍ଟରଗୁଡ଼ିକ ଅଚଳ ହୋଇ ପଡ଼ିଥିବା ଯୋଗୁଁ ପିଇବା ପାଣିର ଘୋର ସମସ୍ୟା ଦେଖାଦେଇଛି। ଛାତ୍ରଛାତ୍ରୀଙ୍କ ଏହି ପ୍ରତିବାଦ ପରେ ଭିସୁଟ୍ କୁଳପତି ଦୀପକ କୁମାର ସାହୁ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଛନ୍ତି। ସମସ୍ୟାଗୁଡ଼ିକର ତଦନ୍ତ କରି ଉଚିତ୍ ପଦକ୍ଷେପ ନେବାକୁ ସେ ଆଶ୍ୱାସନା ଦେବା ପରେ ଆନ୍ଦୋଳନକୁ ସାମୟିକ ଭାବେ ସ୍ଥଗିତ ରଖାଯାଇଛି। ୟୁନିଫର୍ମ ନିୟମର ପୁନଃସମୀକ୍ଷା ପାଇଁ କର୍ତ୍ତୃପକ୍ଷ ଛାତ୍ରଛାତ୍ରୀଙ୍କଠାରୁ ଲିଖିତ କାରଣ ମାଗିବା ସହ ଅଭିଭାବକ-ଶିକ୍ଷକ ବୈଠକ ଡକାଇଛନ୍ତି। ତେବେ ଦାବି ପୂରଣ ନହେଲେ ଆନ୍ଦୋଳନ ପୁଣି ତୀବ୍ର ହେବ ବୋଲି ଛାତ୍ରଛାତ୍ରୀ ଚେତାବନୀ ଦେଇଛନ୍ତି।

# ଓଡ଼ିଶାରେ ୪,୫୭୪ କୋଟିର ବଡ଼ ପୁଞ୍ଜି ନିବେଶ



ଭୁବନେଶ୍ୱର, ୨୫/୦୭ (ଜେଏନ୍ଏସ୍) : ଓଡ଼ିଶାର ଶିଳ୍ପାୟନ ଏବଂ ନିଯୁକ୍ତି କ୍ଷେତ୍ରରେ ଏକ ବଡ଼ ସଫଳତା ମିଳିଛି। ରାଜ୍ୟ ସରକାରଙ୍କ ଉଚ୍ଚସ୍ତରୀୟ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକରେ ୪,୫୭୩.୮୭ କୋଟି ଟଙ୍କାର ମୋଟ ୨୩ଟି ପ୍ରମୁଖ ଶିଳ୍ପ ପ୍ରକଳ୍ପକୁ ମଞ୍ଜୁରୀ ଦିଆଯାଇଛି। ଏହି ପୁଞ୍ଜି ନିବେଶ ଦ୍ୱାରା ରାଜ୍ୟର ୧୧ଟି ଜିଲ୍ଲାରେ ପ୍ରାୟ ୨୨,୮୭୩ ଜଣ ଯୁବକଯୁବତୀଙ୍କ ପାଇଁ ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଦେଶର ପ୍ରମୁଖ ଆଇଟି କମ୍ପାନୀ ଏଚ୍‌ସିଏଲ୍ ଟେକ୍ନୋଲୋଜି (ଭୁବନେଶ୍ୱର) ଠାରେ ୭୩୦ କୋଟି ଟଙ୍କା ନିବେଶ କରିବ। ଏଠାରେ କମ୍ପାନୀ ତାର ପ୍ରଥମ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଅପ୍ଟିମାଇଜ୍ଡ ଗ୍ଲୋବାଲ୍ ଡେଭେଲପମେଣ୍ଟ ସେଣ୍ଟର ଓ ଡାଟା ସେଣ୍ଟର ପ୍ରତିଷ୍ଠା କରିବ। ଏହି ଗୋଟିଏ ପ୍ରକଳ୍ପ ଦ୍ୱାରା ୬,୦୦୦ ରୁ ଅଧିକ ଉଚ୍ଚ-କୁଶଳୀ ଆଇଟି ଚାକିରି ସୃଷ୍ଟି ହେବ। ଅକ୍ଷୟ ଶକ୍ତି କ୍ଷେତ୍ରରେ ଏସିଏମ୍‌ଇ କ୍ଲିନ୍‌ଟେକ୍ ସଲ୍ୟୁସନ୍ ଗଞ୍ଜାମ ଜିଲ୍ଲାରେ ୭୭୮ କୋଟି ଟଙ୍କା ନିବେଶ କରିବ। ଏଠାରେ ୩ ଗିଗାୱାଟ କ୍ଷମତା ବିଶିଷ୍ଟ ଏକ ଆଲକାଲାଇନ୍ ଇଲେକ୍ଟ୍ରୋଲାଇଜର ଉତ୍ପାଦନ ୟୁନିଟ୍ ସ୍ଥାପନ କରାଯିବ। କଟକରେ ୨୦୨.୫ କୋଟି ବ୍ୟୟରେ ଏକ ଜିଙ୍କ୍ ଆନୋଡ୍ ବ୍ୟାଟେରୀ ଉତ୍ପାଦନ କାରଖାନା ପ୍ରତିଷ୍ଠା ହେବ। ଅନୁଗୁଳରେ ୩୫୧ କୋଟି ନିବେଶରେ ୧୦୦ ମେଗାୱାଟର ଏକ ସୋଲାର ପାୱାର ପ୍ଲାଣ୍ଟ ନିର୍ମାଣ ହେବ। ପୁରୀ ଜିଲ୍ଲାରେ ଗାର୍ମେଣ୍ଟ୍ସ ଉଦ୍ୟୋଗ ପାଇଁ ୪ଟି ବଡ଼ ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି। ଏଥିରେ ପ୍ରାୟ ୫୧୨ କୋଟିରୁ ଅଧିକ ପୁଞ୍ଜି ନିବେଶ ହେବ ଏବଂ ସର୍ବାଧିକ ୧୦,୪୦୦ ନିଯୁକ୍ତି ସୁଯୋଗ ମିଳିବ। କଟକରେ ୨୭୫.୮୯ କୋଟି ବ୍ୟୟରେ ଏକ ୩୦୦ ଶଯ୍ୟା ବିଶିଷ୍ଟ ମଲ୍ଟି-ସ୍ପେଶିଆଲିଟି ହସ୍ପିଟାଲ୍ ନିର୍ମାଣ ହେବ। ଏହା ସହିତ କଟକ, ସମ୍ବଲପୁର ଏବଂ ଖୋର୍ଦ୍ଧାରେ ତିନୋଟି ନୂଆ ଫାଇଭ୍-ଷ୍ଟାର୍ ହୋଟେଲ (ମୋଟ ୨୬୦ କୋଟି ବ୍ୟୟରେ) ନିର୍ମାଣ ପାଇଁ ମଧ୍ୟ ଅନୁମତି ମିଳିଛି। ଏହା ବ୍ୟତୀତ ନିକଟରେ ୟୁଏଇ ର ପ୍ରତିଷ୍ଠିତ ଆଇଏଚ୍‌ସି ଗ୍ରୁପ୍ ସହିତ ଓଡ଼ିଶା ସରକାରଙ୍କ ଏକ ବଡ଼ ବୁଝାମଣା ହୋଇଛି। ଏହା ଅଧୀନରେ ସୁନ୍ଦରଗଡ଼ ଏବଂ ରାୟଗଡ଼ା ଜିଲ୍ଲାରେ ପ୍ରାୟ ୧ ଲକ୍ଷ କୋଟି ଟଙ୍କାର ମେଗା ଆଲୁମିନିୟମ୍ ପ୍ରକଳ୍ପ ପ୍ରତିଷ୍ଠା ହେବାକୁ ଯାଉଛି, ଯାହା ଓଡ଼ିଶା ଇତିହାସରେ ସବୁଠୁ ବଡ଼ ବୈଦେଶିକ ନିବେଶ। ଏହି ସମସ୍ତ ନିବେଶ ଓଡ଼ିଶାକୁ 'ସମୃଦ୍ଧ ଓଡ଼ିଶା ୨୦୩୬' ଆଡ଼କୁ ଆଗେଇ ନେବାରେ ସାହାଯ୍ୟ କରିବ।

## ସରକାରୀ କର୍ମଚାରୀଙ୍କ ପାଇଁ ଖୁସିଖବର

# ୫% ବଢ଼ିଲା ମହଙ୍ଗା ଭତ୍ତା



ଭୁବନେଶ୍ୱର,୨୫/୦୭(ଜେଏନ୍ଏସ୍): ରାଜ୍ୟ ସରକାରୀ କର୍ମଚାରୀ ଏବଂ ପେନସନଭୋଗୀଙ୍କ ପାଇଁ ଏକ ବଡ଼ ଖୁସିଖବର ଆସିଛି। ଓଡ଼ିଶା ସରକାରଙ୍କ ପକ୍ଷରୁ ମହଙ୍ଗା ଭତ୍ତା ଏବଂ ମହଙ୍ଗା ସହାୟତା ୫% ବୃଦ୍ଧି କରାଯାଇଛି । ପୂର୍ବରୁ ପ୍ରଚଳିତ ଥିବା ପ୍ରି-ରିଭାଇଜ୍ଡ ସ୍କେଲ୍ ଅଧୀନରେ ଥିବା କର୍ମଚାରୀଙ୍କ ମହଙ୍ଗା ଭତ୍ତା ୨୫୭% ରୁ ବୃଦ୍ଧି ପାଇ ଏବେ ୨୨% ହୋଇଛି। ଏହା ସହିତ ୨୦୧୭ ସଂଶୋଧିତ ବେତନ ହାର ଅନୁଯାୟୀ ମଧ୍ୟ କର୍ମଚାରୀଙ୍କ ଭତ୍ତା ସମୟାନୁକ୍ରମେ ଅପଡେଟ୍ ହେଉଛି।

ଏହି ବର୍ଦ୍ଧିତ ମହଙ୍ଗା ଭତ୍ତା ୧ ଜାନୁଆରୀ ୨୦୨୬ ରୁ ପିଛିଲା ଭାବେ ଲାଗୁ ହେବ। କର୍ମଚାରୀମାନେ ସେମାନଙ୍କର ଜୁଲାଇ ମାସର ଦରମା ସହିତ ଗତ ୬ ମାସର ବକେୟା ଟଙ୍କା ଏକାଠି ପାଇବେ। ରାଜ୍ୟର ପ୍ରାୟ ୪ ଲକ୍ଷ ସରକାରୀ କର୍ମଚାରୀ ଏହା ଦ୍ୱାରା ସିଧାସଳଖ ଉପକୃତ ହେବେ। ଏହା ସହିତ ପ୍ରାୟ ୩.୫ ଲକ୍ଷ ପେନସନଭୋଗୀ ମଧ୍ୟ ଏହି ବର୍ଦ୍ଧିତ ଭତ୍ତାର ଲାଭ ପାଇବେ। ରାଜ୍ୟ ଅର୍ଥ ବିଭାଗ ପକ୍ଷରୁ ଏହି ସମ୍ପର୍କିତ ସରକାରୀ ବିଜ୍ଞପ୍ତି ଜାରି କରାଯାଇଛି। ଏହି ନିଷ୍ପତ୍ତି ଦ୍ୱାରା ବଜାରର ବଢୁଥିବା ମହଙ୍ଗା ସମୟରେ ସରକାରୀ କର୍ମଚାରୀଙ୍କ ଆର୍ଥିକ ସ୍ଥିତିରେ ବଡ଼ ଆଶ୍ୱସ୍ତି ମିଳିବ। ଅର୍ଥ ବିଭାଗ ପକ୍ଷରୁ ଏକ କଡ଼ା ଚେତାବନୀ ମଧ୍ୟ ଦିଆଯାଇଛି। ଯେଉଁ ଅଧିକାରୀମାନେ ବଦଳି ଆଦେଶ ପରେ ମଧ୍ୟ ନିଜର ନୂଆ ପୋଷ୍ଟିଙ୍ଗ୍ ସ୍ଥାନରେ ଯୋଗ ଦେଇନାହାନ୍ତି, ସେମାନଙ୍କ ଦରମା ବନ୍ଦ କରାଯିବା ନେଇ ସରକାର ଚେତାବନୀ ଦେଇଛନ୍ତି।

# ମୟୂରଭଞ୍ଜରେ ୨୦ ଛାତ୍ରଛାତ୍ରୀ ଅସୁସ୍ଥ

ମୟୂରଭଞ୍ଜ,୨୫/୦୭(ଜେଏନ୍ଏସ୍): ମୟୂରଭଞ୍ଜ ଜିଲ୍ଲାରେ ଏକ ବଡ଼ ଦୁଃଖଦ ଘଟଣା ସାମ୍ନାକୁ ଆସିଛି, ଯେଉଁଠାରେ ଏକ ସରକାରୀ ହଷ୍ଟେଲରେ ରହୁଥିବା ୨୦ ଜଣ ଛାତ୍ରୀ ହଠାତ୍ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଅସୁସ୍ଥ ହୋଇପଡ଼ିଛନ୍ତି। ମୟୂରଭଞ୍ଜ ଜିଲ୍ଲାର ଗୋରୁମହିଷାଣୀ ଥାନା ଅନ୍ତର୍ଗତ ସରଗୋଡ଼ା ପୂର୍ଣ୍ଣେଶ୍ୱର ସରକାରୀ ୟୁପି ସ୍କୁଲ ପରିସରରେ ଥିବା କସ୍ତୁରବା ଗାନ୍ଧୀ ବାଳିକା ଛାତ୍ରୀନିବାସ (ହଷ୍ଟେଲ) ଠାରେ ଏହି ଘଟଣା ଘଟିଛି। ବର୍ଷାଦିନ ଯୋଗୁଁ ହଷ୍ଟେଲରେ ଜଳବାହିତ ରୋଗ ବ୍ୟାପିଥିବା କୁହାଯାଉଛି। ପ୍ରାଥମିକ ସୂଚନା ଅନୁଯାୟୀ, ହଷ୍ଟେଲର ଦୂଷିତ ଟ୍ୟାପ୍ ପାଣି ପିଇବା କାରଣରୁ ଏକାସାଙ୍ଗରେ ଏତେ ସଂଖ୍ୟକ ଛାତ୍ରୀଙ୍କଠାରେ ଝାଡ଼ା ଓ ବାନ୍ତିର ଲକ୍ଷଣ ଦେଖାଦେଇଛି। ଘଟଣା ବିଷୟରେ ଜାଣିବା ପରେ ବିଦ୍ୟାଳୟ କର୍ତ୍ତୃପକ୍ଷ ତୁରନ୍ତ ଆମ୍ବୁଲାନ୍ସ ଯୋଗେ ସମସ୍ତ ଅସୁସ୍ଥ ଛାତ୍ରୀଙ୍କୁ ରାଇରଙ୍ଗପୁର ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ବର୍ତ୍ତମାନ ସେଠାରେ ସ୍ପେଶାଲ ମେଡିକାଲ୍ ଟିମ୍ ଦ୍ୱାରା ସମସ୍ତ ଛାତ୍ରୀଙ୍କ ଚିକିତ୍ସା ଜାରି ରହିଛି ଏବଂ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ସୂଚନା ମିଳିଛି।

# କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କଲେ ନବୀନ ପଟ୍ଟନାୟକ



ଭୁବନେଶ୍ୱର,୨୫/୦୭(ଜେଏନ୍ଏସ୍): କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରିଛନ୍ତି ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଦେଶରେ ଚାଲିଥିବା ନିଟ୍ ପ୍ରଶ୍ନପତ୍ର ଲିକ୍ ମାମଲା ଏବଂ ନୂଆଦିଲ୍ଲୀରେ ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କ ଉପରେ ପୋଲିସର ଲାଠିଚାର୍ଜ ଘଟଣାକୁ ନେଇ ନବୀନ ଏହି ବଡ଼ ବୟାନ ଦେଇଛନ୍ତି। ନବୀନ ପଟ୍ଟନାୟକ ନୂଆଦିଲ୍ଲୀ ଗସ୍ତ ସମୟରେ ଦଳୀୟ ସାଂସଦମାନଙ୍କ ସହ ସମୀକ୍ଷା ବୈଠକ କରିବା ପରେ ଗଣମାଧ୍ୟମ ସମ୍ମୁଖରେ ଏହି ପ୍ରତିକ୍ରିୟା ରଖିଛନ୍ତି। ଦିଲ୍ଲୀରେ ନିଟ୍ ପରୀକ୍ଷା ଅନିୟମିତତା ବିରୋଧରେ ପ୍ରତିବାଦ କରୁଥିବା ଅନେକ ଯୁବ ଛାତ୍ରଛାତ୍ରୀଙ୍କୁ ପୋଲିସ ଦ୍ୱାରା ଅତି ଅମାନୁଷିକ ଭାବେ ଆକ୍ରମଣ କରାଯାଇ ଆହତ କରାଯାଇଛି, ଯାହା ଅତ୍ୟନ୍ତ ସଂଗୀନ ଓ ଦୁଃଖଦାୟକ ଅଟେ।

କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟର ବାରମ୍ବାର ବିଫଳତା ଏବଂ ଛାତ୍ରଛାତ୍ରୀଙ୍କ ଅସନ୍ତୋଷ ପାଇଁ କେନ୍ଦ୍ରମନ୍ତ୍ରୀ ନୈତିକତା ଦୃଷ୍ଟିରୁ ତୁରନ୍ତ ନିଜ ପଦବୀରୁ ଇସ୍ତଫା ଦେବା ଉଚିତ୍ ବୋଲି ଦାବି ହୋଇଛି। ନବୀନ ଭୁବନେଶ୍ୱର ଫେରିବା ପରେ ପୁନର୍ବାର ନିଜ ଦାବିକୁ ଦୋହରାଇଛନ୍ତି। ଏହି ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କୁ ଘେରିବା ପାଇଁ ବିଜୁ ଜନତା ଦଳ ସାରା ଓଡ଼ିଶାରେ ନିଜର ଆନ୍ଦୋଳନକୁ ଆହୁରି ବ୍ୟାପକ ଓ ଜୋରଦାର କରିବ ବୋଲି ଦଳୀୟ ସୂତ୍ରରୁ ଜଣାପଡ଼ିଛି। ବିଜେଡି ସାଂସଦମାନେ ଦିଲ୍ଲୀର ହସ୍ପିଟାଲ୍ ଯାଇ ଆହତ ଆନ୍ଦୋଳନକାରୀ ଛାତ୍ରଛାତ୍ରୀଙ୍କୁ ମଧ୍ୟ ଭେଟିଛନ୍ତି। ନବୀନଙ୍କ ଏହି ବୟାନ ପରେ କଟକ ସାଂସଦ ଭର୍ତ୍ତୃହରି ମହତାବ ଏବଂ ଅନ୍ୟ ବିଜେପି ନେତାମାନେ ବିଜେଡିକୁ ତୀବ୍ର ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ୨୦୧୫ ରୁ ୨୦୨୩ ମସିହା ପର୍ଯ୍ୟନ୍ତ ନବୀନ ପଟ୍ଟନାୟକଙ୍କ ନିଜ ଶାସନ କାଳରେ ଓଡ଼ିଶାର ଓପିଏସସି ଓ ଅନ୍ୟାନ୍ୟ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଅନେକ ଥର ପ୍ରଶ୍ନପତ୍ର ଲିକ୍ ଓ ଦୁର୍ନୀତି ହୋଇଥିଲା। ସେତେବେଳେ ନବୀନ ବାବୁ ନିଜ ସରକାରର କୌଣସି ଜଣେ ହେଲେ ମନ୍ତ୍ରୀଙ୍କ ଇସ୍ତଫା ନେଇନଥିଲେ। ଦିଲ୍ଲୀରେ ସଂସଦ ଭିତରକୁ ଜୋରଜବରଦସ୍ତ ପଶିବାକୁ ଚେଷ୍ଟା କରୁଥିବା ହିଂସାତ୍ମକ ଗୋଷ୍ଠୀକୁ ବିଜେଡି ସମର୍ଥନ କରିବା ସେମାନଙ୍କ ରାଜନୈତିକ ମତିଭ୍ରମକୁ ଦର୍ଶାଉଛି ବୋଲି ବିଜେପି କହିଛି।

## କକ୍ରୋଚ ଜନତା ପାର୍ଟି

# ଛାତ୍ର ଆନ୍ଦୋଳନ ଭଣ୍ଡୁର ପାଇଁ ଉଦ୍ୟମ



▸▸ ସିଜେପିର 'ସଂସଦ ଚଲୋ' ଶୋଭାଯାତ୍ରା

▸▸ ଆନ୍ଦୋଳନ ସ୍ଥଳରେ ହିଂସା ଉପୁଜାଇବାକୁ ଚେଷ୍ଟା

ନୂଆଦିଲ୍ଲୀରେ ଚାଲିଥିବା କକ୍ରୋଚ୍ ଜନତା ପାର୍ଟିର ଆନ୍ଦୋଳନରେ ବାହାରର କିଛି ଅସାମାଜିକ ତତ୍ୱ ପ୍ରବେଶ କରି ହିଂସା ଉପୁଜାଇବାକୁ ଚେଷ୍ଟା କରୁଥିବା ନେଇ ଅଭିଯୋଗ ହୋଇଛି। ସିଜେପି ପକ୍ଷରୁ ଜୁଲାଇ ୨୦ରେ ଆୟୋଜିତ 'ସଂସଦ ଚଲୋ' ଶୋଭାଯାତ୍ରା ସମୟରେ ପୋଲିସ ସହ ଧସ୍ତାଧସ୍ତି ଓ ପଥରମାଡ଼ ପଛରେ ଏହି ଅସାମାଜିକ ତତ୍ୱମାନଙ୍କର ହାତ ଥିବା ନେଇ ସନ୍ଦେହ କରାଯାଉଛି। ଆନ୍ଦୋଳନ ସ୍ଥଳ (ଜନ୍ତର ମନ୍ତର) ବାହାରେ କିଛି ଅସାମାଜିକ ଗୋଷ୍ଠୀ ଶାନ୍ତିପୂର୍ଣ୍ଣ ପ୍ରତିବାଦକୁ ଉସୁକାଇବାକୁ ଚେଷ୍ଟା କରିଥିଲେ। ଏହାକୁ ଦୃଷ୍ଟିରେ ରଖି ଆନ୍ଦୋଳନର ପ୍ରମୁଖ ସହଯୋଗୀ ସୋନମ ୱାଙ୍ଗଚୁକ୍ ସମସ୍ତଙ୍କୁ ସମ୍ପୂର୍ଣ୍ଣ ଶାନ୍ତି ବଜାୟ ରଖିବାକୁ ଅପିଲ୍ କରିଛନ୍ତି।

ସିଜେପି ଆନ୍ଦୋଳନ ପଛରେ ବିଦେଶୀ ପାଣ୍ଠିପ୍ରାପ୍ତ ସଂଗଠନ ଏବଂ ଅସାମାଜିକ ତତ୍ୱଙ୍କ ସମ୍ପୃକ୍ତି ଥିବା ଅଭିଯୋଗ କରି ଦିଲ୍ଲୀ ହାଇକୋର୍ଟରେ ଏକ ଜନସ୍ୱାର୍ଥ ଆବେଦନ ଦାଖଲ କରାଯାଇଛି, ଯେଉଁଥିରେ ଜାତୀୟ ତଦନ୍ତକାରୀ ସଂସ୍ଥା ଦ୍ୱାରା ଏହାର ତଦନ୍ତ କରିବାକୁ ଦାବି ହୋଇଛି। ବଡ଼ ଧରଣର ସମାବେଶ ମଧ୍ୟରେ ଲୁଚି ରହିଥିବା ଅସାମାଜିକ ତତ୍ୱଙ୍କୁ ଚିହ୍ନଟ କରିବା ଏବଂ ସ୍ଥିତି ଉପରେ ନଜର ରଖିବା ପାଇଁ ଦିଲ୍ଲୀ ପୋଲିସ ସାଧାରଣ ପୋଷାକରେ ନିଜର କର୍ମଚାରୀଙ୍କୁ ମୁତୟନ କରିଥିଲା। ନିଟ୍ ପ୍ରଶ୍ନପତ୍ର ପ୍ରଘଟ ଦୁର୍ନୀତି ବିରୋଧରେ କକ୍ରୋଚ୍ ଜନତା ପାର୍ଟି ଏବଂ ଦେଶର ହଜାର ହଜାର ଛାତ୍ରଛାତ୍ରୀ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବିରେ ଏହି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ସାଧାରଣ ଛାତ୍ରଛାତ୍ରୀ ଏବଂ ସ୍ୱେଚ୍ଛାସେବୀମାନେ ଏହାକୁ ଏକ ଶାନ୍ତିପୂର୍ଣ୍ଣ ଗଣତାନ୍ତ୍ରିକ ପ୍ରତିବାଦ କହୁଥିବା ବେଳେ ବିରୋଧୀ ଗୋଷ୍ଠୀ ଏହାକୁ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଓ ହିଂସାତ୍ମକ ବୋଲି ଦର୍ଶାଉଛନ୍ତି। ସରକାର ଓ ସିଜେପି ପ୍ରତିନିଧିଙ୍କ ମଧ୍ୟରେ ଆଲୋଚନା ଚାଲିଥିବା ବେଳେ ମାମଲା ପ୍ରତ୍ୟାହାର ଓ କ୍ଷତିପୂରଣ ଭଳି କିଛି ଦାବି ଉପରେ ନୀତିଗତ ସହମତି ପ୍ରକାଶ ପାଇଛି। ଆଜାଦ ସମାଜ ପାର୍ଟିର ମୁଖ୍ୟ କାଂଶୀ ରାମ ଏବଂ ସାଂସଦ ଚନ୍ଦ୍ରଶେଖର ଆଜାଦ କହିଛନ୍ତି, ସରକାର ନିଜର ଧର୍ମ ପାଳନ କରୁଛନ୍ତି। ପୁଲିସ ନିଜର ଧର୍ମ ପାଳନ କରୁଛି, ଏବଂ ମୁଁ ଏହି ଭୂମି ପ୍ରତି ମୋର କର୍ତ୍ତବ୍ୟ ପାଳନ କରିବା ପାଇଁ ସଂଘର୍ଷରେ ଯୋଗ ଦେଇଛି। ଜଣେ ଯୁବ ଭାରତୀୟ ଭାବରେ, ମୁଁ ଯୁବବର୍ଗମାନଙ୍କ ଯନ୍ତ୍ରଣା ବୁଝିପାରୁଛି।

## ଇସ୍ତଫା ଦେଲେ ବାଂଲାଦେଶ ରାଷ୍ଟ୍ରପତି

ବାଂଲାଦେଶ, ୨୫/୦୭ : ହଠାତ ଇସ୍ତଫା ଦେଇଛନ୍ତି ବାଂଲାଦେଶର ରାଷ୍ଟ୍ରପତି ମହମ୍ମଦ ଶାହାବୁଦ୍ଦିନ। ସେ ନିଜର ସ୍ୱାସ୍ଥ୍ୟଗତ ସମସ୍ୟା କଥା ହିଁ ଦେଶର ସର୍ବୋଚ୍ଚ ପଦ ଛାଡ଼ି ଦେଇଛନ୍ତି। ବିକ୍ଷୋଭ ଭୟରେ ଦେଶ ଛାଡ଼ିଥିବା ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହାସିନାଙ୍କ ପୂର୍ବତନ ସହଯୋଗୀ ଭାବେ ମହମ୍ମଦ ଶାହାବୁଦ୍ଦିନ ବେଶ ପରିଚିତ ଥିଲେ। ତାରିକ ରହମାନ ପ୍ରଧାନମନ୍ତ୍ରୀ ହୋଇଥିଲେ ହେଁ ଶାହାବୁଦ୍ଦିନ ପୂର୍ବଭଳି ରାଷ୍ଟ୍ରପତି ଦାୟିତ୍ୱରେ ରହିଥିଲେ। ୭୬ ବର୍ଷୀୟ ଶାହାବୁଦ୍ଦିନ ୨୦୨୩ ଏପ୍ରିଲରୁ ରାଷ୍ଟ୍ରପତି ପଦରେ କାର୍ଯ୍ୟ କରୁଥିଲେ। ୨୦୨୪ରେ ଛାତ୍ର ନେତୃତ୍ୱାଧୀନ ଆନ୍ଦୋଳନ ଓ ହାସିନାଙ୍କ ଭାରତ ପଳାୟନ ବେଳେ ମଧ୍ୟ ସେ ଦାୟିତ୍ୱରେ ଥିଲେ। ଶାହାବୁଦ୍ଦିନ ତାଙ୍କ ପ୍ରେସ୍ ସଚିବଙ୍କ ଦ୍ୱାରା ଜାରି ଏକ ବିବୃତିରେ କହିଛନ୍ତି, "ଏବେ ଚିକିତ୍ସା ଜନିତ ପରୀକ୍ଷାରେ ମୋତେ ଅଟୋନୋମିକ୍ ନ୍ୟୁରୋପାଥି ନାମକ ଏକ ରୋଗ ଥିବା ଜଣାପଡ଼ିଛି। ଏହି କାରଣରୁ ମୁଁ କେବେ କେବେ କିଛି ସମୟ ପାଇଁ ଚେତା ହରାଉଛି। ଏପରି ସ୍ଥିତିରେ ରାଷ୍ଟ୍ରପତି ପଦରେ ରହିବା ମୋ ପାଇଁ ସମ୍ଭବ ନୁହେଁ।" ଶାହାବୁଦ୍ଦିନଙ୍କ ଇସ୍ତଫା ହାସିନାଙ୍କ ପାଇଁ ଶକ୍ତ ଝଟକା। କାରଣ ସେ ପ୍ରାୟ ୫ ମାସ ପରେ ବାଂଲାଦେଶ ଫେରିବାକୁ ଯୋଜନା କରିଛନ୍ତି। ଏହା ପୂର୍ବରୁ ଉଚ୍ଚ ପଦରେ ଥିବା ନିଜର ଶେଷ ସହଯୋଗୀଙ୍କୁ ମଧ୍ୟ ସେ ହରାଇବାକୁ ବାଧ୍ୟ ହୋଇଛନ୍ତି।

# ନବୀନଙ୍କୁ ବିଜେପି ସାଂସଦ ଭର୍ତ୍ତୃହରି ମହତାବଙ୍କ ଜବାବ



ଭୁବନେଶ୍ୱର,୨୫/୦୭(ଜେଏନ୍ଏସ୍):କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରିଥିବା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ବିଜେପିର ବରିଷ୍ଠ ସାଂସଦ ଭର୍ତ୍ତୃହରି ମହତାବ ନୂଆଦିଲ୍ଲୀରେ ଏକ ସାମ୍ବାଦିକ ସମ୍ମିଳନୀ କରି କଡ଼ା ଜବାବ ଦେଇଛନ୍ତି। ସେ ନବୀନଙ୍କ ଏହି ଆଭିମୁଖ୍ୟକୁ ତୀବ୍ର ସମାଲୋଚନା କରିବା ସହ ଏହାକୁ "ନିନ୍ଦନୀୟ, ଅଗ୍ରହଣୀୟ ଏବଂ ନିମ୍ନ ମନୋବୃତ୍ତିର ପରିଚୟ" ବୋଲି ଆଖ୍ୟା ଦେଇଛନ୍ତି।

ଓଡ଼ିଶାର ଅନ୍ୟ ୧୧ ଜଣ ବିଜେପି ଲୋକସଭା ସାଂସଦଙ୍କ ସହ ମିଶି ଭର୍ତ୍ତୃହରି ମହତାବ ମତ ଦେଇ କହିଛନ୍ତି ଯେ ଓଡ଼ିଶାରେ ସରକାର ଚାଲିଯିବା ପରେ ଏବେ ନବୀନ ପଟ୍ଟନାୟକ ଔଷଧ ବିକଳରେ ତାଟିଆ କାମୁଡ଼ିବା ଭଳି ପରିସ୍ଥିତି ସୃଷ୍ଟି କରୁଛନ୍ତି। ରାଜନୈତିକ ସ୍ଥିତି ହରାଇବା ଭୟରେ ସେ ଦିଲ୍ଲୀ ଯାଇ ଏଭଳି ଆଧାରହୀନ ବୟାନବାଜି କରୁଛନ୍ତି, ଯାହା ଜଣେ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ପାଇଁ ଶୋଭା ପାଏନାହିଁ। ଦିଲ୍ଲୀରେ ସଂସଦ ଭିତରକୁ ଜୋରଜବରଦସ୍ତ ପଶିବାକୁ ଚେଷ୍ଟା କରୁଥିବା ଏବଂ ହିଂସା କରୁଥିବା ଉଗ୍ର ସିଜେପି ଆନ୍ଦୋଳନକୁ ନବୀନ ସମର୍ଥନ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ବିଜେଡିର କିଛି ନେତା କହୁଛନ୍ତି "ଆମେ ଦଳକୁ ନୁହେଁ, ଛାତ୍ରଙ୍କୁ ସମର୍ଥନ କରୁଛୁ", ଯାହାକୁ ମହତାବ "ଚଟୁ ଆମିଷ, ବେଣ୍ଟ ନିରାମିଷ" ଭଳି ଦୋମୁହାଁ ନୀତି ବୋଲି କହିଛନ୍ତି, ଯେଉଁଥିରୁ ସ୍ପଷ୍ଟ ହେଉଛି ବିଜେଡିର ମତିଭ୍ରମ ଘଟିଛି। ଭର୍ତ୍ତୃହରିଙ୍କ କହିବା ମୁତାବକ, ନିଟ୍ ଅନିୟମିତତା ନଜରକୁ ଆସିବା କ୍ଷଣି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତୁରନ୍ତ ଦୃଢ଼ ଓ ସଂଶୋଧନାତ୍ମକ ପଦକ୍ଷେପ ନେଇଛନ୍ତି। ଯୁଦ୍ଧକାଳୀନ ଭିତ୍ତିରେ ବିମାନ ଯୋଗେ ପ୍ରଶ୍ନପତ୍ର ପଠାଯାଇ ପୁନଃପରୀକ୍ଷା ସଫଳତାର ସହ ଶେଷ କରାଗଲା ଏବଂ ଠିକ୍ ସମୟରେ ରେଜଲ୍ଟ ବି ପ୍ରକାଶ ପାଇଲା, ଏଥିପାଇଁ ଶ୍ରୀ ପ୍ରଧାନ ପ୍ରଶଂସାର ପାତ୍ର, ଇସ୍ତଫାର ନୁହେଁ।

ବିଜେପି ନେତାମାନେ ନବୀନଙ୍କୁ ତାଙ୍କ ନିଜ ୨୪ ବର୍ଷର ଶାସନ କାଳ ମନେ ପକାଇ ଦେଇଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଓଡ଼ିଶାରେ ଓପିଏସ୍‌ସି ବିଭିନ୍ନ ବିଭାଗୀୟ ପରୀକ୍ଷା ଏବଂ ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନରେ ବହୁବାର ପ୍ରଶ୍ନପତ୍ର ଲିକ୍ ହୋଇ ଲକ୍ଷ ଲକ୍ଷ ପିଲାଙ୍କ ଭବିଷ୍ୟତ ଅନ୍ଧାରକୁ ଚାଲିଯାଇଥିଲା। ସେତେବେଳେ ନବୀନ ବାବୁ ନିଜ ସରକାରର କୌଣସି ଜଣେ ହେଲେ ମନ୍ତ୍ରୀଙ୍କଠାରୁ ଇସ୍ତଫା ମାଗି ନଥିଲେ। ଭର୍ତ୍ତୃହରି ମହତାବଙ୍କ ଏହି କଡ଼ା ବୟାନ ପରେ ବିଜେଡି ଶିବିରରେ ମଧ୍ୟ ପ୍ରତିକ୍ରିୟା ପ୍ରକାଶ ପାଇଛି। ବିଜେଡିର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର ଏବଂ ପ୍ରତାପ ଜେନା କହିଛନ୍ତି ଯେ ନବୀନ ପଟ୍ଟନାୟକଙ୍କ ପରି ଜଣେ ସମ୍ମାନଜନକ ନେତାଙ୍କ ପ୍ରତି ଏଭଳି ଅଶାଳୀନ ମନ୍ତବ୍ୟ ଦେଇଥିବାରୁ ସାଂସଦ ଭର୍ତ୍ତୃହରି ମହତାବ ତୁରନ୍ତ ନିଜ ବୟାନ ପ୍ରତ୍ୟାହାର କରନ୍ତୁ ଏବଂ ସାର୍ବଜନୀନ ଭାବେ କ୍ଷମା ମାଗନ୍ତୁ।

# ରେଳବାଇ ପକ୍ଷରୁ 'ଏଆଇ୍ ରୋବୋ' ଡିଏସ୍‌ସି ଅର୍ଜୁନ ଲଞ୍ଚ



ଭୁବନେଶ୍ୱର,୨୫/୦୭(ଜେଏନ୍ଏସ୍): ଭାରତୀୟ ରେଳବାଇରେ କୃତ୍ରିମ ବୁଦ୍ଧିମତ୍ତା ବା ଇଓ ପ୍ରଯୁକ୍ତିବିଦ୍ୟାର ଏକ ନୂଆ ଅଧ୍ୟାୟ ଆରମ୍ଭ ହୋଇଛି। ପୂର୍ବତଟ ରେଳପଥ ପକ୍ଷରୁ ଯାତ୍ରୀ ସୁରକ୍ଷା ଓ ଷ୍ଟେସନ ନିରୀକ୍ଷଣ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ 'ଡିଏସ୍‌ସି ଅର୍ଜୁନ' ନାମକ ଏକ ଅତ୍ୟାଧୁନିକ ଏଆଇ ସଞ୍ଚାଳିତ ହ୍ୟୁମାନଏଡ୍ ରୋବୋଟ୍ ଲଞ୍ଚ କରାଯାଇଛି। ରେଳ ସୁରକ୍ଷା ବଳର ସହାୟତା ପାଇଁ ଏହି ରୋବୋଟ୍‌କୁ ବିକଶିତ କରାଯାଇଛି।

ପ୍ରଥମ ପର୍ଯ୍ୟାୟରେ ଏହି ରୋବୋଟ୍‌କୁ ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ପର୍ଯ୍ୟନ୍ତ ପୁରୀ ରେଳ ଷ୍ଟେସନରେ ମୁତୟନ କରାଯାଇଛି। ଏହାପରେ ଏହାକୁ ସ୍ଥାୟୀ ଭାବରେ ଭୁବନେଶ୍ୱର ରେଳ ଷ୍ଟେସନରେ ନିୟୋଜିତ କରାଯିବ। ଏହି ଆଡଭାନ୍ସଡ୍ ରୋବୋଟିକ୍ ସୁରକ୍ଷା ପ୍ଲାଟଫର୍ମକୁ ପ୍ରାୟ ୪୦ ଲକ୍ଷ ଟଙ୍କା ବ୍ୟୟରେ ପ୍ରସ୍ତୁତ କରାଯାଇଛି। ଏଥିପାଇଁ ବିଶାଖାପାଟଣାର ଏକ ସଂସ୍ଥା ସହ ପୂର୍ବତଟ ରେଳବାଇର ବୁଝାମଣା ହୋଇଛି।

ଏଥିରେ ୭ଟି ଅତ୍ୟାଧୁନିକ ୩୬ ଡିଗ୍ରୀ କ୍ୟାମେରା ଲାଗିଛି, ଯାହା ଦ୍ୱାରା ୨୪×୦୭ ପାଟ୍ରୋଲିଂ ଓ ଚାରିପାଖର ସ୍ଥିତି ଉପରେ ନଜର ରଖାଯାଇପାରିବ। ରୋବୋଟ୍‌ରେ ଇଓ ଆଧାରିତ ଫେସ୍ ରିକଗ୍ନିସନ୍ ସିଷ୍ଟମ୍ ରହିଛି। ଏହା ଷ୍ଟେସନରେ ବୁଲୁଥିବା ସନ୍ଦିଗ୍ଧ ବ୍ୟକ୍ତି କିମ୍ବା ପୂର୍ବ ଅପରାଧୀଙ୍କୁ ଚିହ୍ନଟ କରି ତୁରନ୍ତ ଜଚର୍ କୁ ଆଲର୍ଟ ପଠାଇବ। ଷ୍ଟେସନର ପ୍ଲାଟଫର୍ମ, ବୁକିଂ କାଉଣ୍ଟର ଓ ୱେଟିଂ ହଲ୍ ଭଳି ଜାଗାରେ ଯାତ୍ରୀଙ୍କ ସଂଖ୍ୟା ଗଣିବା ସହ ଅତ୍ୟଧିକ ଭିଡ଼ କିମ୍ବା ଠେଲାପେଲା ପରିସ୍ଥିତି ସୃଷ୍ଟି ହେଲେ ଏହା ଆଲାର୍ମ ବଜାଇବ। ଯଦି ଷ୍ଟେସନ ପରିସରରେ କୌଣସି ସ୍ଥାନରେ ନିଆଁ ଲାଗେ କିମ୍ବା ଧୂଆଁ ଉଠେ, ତେବେ ରୋବୋଟିକ୍ ସିଷ୍ଟମ୍ ତୁରନ୍ତ ଏହାକୁ ଧରି ସତର୍କ ସୂଚନା ଦେବ। ଯାତ୍ରୀଙ୍କ ସଚେତନତା ପାଇଁ ଏହି ରୋବୋଟ୍ ସ୍ୱୟଂଚାଳିତ ଭାବେ ଓଡ଼ିଆ, ହିନ୍ଦୀ ଏବଂ ଇଂରାଜୀ ଭାଷାରେ ସୁରକ୍ଷା ସମ୍ବନ୍ଧୀୟ ଘୋଷଣା କରିପାରିବ।

# ବିଜେଡିରେ ଆଭ୍ୟନ୍ତରୀଣ ସଙ୍କଟ ଓ କମ୍‌ବ୍ୟାକ୍ ପ୍ରୟାସ






- ✦ ଅସନ୍ତୋଷ ଭିତରେ ଦଳକୁ ଏକାଠି କରିବାର ନୂଆ ରଣନୀତି
- ✦ ଦଳର ପୁନଃଗଠନ ପାଇଁ ନୂଆ ଚେହେରା ଓ ଭବିଷ୍ୟତ ରାଜନୀତି
- ✦ ବିରୋଧୀଙ୍କୁ ମାତ୍ ଦେବାକୁ ନୂଆ ମାଷ୍ଟର ପ୍ଲାନ୍
- ✦ ସଂକଟ ସମୟରେ କର୍ମୀଙ୍କୁ ଭରଷା ଦେବାରେ ଲଢ଼େଇ
- ✦ ନେତୃତ୍ୱ ପରିବର୍ତ୍ତନ ନା ପୁରୁଣା ଫର୍ମୁଲା ?

ଭୁବନେଶ୍ୱର,୨୫/୦୭(ଜେଏନ୍ଏସ୍): ୨୦୨୪ ନିର୍ବାଚନ ବିପର୍ଯ୍ୟୟ ପରଠାରୁ ବିଜୁ ଜନତା ଦଳ ଏକ ବଡ଼ ଆଭ୍ୟନ୍ତରୀଣ ସଙ୍କଟ ଦେଇ ଗତି କରୁଛି । ଦଳରେ ବିଦ୍ରୋହ, ନେତାଙ୍କ ଦଳତ୍ୟାଗ ଏବଂ କ୍ରମାଗତ ବିଫଳତା ମଧ୍ୟରେ ଏବେ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ କମ୍‌ବ୍ୟାକ୍ ପାଇଁ ନୂଆ ରଣନୀତି ପ୍ରସ୍ତୁତ କରୁଛନ୍ତି । ଦଳର ଅନେକ ବରିଷ୍ଠ ନେତା ଓ ସାଂସଦ ବିଜେଡି ଛାଡ଼ି ବିଜେପିରେ ଯୋଗ ଦେଉଛନ୍ତି । ନିକଟରେ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ ଏବଂ କଟକର ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ ଦଳ ଛାଡ଼ିବା ବିଜେଡି ପାଇଁ ବଡ଼ ଝଟକା ସାବ୍ୟସ୍ତ ହୋଇଛି । ପୂର୍ବରୁ ମମତା ମହାନ୍ତ ଓ ସୁଜିତ୍ କୁମାର ମଧ୍ୟ ଇସ୍ତଫା ଦେଇଥିଲେ । ବିଧାନ ସଭାରେ ବିଜେଡି ବିଧାୟକଙ୍କ ସଂଖ୍ୟା ୫୧ ରୁ ହ୍ରାସ ପାଇ ୪୮ ହୋଇଛି ଏବଂ ରାଜ୍ୟସଭାରେ ସଂଖ୍ୟା ମାତ୍ର ୫ କୁ ଖସି ଆସିଛି । ନେତାମାନେ ଦଳୀୟ ପାଣ୍ଠି କାରବାର ଓ ନେତୃତ୍ୱକୁ ନେଇ ପ୍ରଶ୍ନ ଉଠାଉଛନ୍ତି । ନୂଆପଡ଼ା ଉପ-ନିର୍ବାଚନରେ ବିଜେଡି ତୃତୀୟ ସ୍ଥାନକୁ ଖସିଯିବା ଦଳର ସାଂଗଠନିକ ଦୁର୍ବଳତାକୁ ସ୍ପଷ୍ଟ କରିଛି । ନବୀନ ପଟ୍ଟନାୟକ ସ୍ପଷ୍ଟ ଘୋଷଣା କରିଛନ୍ତି ଯେ ସେ ରାଜନୀତିରୁ ଅବସର ନେଉନାହାନ୍ତି ଏବଂ ଆଗାମୀ ନିର୍ବାଚନ ତାଙ୍କ ନେତୃତ୍ୱରେ ହିଁ ଦଳ ଲଢ଼ିବ । ଏହା ଦ୍ୱାରା ଦଳୀୟ କର୍ମୀଙ୍କ ମଧ୍ୟରେ ଉତ୍ସାହ ଭରିବାକୁ ଚେଷ୍ଟା କରାଯାଇଛି । ଶଙ୍ଖ ଭବନରେ ନବୀନ କ୍ରମାଗତ ଭାବେ ହାରି ଯାଇଥିବା ପ୍ରାର୍ଥୀ ଓ ଜିଲ୍ଲା ସଭାପତିମାନଙ୍କ ସହ ଷ୍ଟ୍ରାଟେଜି ମିଟିଂ କରୁଛନ୍ତି । ଆଗାମୀ ୨୦୨୭ ପଞ୍ଚାୟତ ନିର୍ବାଚନ ପାଇଁ ଗ୍ରାଉଣ୍ଡ ଲେଭଲ୍‌ରେ କାମ ଆରମ୍ଭ ହୋଇଛି । ବିଜେଡି ଏବେ ବିଜେପି ସରକାର ବିରୋଧରେ ରାଜପଥକୁ ଓହ୍ଲାଇଛି । ପୁରୀ ରଥଯାତ୍ରା ଅବ୍ୟବସ୍ଥା, ରାଜ୍ୟରେ ସାର ଅଭାବ ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରି ଦଳ ଓଡ଼ିଶା-ବ୍ୟାପୀ ଜୋରଦାର ପ୍ରତିବାଦ କରୁଛି ।

୨୦୨୪ ନିର୍ବାଚନ ବିପର୍ଯ୍ୟୟ ପରଠାରୁ ବିଜେଡି ଛାଡ଼ିଥିବା ଏବଂ ବିଦ୍ରୋହୀ ଆଭିମୁଖ୍ୟ ଗ୍ରହଣ କରିଥିବା ପ୍ରମୁଖ ନେତାମାନେ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ଓ ଶୀର୍ଷ ନେତୃତ୍ୱ ବିରୋଧରେ କେତେକ ଗମ୍ଭୀର ଓ ସାଂଘାତିକ ଅଭିଯୋଗ ଆଣିଛନ୍ତି । ଦଳରେ ଦୀର୍ଘ ଦିନ ଧରି ତାଙ୍କୁ ଏବଂ ଅନ୍ୟ ପୁରୁଣା ନେତାମାନଙ୍କୁ ବ୍ୟବସ୍ଥିତ ଭାବେ ଅସମ୍ମାନ ଓ କୋଣଠେସା କରାଯାଉଥିଲା । ନବୀନ ବାବୁ ତାଙ୍କୁ 'ସିନିୟର ସିଟିଜେନ୍ ସେଲ୍'ର ଉପସଭାପତି ପଦ ଦେବାକୁ ଚାହିଁବା ପରେ, ସେ ଏହାକୁ ଅତ୍ୟନ୍ତ ଅପମାନଜନକ ଏବଂ ଅମଲାତାନ୍ତ୍ରିକ ନିଷ୍ପତ୍ତି କହି ପ୍ରତ୍ୟାଖ୍ୟାନ କରିଥିଲେ । ପୂର୍ବତନ ଅମଲା ଭି. କେ. ପାଣ୍ଡିଆନ ଦଳର ସମସ୍ତ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକୁ ପ୍ରଭାବିତ କରୁଛନ୍ତି ଏବଂ ଦଳ ଏବେ ବିଜୁ ବାବୁଙ୍କ ମୂଳ ଆଦର୍ଶରୁ ସମ୍ପୂର୍ଣ୍ଣ ଓହରି ଯାଇଛି । ୨୦୨୪ ନିର୍ବାଚନରେ ବିପର୍ଯ୍ୟୟ ପରେ ମଧ୍ୟ ହାରିବାର ପ୍ରକୃତ କାରଣ ଖୋଜାଗଲା ନାହିଁ କି କୌଣସି ସଂଶୋଧନାତ୍ମକ ପଦକ୍ଷେପ ନିଆଗଲା ନାହିଁ । ୱାକଫ୍ (ସଂଶୋଧନ) ବିଲ୍ ପ୍ରସଙ୍ଗରେ ଦଳ ପାର୍ଲାମେଣ୍ଟରେ ପ୍ରଥମେ ବିରୋଧ କରିବାକୁ କହି ଶେଷ ମୁହୂର୍ତ୍ତରେ ସାଂସଦମାନଙ୍କୁ ନିଜ ବିବେକ ଅନୁଯାୟୀ ଭୋଟ୍ ଦେବାକୁ କହିଥିଲା । ଏହାକୁ ନେଇ ମୁନ୍ନା ଖାନଙ୍କ ଭଳି ନେତାମାନେ ଅଭିଯୋଗ କରିଥିଲେ ଯେ, ପାଣ୍ଡିଆନଙ୍କ ନିର୍ଦ୍ଦେଶରେ ବିଜେଡି ଏବେ ମଧ୍ୟ ପରୋକ୍ଷରେ ବିଜେପିକୁ ସହଯୋଗ କରୁଛି, ଯାହା କର୍ମୀ ଓ ସଂଖ୍ୟାଲଘୁ ଭୋଟରଙ୍କ ସହ ପ୍ରତାରଣା । ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ନବୀନ ପଟ୍ଟନାୟକଙ୍କୁ ଲେଖିଥିବା ଚିଠି ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ହଲଚଲ ସୃଷ୍ଟି ହୋଇଥିଲା । ତାଙ୍କର ଅଭିଯୋଗ ଥିଲା ଯେ, କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତିବିଶେଷ ଦଳକୁ ସମ୍ପୂର୍ଣ୍ଣ 'ହାଇଜାକ୍' (ନିଜ ନିୟନ୍ତ୍ରଣକୁ) କରି ନେଇଛନ୍ତି, ଯାହାଦ୍ୱାରା ଦଳର ସାମାଜିକ ଢାଞ୍ଚା ନଷ୍ଟ ହେଉଛି ଏବଂ ଆଞ୍ଚଳିକ ଅସନ୍ତୁଳନ ବଢୁଛି । ସସପେଣ୍ଡ ହେବା ପରେ ଏହି ସ୍ୱାମୀ-ସ୍ତ୍ରୀ (ପୂର୍ବତନ ସାଂସଦ ଓ ବିଧାୟକ) ନିଜର ଶତାଧିକ ସମର୍ଥକଙ୍କ ସହ ଦଳ ଛାଡ଼ିଥିଲେ ।

ସେମାନଙ୍କ ଅଭିଯୋଗ ଥିଲା ଯେ ଦଳରେ ଏବେ କେବଳ ଏକଛତ୍ରବାଦ ଶାସନ ଚାଲିଛି । କୌଣସି ଜିଲ୍ଲା ସ୍ତରର ବାସ୍ତବ ସମସ୍ୟା ଉପରେ ଶୀର୍ଷ ନେତୃତ୍ୱ ଗୁରୁତ୍ୱ ଦେଉନାହାନ୍ତି । ଦଳ ବିରୋଧୀ କାର୍ଯ୍ୟ ଅଭିଯୋଗରେ ନିକଟରେ ସସପେଣ୍ଡ ହୋଇଥିବା ଏହି ବିଧାୟକମାନେ ନେତୃତ୍ୱକୁ ଖୋଲା ଚ୍ୟାଲେଞ୍ଜ କରିଛନ୍ତି । ସେମାନଙ୍କ ଅଭିଯୋଗ ଅନୁଯାୟୀ, ଦଳରେ କୌଣସି ଗଣତାନ୍ତ୍ରିକ ପ୍ରକ୍ରିୟା ନାହିଁ । କେବଳ କିଛି ନେତାଙ୍କ କାନକୁହା କଥା ଶୁଣି ବିନା କାରଣରେ ପୁରୁଣା ସଦସ୍ୟଙ୍କୁ ବଳି ପକାଯାଉଛି । ଓଡ଼ିଶାରେ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଏକ ମେଗା ରୋଡମ୍ୟାପ୍ ଓ ମାଷ୍ଟରପ୍ଲାନ ପ୍ରସ୍ତୁତ କରିଛନ୍ତି । ୨୦୨୪ ସାଧାରଣ ନିର୍ବାଚନ ବିପର୍ଯ୍ୟୟ ପରେ ଦଳକୁ ତୃଣମୂଳ ସ୍ତରରୁ ପୁନର୍ଗଠନ କରିବା ଏବଂ ବିଜେପିକୁ ଘେରିବା ପାଇଁ ଗତକାଲି ନବୀନ ନିବାସରେ ଜିଲ୍ଲା ସଭାପତିମାନଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ନୂଆ ରଣନୀତି ଘୋଷଣା କରାଯାଇଛି । ନବୀନ ପଟ୍ଟନାୟକ ସମସ୍ତ ଜିଲ୍ଲା ସଭାପତିଙ୍କୁ ଏକ କଡ଼ା ଡେଡ୍‌ଲାଇନ୍ ଦେଇଛନ୍ତି । ଆସନ୍ତା ଅଗଷ୍ଟ ୧୫ ତାରିଖ ସୁଦ୍ଧା ସମସ୍ତ ଜିଲ୍ଲା ଏବଂ ବ୍ଲକ୍ ସ୍ତରୀୟ କମିଟି ଗଠନ ପ୍ରକ୍ରିୟା ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହା ସହିତ ପଞ୍ଚାୟତ ଓ ୱାର୍ଡ ସ୍ତରୀୟ କମିଟି ମଧ୍ୟ ଶୀଘ୍ର ଗଠନ ହେବ, ଯାହାଙ୍କ ସହ ନବୀନ ସେପ୍ଟେମ୍ବର ମାସରେ ସିଧାସଳଖ ଆଲୋଚନା କରିବେ । ରାଜ୍ୟ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଚାଲିଥିବା ସ୍ପେଶାଲ ଇଣ୍ଟେନସିଭ୍ ରିଭିଜନକୁ ନବୀନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି । କୌଣସି ବି ଯୋଗ୍ୟ ଭୋଟରଙ୍କ ନାମ ଯେପରି ତାଲିକାରୁ ବାଦ୍ ନପଡ଼େ, ସେଥିପାଇଁ ବୁଥ୍ ସ୍ତରୀୟ ଏଜେଣ୍ଟମାନଙ୍କୁ ସଚେତନ ଓ ସକ୍ରିୟ ରହିବାକୁ କୁହାଯାଇଛି । ଜୁଲାଇ ୨୮ ତାରିଖରେ ନବୀନ ନିଜେ ଏହାର ସମୀକ୍ଷା କରିବେ । ବିଜେଡି ଏବେ ପାରମ୍ପରିକ ପ୍ରଚାର ବଦଳରେ ଡିଜିଟାଲ୍ ମିଡିଆ ଉପରେ ଅଧିକ ଫୋକସ୍ କରିବ । ତୃଣମୂଳ ସ୍ତରର କର୍ମୀ ଓ ଯୁବଭୋଟରଙ୍କ ସହ ଯୋଡ଼ି ହେବା ପାଇଁ ପ୍ରତ୍ୟେକ ଜିଲ୍ଲା ଏବଂ ବ୍ଲକ୍‌ରେ ବିଜେଡିର ସୋସିଆଲ ମିଡିଆ ସେଲ୍‌କୁ ଅଧିକ ଆକ୍ରମଣାତ୍ମକ ଓ ସକ୍ରିୟ କରିବାକୁ ରୋଡମ୍ୟାପ୍‌ରେ ସାମିଲ କରାଯାଇଛି । ଦଳର ମନୋବଳ ବଢ଼ାଇବା ପାଇଁ ନବୀନ ପଟ୍ଟନାୟକ ନିଜେ ଓଡ଼ିଶାର ବିଭିନ୍ନ ଜିଲ୍ଲା ଗସ୍ତ କରିବେ । ସେ ସିଧାସଳଖ ଜନସାଧାରଣ ଓ ଗ୍ରାଉଣ୍ଡ ଲେଭଲ୍ କର୍ମୀମାନଙ୍କୁ ଭେଟି ବିଜେପି ସରକାରଙ୍କ ବିଫଳତା ଏବଂ ବିଜେଡି ସମୟର ଜନକଲ୍ୟାଣକାରୀ ଯୋଜନା ବିଷୟରେ ଆଲୋଚନା କରିବେ । ପଞ୍ଚାୟତ ନିର୍ବାଚନ ପୂର୍ବରୁ ବିଜେଡି ରାଜ୍ୟରେ ଏକ ଆକ୍ରମଣାତ୍ମକ ବିରୋଧୀ ଦଳର ଭୂମିକା ଗ୍ରହଣ କରିବ । ବିଜେପି ସରକାରଙ୍କ ପ୍ରତିଶ୍ରୁତି ପୂରଣରେ ବିଫଳତା, ସୁଭଦ୍ରା ଯୋଜନାରେ ବିଳମ୍ବ, ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ଏବଂ ମହଙ୍ଗା ମାଡ଼ ଭଳି ସ୍ଥାନୀୟ ମୁଦ୍ଦାକୁ ନେଇ ବିଜେଡି ପଞ୍ଚାୟତ ସ୍ତରରେ ଆନ୍ଦୋଳନ କରିବ ।

# ଭୁବନେଶ୍ୱରରେ କକ୍ରୋଚର ବିକ୍ଷୋଭ




ଭୁବନେଶ୍ୱର, ୨୫/୦୭(ଜେଏନ୍ଏସ୍): ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ କକ୍ରୋଚ ଜନତା ପାର୍ଟିର ଆନ୍ଦୋଳନକୁ ସମର୍ଥନ କରି ଏବଂ ନିଟ୍ ପ୍ରଶ୍ନପତ୍ର ଲିକ୍ ମାମଲାରେ ଏକ ବିଶାଳ ପ୍ରତିବାଦ ଚାଲିଛି । ଏହି ଘଟଣାକୁ ନେଇ ସେଠାରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଛି । ଦିଲ୍ଲୀରେ ଚାଲିଥିବା କକ୍ରୋଚର ଛାତ୍ର ଆନ୍ଦୋଳନ ଏବଂ ସେମାନଙ୍କ ଉପରେ ହୋଇଥିବା ପୋଲିସ ଲାଠିଚାର୍ଜକୁ ବିରୋଧ କରି ବିଜୁ ଜନତା ଦଳ ଲୋୟର ପିଏମ୍‌ଜି ସ୍କୋୟାରରେ ଏକ ବଡ଼ ଧରଣର ବିକ୍ଷୋଭ ପ୍ରଦର୍ଶନ କରିଛି । ଆନ୍ଦୋଳନକାରୀ ନେତା ଓ ଛାତ୍ରମାନେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବାସଭବନ ଘେରାଉ କରିବା ସହ ତାଙ୍କ ଇସ୍ତଫା ଦାବିରେ ନାରାବାଜି କରିଛନ୍ତି । ବିଜେଡି ନେତା ମନ୍ମଥ ରାଉତରାୟ ଓ ଅନ୍ୟମାନେ ଅଭିଯୋଗ କରିଛନ୍ତି ଯେ ଦିଲ୍ଲୀରେ ମହିଳା ଆନ୍ଦୋଳନକାରୀ ଓ ଯୁବପିଢ଼ିଙ୍କୁ ପୋଲିସ ଅତି ନିଷ୍ଠୁର ଭାବେ ମାଡ଼ ମାରିଛି, ଯାହା ଗଣତନ୍ତ୍ର ବିରୋଧୀ । ଛାତ୍ର ସଙ୍ଗଠନ ଏନ୍ଏସ୍‌ୟୁଆଇ ନେତୃତ୍ୱରେ ହଜାର ହଜାର ଛାତ୍ରଛାତ୍ରୀ ଲୋୟର ପିଏମ୍‌ଜି ରାସ୍ତାରେ ହାତରେ ମଶାଲ ଧରି ଏକ ବିଶାଳ ଶୋଭାଯାତ୍ରା କରିଛନ୍ତି । ପରୀକ୍ଷା ସିଷ୍ଟମ୍‌ରେ ସଂସ୍କାର ଏବଂ କୋଟି କୋଟି ପିଲାଙ୍କ ଭବିଷ୍ୟତ ସହ ଖେଳୁଥିବା ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ସେମାନେ ଦାବି କରିଛନ୍ତି । ଡ଼ିଶାର ସ୍ଥାନୀୟ ଛାତ୍ର ଓ ଅଭିଭାବକଙ୍କୁ ନେଇ ଗଠିତ 'ଭଏସ୍ ଅଫ୍ ଓଡ଼ିଶା' ସଙ୍ଗଠନ ପକ୍ଷରୁ ମାଷ୍ଟରକ୍ୟାଣ୍ଟିନ ଓ ଲୋୟର ପିଏମ୍‌ଜି ଧାରଣା ସ୍ଥଳରେ ପ୍ରତିବାଦ ଜାରି ରହିଛି । ଦିଲ୍ଲୀରେ ଚାଲିଥିବା କକ୍ରୋଚର ଆନ୍ଦୋଳନ ଦେଶର ପ୍ରତ୍ୟେକ ଯୁବକଙ୍କ ପାଇଁ ଏକ 'ୱେକ୍-ଅପ୍ କଲ୍' ବୋଲି ସେମାନେ କହିଛନ୍ତି । ଲୋୟର ପିଏମ୍‌ଜିରେ ବ୍ୟାପକ ସଂଖ୍ୟାରେ ଛାତ୍ରଛାତ୍ରୀ ଓ ରାଜନୈତିକ କର୍ମୀ ଜମା ହୋଇଥିବାରୁ ଭୁବନେଶ୍ୱର ପ୍ରଶାସନ ପକ୍ଷରୁ ସେଠାରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି । ବିଧାନସଭା ଓ ସଚିବାଳୟ ଆଡ଼କୁ ଯାଉଥିବା ରାସ୍ତାରେ ବ୍ୟାରିକେଡ୍ ଲଗାଯାଇ ସୁରକ୍ଷା ବ୍ୟବସ୍ଥାକୁ ଯାଞ୍ଚ କରାଯାଉଛି ।

# ରାଶିଫଳ

**ମେଷ :** କର୍ମକ୍ଷେତ୍ରରେ ଚାପ ବଢ଼ିପାରେ, କିନ୍ତୁ ନୂଆ ଦାୟିତ୍ୱ ମିଳିବାର ସୁଯୋଗ ରହିଛି । ଆର୍ଥିକ ସ୍ଥିତି ସ୍ଥିର ରହିବ । ଅଯଥା ଖର୍ଚ୍ଚରୁ ବଞ୍ଚନ୍ତୁ । ପରିବାରରେ ହସଖୁସିର ପରିବେଶ ରହିବ ।

**ବୃଷ :** ବ୍ୟବସାୟରେ ଭଲ ଲାଭ ମିଳିବାର ଯୋଗ ଅଛି । ଦୀର୍ଘ ଦିନରୁ ଅଟକି ରହିଥିବା ଟଙ୍କା ଫେରସ୍ତ ମିଳିପାରେ । ଚାକିରିରେ ପ୍ରଶଂସିତ ହେବେ । ଜୀବନସାଥୀଙ୍କ ସହ ସମ୍ପର୍କ ମଧୁର ହେବ ।

**ମିଥୁନ :** ଚାକିରିଆମାନଙ୍କୁ କର୍ମକ୍ଷେତ୍ରରେ ସହକର୍ମୀ ଓ ଉଚ୍ଚ ପଦାଧିକାରୀଙ୍କ ସହଯୋଗ ମିଳିବ । ନୂଆ ନିବେଶ ପାଇଁ ସପ୍ତାହଟି ଅନୁକୂଳ । ପିଲାମାନଙ୍କ କ୍ୟାରିୟରକୁ ନେଇ ଥିବା ଚିନ୍ତା ଦୂର ହେବ । ପରିବାର ସହ ସମୟ ବିତାଇବେ । ସ୍ୱାସ୍ଥ୍ୟ ସ୍ଥିର ରହିବ ।

**କର୍କଟ :** କାମର ଚାପ ଅଧିକ ରହିପାରେ, ଯାହା ଦ୍ୱାରା ମାନସିକ କ୍ଲାନ୍ତି ଅନୁଭବ ହେବ । ଆର୍ଥିକ କାରବାର ବା ଋଣ ଦେବା ସମୟରେ ସତର୍କ ରୁହନ୍ତୁ । ପରିବାରରେ ସାମାନ୍ୟ ମନୋମାଳିନ୍ୟ ହୋଇପାରେ ।

**ସିଂହ :** ସମାଜରେ ମାନ-ସମ୍ମାନ ଓ ପ୍ରତିଷ୍ଠା ବୃଦ୍ଧି ପାଇବ । ନୂଆ ବ୍ୟବସାୟିକ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ସମୟ ବହୁତ ଭଲ ରହିଛି । ଭାଇବନ୍ଧୁଙ୍କ ସହ ଥିବା ବିବାଦର ସମାଧାନ ହେବ ।

**କନ୍ୟା :** କଠିନ ପରିଶ୍ରମର ସୁଫଳ ମିଳିବ । ଚାକିରିରେ ପଦୋନ୍ନତି କିମ୍ବା ବେତନ ବୃଦ୍ଧିର ସମ୍ଭାବନା ଅଛି । ଆର୍ଥିକ ସ୍ଥିତି ମଜଭୁତ ହେବ । ପରିବାର ସହ କୌଣସି ଧାର୍ମିକ ସ୍ଥଳକୁ ଯାତ୍ରା କରିପାରନ୍ତି ।

**ତୁଳ :** ବ୍ୟବସାୟୀମାନଙ୍କ ପାଇଁ ସପ୍ତାହର ମଧ୍ୟଭାଗ ଅତ୍ୟନ୍ତ ଲାଭଦାୟକ ରହିବ । ତେବେ ଅନାବଶ୍ୟକ ଜିନିଷରେ ଅଧିକ ଖର୍ଚ୍ଚ ହୋଇପାରେ । ସ୍ୱାସ୍ଥ୍ୟ ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ, ପେଟ ଜନିତ କିମ୍ବା ଗ୍ୟାସ୍ ସମସ୍ୟା ଦେଖାଦେଇପାରେ । ସୁଷମ ଖାଦ୍ୟ ଗ୍ରହଣ କରନ୍ତୁ ।

**ବିଛା :** କୋର୍ଟ କଚେରୀ କିମ୍ବା ଜମିବାଡ଼ି ମାମଲାରେ ସଫଳତା ମିଳିପାରେ । ଶତ୍ରୁମାନେ ପରାଜିତ ହେବେ । ଆର୍ଥିକ ଉନ୍ନତି ହେବ । ଜୀବନସାଥୀଙ୍କ ସ୍ୱାସ୍ଥ୍ୟକୁ ନେଇ ସାମାନ୍ୟ ଚିନ୍ତା ରହିପାରେ । ପରିବାରରେ ଶାନ୍ତି ବଜାଇ ରଖିବାକୁ ଚେଷ୍ଟା କରନ୍ତୁ ।

**ଧନୁ :** ଭାଗ୍ୟର ପୂର୍ଣ୍ଣ ସହଯୋଗ ମିଳିବ । ଛାତ୍ରଛାତ୍ରୀମାନେ ପଢ଼ାପଢ଼ି ଓ ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରିବେ । ଆୟର ନୂଆ ଉତ୍ସ ସୃଷ୍ଟି ହେବ । ପୁରୁଣା ବନ୍ଧୁଙ୍କ ସହ ଦେଖାହୋଇ ମନ ପ୍ରସନ୍ନ ରହିବ ।

**ମକର :** କର୍ମକ୍ଷେତ୍ରରେ ଗୁପ୍ତ ଶତ୍ରୁ କିମ୍ବା ମନୋମାଳିନ୍ୟଠାରୁ ଦୂରେଇ ରୁହନ୍ତୁ । ଯେକୌଣସି ବଡ଼ ଆର୍ଥିକ ନିଷ୍ପତ୍ତି ଭାବିଚିନ୍ତି ନିଅନ୍ତୁ । ଯାନବାହନ ଚଲାଇବା ସମୟରେ ଅଧିକ ସତର୍କତା ଅବଲମ୍ବନ କରନ୍ତୁ । ଶାରୀରିକ କ୍ଲାନ୍ତି ଦେଖାଦେଇପାରେ ।

**କୁମ୍ଭ :** ନୂଆ ଚାକିରି ଖୋଜୁଥିବା ଯୁବକଯୁବତୀଙ୍କୁ ଭଲ ସୁଯୋଗ ମିଳିପାରେ । ବ୍ୟବସାୟରେ ନୂଆ ପାର୍ଟନରସିପ୍ ଲାଭଦାୟକ ହେବ । ପ୍ରେମ ଜୀବନ ପାଇଁ ସମୟ ଅନୁକୂଳ ଅଟେ ।

**ମୀନ :** ସପ୍ତାହର ପ୍ରାରମ୍ଭରେ ଅଧିକ ପରିଶ୍ରମ କରିବାକୁ ପଡ଼ିବ, କିନ୍ତୁ ସପ୍ତାହ ଶେଷ ସୁଦ୍ଧା ଆଶାନୁରୂପ ସଫଳତା ଓ ଆର୍ଥିକ ଲାଭ ମିଳିବ । ପରିବାରର ବରିଷ୍ଠ ସଦସ୍ୟ (ପିତାମାତା)ଙ୍କ ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ ।



ମେଘା
ହରୋକୋପିଷ୍ଟ ଏବଂ
ଫରଚ୍ୟୁନ ଟେଲର
(ବୈଦିକ ଆଷ୍ଟ୍ରୋଲୋଜି)
ମୋ: ୯୦୭୮୧୬୩୩୭୭

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ସୁନାବେଶରେ ତିନି...

ଏହାସହ ଶ୍ରୀମୁଖରେ ଶ୍ରୀଚିତା, ମୁକୁଟ, କୁଣ୍ଡଳ, ରାହୁରେଖା ଏବଂ ବିଭିନ୍ନ ପ୍ରକାରର ପାରମ୍ପରିକ ସୁନା ମାଳି (ଯେପରିକି ପଦ୍ମ ମାଳି, ସେବତୀ ମାଳି, ଚମ୍ପା ମାଳି) ଧାରଣ କରାଯାଏ । ଜଗନ୍ନାଥଙ୍କ ହାତରେ ସୁନାର ଚକ୍ର ଓ ଶଙ୍ଖ ଏବଂ ବଳଭଦ୍ରଙ୍କ ହାତରେ ହଳ ଓ ମୁଷଳ ଶୋଭାପାଏ । ଶ୍ରୀମନ୍ଦିରରେ ବର୍ଷକ ମଧ୍ୟରେ ସମୁଦାୟ ୫ ଥର ସୁନାବେଶ ଅନୁଷ୍ଠିତ ହୋଇଥାଏ । ରଥଯାତ୍ରା ସମୟରେ ରଥ ଉପରେ ୧ ଥର ଏବଂ ଶ୍ରୀମନ୍ଦିର ଭିତରେ ରତ୍ନବେଦୀ ଉପରେ ୪ ଥର (ପୌଷ ପୂର୍ଣ୍ଣିମା, ଦୋଳ ପୂର୍ଣ୍ଣିମା, କାର୍ତ୍ତିକ ପୂର୍ଣ୍ଣିମା ଏବଂ ବିଜୟା ଦଶମୀ) ଏହି ବେଶ ହୋଇଥାଏ । ଆଜି ଅପରାହ୍ନ ପ୍ରାୟ ୪ଟାରୁ ଅଳଙ୍କାର ଲାଗି ପ୍ରକ୍ରିୟା ଆରମ୍ଭ ହୋଇ ସନ୍ଧ୍ୟାରୁ ମଧ୍ୟରାତ୍ରି ପର୍ଯ୍ୟନ୍ତ ଭକ୍ତମାନେ ବଡ଼ଦାଣ୍ଡରୁ ମହାପ୍ରଭୁଙ୍କ ରାଜାଧିରାଜ ରୂପର ଦର୍ଶନ କରିପାରିବେ । ପାଣିପାଗ ବିଭାଗ ପକ୍ଷରୁ ଆଜି ପୁରୀରେ ପ୍ରବଳ ବର୍ଷାର ସତର୍କ ସୂଚନା ରହିଥିବାରୁ ପ୍ରଶାସନ ତରଫରୁ ବ୍ୟାପକ ସୁରକ୍ଷା ଓ ଶୃଙ୍ଖଳିତ ଦର୍ଶନର ବ୍ୟବସ୍ଥା କରାଯାଇଛି ।

## ରାଜ୍ୟସଭାରେ 'ବନ୍ଦେ...

ମଧ୍ୟ ଜାତୀୟ ସଙ୍ଗୀତ ଭଳି ସମାନ ଆଇନଗତ ମାନ୍ୟତା ଓ ସୁରକ୍ଷା ପ୍ରଦାନ କରାଯିବ । ଯଦି ଏହି ବିଲ୍ ସଂସଦର ଉଭୟ ସଦନରେ ପାରିତ ହୋଇ ଆଇନରେ ପରିଣତ ହୁଏ, ତେବେ ନିମ୍ନଲିଖିତ କାର୍ଯ୍ୟକୁ ଦଣ୍ଡନୀୟ ଅପରାଧ ଭାବେ ଗଣାଯି ବ । 'ବନ୍ଦେ ମାତରମ୍' ଗାନ ସମୟରେ ଜାଣିଶୁଣି ବାଧା ସୃଷ୍ଟି କରିବା, କୌଣସି ସମାବେଶରେ ହଙ୍ଗାମା କରିବା କିମ୍ବା ଏହାକୁ ଅପମାନିତ କଲେ ସର୍ବାଧିକ ୩ ବର୍ଷ ପର୍ଯ୍ୟନ୍ତ କାରାଦଣ୍ଡ, ଆର୍ଥିକ ଜରିମାନା କିମ୍ବା ଉଭୟ ଦଣ୍ଡ ମିଳିବାର ବ୍ୟବସ୍ଥା ରହିଛି । ଗୃହ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ଗୀତ ପରିବେଷଣ ସମୟରେ ସଠିକ୍ ଶବ୍ଦାବଳୀ, ସ୍ୱର ଏବଂ ଶୁଦ୍ଧ ଉଚ୍ଚାରଣ ପ୍ରତି ବିଶେଷ ଧ୍ୟାନ ଦେବାକୁ ହେବ । ଏଥିରେ କୌଣସି ପ୍ରକାରର ଜାଣିଶୁଣି କରାଯାଇଥିବା ତ୍ରୁଟି ଗ୍ରହଣ କରାଯିବ ନାହିଁ । ବିରୋଧୀ ଦଳ (ବିଶେଷ କରି ବାମପନ୍ଥୀ ଦଳ ସିପିଆଇ ଏବଂ ସିପିଆଇ ଏମ୍) ଏହି ବିଲ୍‌କୁ ପ୍ରବଳ ବିରୋଧ କରିଛନ୍ତି । ଦେଶରେ ଚାଲିଥିବା ନିଟ୍ ପେପର ଲିକ୍ ମାମଲା ଏବଂ ଛାତ୍ର ଆନ୍ଦୋଳନରୁ ସାଧାରଣ ଜନତାଙ୍କ ଦୃଷ୍ଟି ହଟାଇବା ପାଇଁ ସରକାର ଏହି ବିଲ୍ ଆଣିଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି । ସିପିଆଇ ଏମପି ଜନ୍ ବ୍ରିଟାସ କହିଛନ୍ତି ଯେ, ସରକାର କୌଣସି ଆଇନ ପ୍ରଣୟନ କରି ଜନସାଧାରଣଙ୍କ ମଧ୍ୟରେ ଜବରଦସ୍ତି ଦେଶପ୍ରେମ କିମ୍ବା ରାଷ୍ଟ୍ରଭକ୍ତି ତିଆରି କରିପାରିବେ ନାହିଁ" । ବିରୋଧୀଙ୍କ ଏହି ପ୍ରବଳ ହଙ୍ଗାମା ଯୋଗୁଁ ବିଲ୍ ଉପରେ କୌଣସି ବିସ୍ତୃତ ଆଲୋଚନା ହୋଇପାରି ନାହିଁ ଏବଂ ଗୃହର କାର୍ଯ୍ୟବାହୀକୁ ଆସନ୍ତା ଜୁଲାଇ ୨୭ (ସୋମବାର) ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି ।

## ୩ଟି ବୃହତ ସ୍ୱତନ୍ତ୍ର...

ଭାରତ'କୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଏହି ନିଷ୍ପତ୍ତି ନିଆଯାଇଛି । କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସୂଚନା ଅନୁଯାୟୀ, ଏହି ଯୋଜନା ପାଇଁ ମୋଟ୍ ୩,୦୩୦ କୋଟି ଟଙ୍କାର ଆର୍ଥିକ ପାଣ୍ଠି ମଞ୍ଜୁର କରାଯାଇଛି, ଯାହା ଆଗାମୀ ୫ ବର୍ଷ (୨୦୨୬-୨୭ ରୁ ୨୦୩୦-୩୧) ପାଇଁ କାର୍ଯ୍ୟକାରୀ ହେବ । ଚ୍ୟାଲେଞ୍ଜ ରୁଟ୍ ମାଧ୍ୟମରେ ମନୋନୀତ ହେବାକୁ ଥିବା ପ୍ରତ୍ୟେକ କେମିକାଲ ପାର୍କ ପାଇଁ ଅତିକମରେ ୨,୦୦୦ ଏକର (୮ ବର୍ଗ କିଲୋମିଟର) ମୁକ୍ତ ଜମି ରହିବା ଆବଶ୍ୟକ । ପ୍ରତ୍ୟେକ ପାର୍କରେ ପ୍ରାୟ ୨୦,୦୦୦ କୋଟିରୁ ୫୦,୦୦୦ କୋଟି ଟଙ୍କା ପର୍ଯ୍ୟନ୍ତ ଦେଶୀ ଓ ବିଦେଶୀ ପୁଞ୍ଜିନିବେଶ ହେବାର ଆଶା କରାଯାଉଛି । ପାର୍କ ଭିତରେ ସାଧାରଣ ଭିତ୍ତିଭୂମି, ପରିବେଶ ଅନୁକୂଳ ବର୍ଜ୍ୟବସ୍ତୁ ପରିଚାଳନା ପ୍ଲାଣ୍ଟ ଏବଂ ଶକ୍ତି ଯୋଗାଣ ଭଳି ସମସ୍ତ ବେସିକ୍ ସୁବିଧା କେନ୍ଦ୍ର ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯିବ । ଓଡ଼ିଶା ବର୍ତ୍ତମାନ ପେଟ୍ରୋକେମିକାଲ୍ସ ଏବଂ କେମିକାଲ୍ସ କ୍ଷେତ୍ରରେ ଏକ ପ୍ରମୁଖ ହବ୍ ଭାବେ ଉଭା ହେଉଛି । ଏହି ନୂଆ କେନ୍ଦ୍ରୀୟ ଯୋଜନାର ଦୌଡ଼ରେ ଓଡ଼ିଶାର ସ୍ଥିତି ବେଶ୍ ମଜବୁତ ରହିଛି । ପାରାଦୀପରେ ପ୍ରାୟ ଥ୧୨୦ ଏକର ଜମିରେ ଏକ ବୃହତ ପ୍ଲାଷ୍ଟିକ୍ ପାର୍କ ବିକଶିତ ହେଉଛି, ଯାହା ଓଡଂଉଖ ର ପାରାଦୀପ ରିଫାଇନାରୀ ସହ ସିଧାସଳଖ ଜଡ଼ିତ । ନିକଟରେ କେନ୍ଦ୍ର ସରକାର ଥପାରାଦୀପ ଚଉଚଓଜ ଅଞ୍ଚଳରେ ପ୍ରତିଷ୍ଠା କରିବାକୁ ଘୋଷଣା କରିଛନ୍ତି, ଯାହା କେମିକାଲ୍ ଓ ଷ୍ଟିଲ୍ ଶିଳ୍ପକୁ କଞ୍ଚାମାଲ ଯୋଗାଇବ । ଗଞ୍ଜାମର ଗୋପାଳପୁର ଠାରେ ଟାଟା ଷ୍ଟିଲ୍ ଦ୍ୱାରା ବିକଶିତ ଥଶିଳ୍ପାଞ୍ଚଳ ମଧ୍ୟ କେମିକାଲ୍ ଏବଂ ଗ୍ରୀନ୍ ହାଇଡ୍ରୋଜେନ୍ ପ୍ରକଳ୍ପ ପାଇଁ ଏକ ବଡ଼ କେନ୍ଦ୍ର ପାଲଟିଛି । ଏହି ବିଶେଷ କେମିକାଲ ପାର୍କଗୁଡ଼ିକ ତିଆରି ହେବା ଦ୍ୱାରା କୃଷି (ସାର), ଫାର୍ମାସ୍ୟୁଟିକାଲ୍ସ (ଔଷଧ), ଅଟୋମୋବାଇଲ୍ ଏବଂ ଟେକ୍ସଟାଇଲ୍ ଭଳି ତଳମୁଣ୍ଡ ଶିଳ୍ପଗୁଡ଼ିକୁ ଶସ୍ତାରେ କେମିକାଲ ମିଳିପାରିବ ଏବଂ ଲକ୍ଷ ଲକ୍ଷ ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ।

## ମତ୍ସ୍ୟଜୀବୀଙ୍କୁ ସମୁଦ୍ର...

ସମୟରେ ଡଙ୍ଗା କିମ୍ବା ଟ୍ରଲର ନେଇ ସମୁଦ୍ରକୁ ଯିବା ବିପଦଜନକ ହୋଇପାରେ । ଓଡ଼ିଶାର ସମସ୍ତ ଉପକୂଳବର୍ତ୍ତୀ ଜିଲ୍ଲାର ମତ୍ସ୍ୟଜୀବୀମାନଙ୍କୁ ସ୍ୱତନ୍ତ୍ର ଭାବେ ଆଲର୍ଟ କରାଯାଇଛି । ବିଶେଷ କରି ଗଞ୍ଜାମ ଓ ପୁରୀ ଉପକୂଳ, ଜଗତସିଂହପୁର (ପାରାଦୀପ) ଏବଂ କେନ୍ଦ୍ରାପଡ଼ା, ଭଦ୍ରକ ଓ ବାଲେଶ୍ୱର ଉପକୂଳ ଅଞ୍ଚଳ ଆଦି ପ୍ରଭାବିତ ହେବାର ଆଶଙ୍କା ରହିଛି । ଯେଉଁ ମତ୍ସ୍ୟଜୀବୀମାନେ ପୂର୍ବରୁ ସମୁଦ୍ର ଭିତରକୁ ଗଭୀର ମାଛ ମାରିବାକୁ ଯାଇଥିଲେ, ସେମାନଙ୍କୁ ତୁରନ୍ତ ଉପକୂଳକୁ ଫେରିଆସିବାକୁ କୁହାଯାଇଛି । ଲଗାତାର ସମୁଦ୍ର ମନା ନିଷେଧାଦେଶ ଯୋଗୁଁ ଉପକୂଳବର୍ତ୍ତୀ ଅଞ୍ଚଳର ହଜାର ହଜାର ମତ୍ସ୍ୟଜୀବୀ ପରିବାରର ଦୈନିକ ରୋଜଗାର ଓ ଜୀବିକା ଗମ୍ଭୀର ଭାବେ ପ୍ରଭାବିତ ହୋଇଛି । ସେମାନଙ୍କ ଡଙ୍ଗା ଓ ଜାଲ ଏବେ କୂଳରେ ବନ୍ଧା ହୋଇ ରହିଛି । ପାଣିପାଗ ବିଭାଗ ଅନୁଯାୟୀ, ଓଡ଼ିଶାର ଅଧିକାଂଶ ଜିଲ୍ଲାରେ ଆସନ୍ତା ୨ରୁ ୩ ଦିନ ପର୍ଯ୍ୟନ୍ତ ପ୍ରବଳ ବର୍ଷା ଜାରି ରହିବ । ବିଶେଷ କରି ଦକ୍ଷିଣ ଏବଂ ଆଭ୍ୟନ୍ତରୀଣ ଓଡ଼ିଶାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷାର ପରିମାଣ ଅଧିକ ରହିପାରେ ।

## କେନ୍ଦ୍ର ମନ୍ତ୍ରିମଣ୍ଡଳରେ...

ବିଭାଗ ମିଳିବା ନେଇ ଆଲୋଚନା ଚାଲିଛି । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ଅନ୍ୟ କୌଣସି ମନ୍ତ୍ରଣାଳୟକୁ ବଦଳି କରାଯାଇ ପିୟୁଷ ଗୋୟଲଙ୍କୁ ଏହି ଦାୟିତ୍ୱ ମିଳିପାରେ । ଏପରିକି ଆରବିଆଇର ପୂର୍ବତନ ଗଭର୍ଣ୍ଣର ଶକ୍ତିକାନ୍ତ ଦାସଙ୍କୁ ମଧ୍ୟ କ୍ୟାବିନେଟ୍‌ରେ ସାମିଲ କରାଯିବା ନେଇ ଗୁଜବ ଉଠୁଛି । ସାରା ଦେଶରେ ଚାଲିଥିବା ପେପର ଲିକ୍ ବିବାଦ ଏବଂ ଛାତ୍ର ଆନ୍ଦୋଳନ ଭିତରେ ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଏହି ପଦରୁ ହଟାଯାଇ ଅନ୍ୟ କାହାକୁ ଦାୟିତ୍ୱ ଦିଆଯାଇପାରେ । ନିର୍ମଳା ସୀତାରମଣଙ୍କୁ ଶିକ୍ଷା ବିଭାଗ ମିଳିବା ନେଇ ମଧ୍ୟ ଚର୍ଚ୍ଚା ହେଉଛି । ଅନୁରାଗ ଠାକୁର, ଶ୍ରୀକାନ୍ତ ସିନ୍ଦେ, ଆରୋନ ଗୋଭିଲ ଏବଂ ଆମ ଆଦମୀ ପାର୍ଟିର ରାଘବ ଚଢ଼ାଙ୍କ ଭଳି ନେତାଙ୍କୁ ମନ୍ତ୍ରିମଣ୍ଡଳରେ ଏଣ୍ଟ୍ରି ମିଳିପାରେ । ମନ୍ତ୍ରିମଣ୍ଡଳ ଅଦଳବଦଳ ଚର୍ଚ୍ଚା ମଧ୍ୟରେ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗଠିତ 'ଇଉଉ' ପକ୍ଷରୁ ଗତକାଲି (୨୪ ଜୁଲାଇ) ଦେଶର ୧୭ ଜଣ ବରିଷ୍ଠ ଆଇଏଏସ ଓ ପ୍ରଶାସନିକ ଅଧିକାରୀଙ୍କୁ ବଡ଼ ଧରଣର ବଦଳି ଓ ପଦୋନ୍ନତି କରାଯାଇଛି । ଦେଶରେ ଚାଲିଥିବା ନିଟ୍ ଓ ଅନ୍ୟାନ୍ୟ ପରୀକ୍ଷା ପେପର ଲିକ୍ ବିବାଦ ଯୋଗୁଁ ବିରୋଧୀଙ୍କ ଟାର୍ଗେଟ୍‌ରେ ଥିବା ଧର୍ମେନ୍ଦ୍ର ପ୍ରଧାନଙ୍କୁ ଶିକ୍ଷା ମନ୍ତ୍ରଣାଳୟରୁ ହଟାଇ କୌଣସି ଅନ୍ୟ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ୍ ବିଭାଗ (ଯେପରିକି ଭାରୀ ଶିଳ୍ପ କିମ୍ବା ଭିତ୍ତିଭୂମି ସମ୍ପର୍କିତ) ଦିଆଯାଇପାରେ । ବିଜେପିର ଜାତୀୟ ପ୍ରବକ୍ତା ସମ୍ବିତ ପାତ୍ର ଏଥର ପୁରୀରୁ ଜିତି ସଂସଦକୁ ଆସିଛନ୍ତି । ଦଳର ଜଣେ ପ୍ରଭାବଶାଳୀ ଚେହେରା ହୋଇଥିବାରୁ ସୂଚନା ଓ ପ୍ରସାରଣ କିମ୍ବା ପର୍ଯ୍ୟଟନ ମନ୍ତ୍ରଣାଳୟରେ ତାଙ୍କୁ ସାମିଲ କରିବା ପାଇଁ ହାଇକମାଣ୍ଡ ବିଚାର କରୁଥିବା ଜଣାପଡ଼ିଛି । ବର୍ତ୍ତମାନ ବିଜେପିର ରାଷ୍ଟ୍ରୀୟ ଉପସଭାପତି ଥିବା ବୈଜୟନ୍ତ ପଣ୍ଡା କେନ୍ଦ୍ରାପଡ଼ାରୁ ବଡ଼ ବ୍ୟବଧାନରେ ବିଜୟୀ ହୋଇଛନ୍ତି । ତାଙ୍କୁ ସରକାରରେ ବୈଦେଶିକ ବ୍ୟାପାର କିମ୍ବା ବେସାମରିକ ବିମାନ ଚଳାଚଳ ଭଳି ହାଇପ୍ରୋଫାଇଲ୍ ବିଭାଗର ଦାୟିତ୍ୱ ମିଳିପାରେ । ଓଡ଼ିଶାରୁ ଏଥର ୨୦ ଜଣ ବିଜେପି ସାଂସଦ ଜିତିଥିବାରୁ ରାଜ୍ୟକୁ ସନ୍ତୁଳିତ ପ୍ରତିନିଧିତ୍ୱ ଦେବା ପାଇଁ ପ୍ରଧାନମନ୍ତ୍ରୀ କିଛି ନୂଆ ଚେହେରାଙ୍କୁ ସୁଯୋଗ ଦେଇପାରନ୍ତି ।

## ଇସ୍ତଫା ଦେଲେ...

ଧର୍ମେନ୍ଦ୍ର ପ୍ରଧାନ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ (ଟ୍ୱ) ରେ ନିଜର ଇସ୍ତଫା ପତ୍ର ପୋଷ୍ଟ କରି ଏହି ସୂଚନା ଦେଇଛନ୍ତି । ଇସ୍ତଫା ପତ୍ରରେ ସେ ଉଲ୍ଲେଖ କରିଛନ୍ତି ଯେ, ଏହା ତାଙ୍କ ପାଇଁ କୌଣସି "ବ୍ୟକ୍ତିଗତ ପ୍ରତିଷ୍ଠାର ଲଢ଼େଇ" ନୁହେଁ । ଦେଶର ଛାତ୍ରଛାତ୍ରୀ ଓ ଯୁବଶକ୍ତିଙ୍କ ଭବିଷ୍ୟତ ଯେପରି କୌଣସି ଆଇନଗତ ଜଟିଳତା ମଧ୍ୟରେ ନ ଫସେ ଏବଂ ଦେଶବିରୋଧୀ ଶକ୍ତି ଏହାର ସୁଯୋଗ ନ ନିଅନ୍ତୁ, ସେଥିପାଇଁ ସେ ନିଜ ଇଚ୍ଛାରେ ପଦ ଛାଡ଼ିଛନ୍ତି ।

## ସରକାରୀ କର୍ମଚାରୀଙ୍କ ପାଇଁ...

ସରକାରଙ୍କ ନଜରକୁ ଆସିଥିଲା ଯେ, ବିଭିନ୍ନ ନିର୍ଦ୍ଦେଶାଳୟ ଏବଂ ଅଧସ୍ତନ କାର୍ଯ୍ୟାଳୟର ଅନେକ ଅଧିକାରୀ ଛୁଟି ମଞ୍ଜୁର ନହୋଇ କିମ୍ବା ଯାତ୍ରାର ଠିକ୍ ପୂର୍ବରୁ ଆବେଦନ କରି ଓଡ଼ିଶା ବାହାରକୁ ଚାଲିଯାଉଥିଲେ । ଏଭଳି ହଠାତ୍ କରାଯାଉଥିବା ଆବେଦନ ଉପରେ ବିଚାର କରିବା ଏବଂ ତୁରନ୍ତ ଅନୁମୋଦନ ଦେବାରେ ସରକାରଙ୍କୁ ଅନେକ ପ୍ରଶାସନିକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା । ଯଦି କୌଣସି ଅତ୍ୟନ୍ତ ଜରୁରୀ ବା ଜରୁରୀକାଳୀନ ପରିସ୍ଥିତି ଉପୁଜେ, ତେବେ ଏହି ୨୧ ଦିନିଆ ନିୟମକୁ କୋହଳ କରାଯାଇପାରେ । କିନ୍ତୁ ଅନ୍ୟ ସମସ୍ତ ସାଧାରଣ ପରିସ୍ଥିତିରେ ଏହି ନିୟମକୁ କଡ଼ାକଡ଼ି ଭାବେ ପାଳନ କରାଯିବ । ଯଦି କୌଣସି ସରକାରୀ ବାବୁ ବିନା ଅନୁମତିରେ କିମ୍ବା ନିୟମ ଉଲ୍ଲଂଘନ କରି କାର୍ଯ୍ୟାଳୟ ଅନୁପସ୍ଥିତ ରୁହନ୍ତି ବା ବାହାରକୁ ଯାଆନ୍ତି, ତେବେ ଓଡ଼ିଶା ସର୍ଭିସ କୋଡ୍ ଅନୁଯାୟୀ ତାଙ୍କ ବିରୋଧରେ ବିଭାଗୀୟ ତଥା କଡ଼ା ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

## ଚାମେଲିଙ୍କ ବିରୋଧରେ...

ବିରୋଧରେ ନ୍ୟାୟ ପାଇଁ ଲଢ଼େଇ କରୁଥିବା ବେଳେ ଏହି ଅନାସ୍ଥା ପ୍ରସ୍ତାବ ତାଙ୍କ ପାଇଁ ଏକ ବଡ଼ ରାଜନୈତିକ ସଙ୍କଟ ସୃଷ୍ଟି କରିଛି । ଚାମେଲିଙ୍କ ସମର୍ଥକମାନେ ଏହାକୁ ରାଜନୈତିକ ଉଦ୍ଦେଶ୍ୟପ୍ରଣୋଦିତ ଏବଂ ତାଙ୍କୁ ଚାପରେ ରଖିବା ପାଇଁ ବିରୋଧୀଙ୍କ ଏକ ଚାଲ୍ ବୋଲି କହୁଥିବା ବେଳେ, ଅସନ୍ତୁଷ୍ଟ ୱାର୍ଡ ସଭ୍ୟମାନେ ପଞ୍ଚାୟତର କାର୍ଯ୍ୟଧାରାରେ ଅସନ୍ତୋଷ ପ୍ରକାଶ କରି ଏହି ପଦକ୍ଷେପ ନେଇଛନ୍ତି ।

## ଓଡ଼ିଶାରେ ଡେଙ୍ଗୁ...

ସହରାଞ୍ଚଳରେ ଡ୍ରାଇ-ଡେ, ଫଗିଂ ଓ ଘରକୁ ଘର ବୁଲି ଯାଞ୍ଚ ପ୍ରକ୍ରିୟାକୁ ଜୋରଦାର କରାଯାଇଛି । ଡେଙ୍ଗୁ ଓ ମ୍ୟାଲେରିଆରେ ସାଧାରଣତଃ ଅନେକ ଲକ୍ଷଣ ଦେଖିବାକୁ ମିଳିଥାଏ । ଡେଙ୍ଗୁ ହେଲେ ହଠାତ୍ ପ୍ରବଳ ଜ୍ୱର, ଆଖି ପଛପଟେ ଯନ୍ତ୍ରଣା, ମାଂସପେଶୀ ଓ ଗଣ୍ଠି ବିନ୍ଧା, ବାନ୍ତି ଲାଗିବା, ପ୍ଲେଟଲେଟ୍ ସଂଖ୍ୟା କମିଯିବା, ପାଟି, ନାକ କିମ୍ବା ପରିସ୍ରାରେ ରକ୍ତସ୍ରାବ ଏବଂ ଅତ୍ୟଧିକ ପେଟ ବିନ୍ଧା ଓ ଦୁର୍ବଳତା ଦେଖାଯାଇଥାଏ । କିନ୍ତୁ ମ୍ୟାଲେରିଆ ହେଲେ ମଣିଷ ଦେହରେ ଅଧିକ କମ୍ପ ଓ ଶୀତ ଦେଇ ଜ୍ୱର ଆସିଥାଏ, ପ୍ରବଳ ମୁଣ୍ଡବିନ୍ଧା ଓ ଝାଳ ବୋହିଥାଏ, ଶରୀର ଓ ହାତ-ଗୋଡ଼ ବିନ୍ଧା ହୁଏ, ମସ୍ତିଷ୍କ ଜ୍ୱର ହୋଇଥାଏ , ବାରମ୍ବାର ବାନ୍ତି ଓ ମଣିଷ ଚେତାଶୂନ୍ୟ ହଉଥିବା ଦେଖିବାକୁ ମିଳିଥାଏ । କିଡନୀ କିମ୍ବା ଅନ୍ୟ ଅଙ୍ଗ ଅକାମୀ ହୋଇଯାଏ । ।।ତେଣୁ ଏହି ସବୁ ଆଶଙ୍କା ଏଡାଇବା ପାଇଁ ସତର୍କତା ଏବଂ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ନିହାତି ଦରକାର । ଘର ଚାରିପାଖରେ, କୁଲର, ପୁରୁଣା ଟାୟାର, ଟବ୍ କିମ୍ବା ଡବାରେ ପାଣି ଜମିବାକୁ ଦିଅନ୍ତୁ ନାହିଁ, କାରଣ ଏଥିରେ ଡେଙ୍ଗୁ ମଶା ବଂଶ ବୃଦ୍ଧି କରନ୍ତି । ଶୋଇବା ସମୟରେ ସବୁବେଳେ କୀଟନାଶକଯୁକ୍ତ ମଶାରୀ ବ୍ୟବହାର କରନ୍ତୁ, ବିଶେଷ କରି ଛୋଟ ପିଲା ଏବଂ ଗର୍ଭବତୀ ମହିଳାଙ୍କ କ୍ଷେତ୍ରରେ । ଶରୀରକୁ ସମ୍ପୂର୍ଣ୍ଣ ଘୋଡ଼ାଇ ରଖୁଥିବା ଲମ୍ବା ଜାକେଟ, ପ୍ୟାଣ୍ଟ କିମ୍ବା ଜାମା ପିନ୍ଧନ୍ତୁ ଏବଂ ମଶା ତଡୁଥିବା କ୍ରିମ୍ ବ୍ୟବହାର କରନ୍ତୁ । ବେଡରୁମ୍, ବାରଣ୍ଡା ଏବଂ ନାଳନର୍ଦ୍ଦମା ପରିଷ୍କାର ରଖନ୍ତୁ ଏବଂ ଆବଶ୍ୟକ ସ୍ଥଳେ ବ୍ଲିଚିଂ ପାଉଡର କିମ୍ବା କୀଟନାଶକ ସ୍ପ୍ରେ କରନ୍ତୁ । ଜ୍ୱର ହେଲେ କେବଳ ପାରାସିଟାମଲ୍ ନିଅନ୍ତୁ; ନିଜ ମନକୁ ଆସେପ୍ରିନ୍ ବା କୋମ୍ବିଫ୍ଲାମ୍ ଭଳି ପେନ୍-କିଲର୍ ଖାଆନ୍ତୁ ନାହିଁ, ଏହା ଡେଙ୍ଗୁ ରୋଗୀଙ୍କ ପାଇଁ ବିପଜ୍ଜନକ ହୋଇପାରେ । ଯଦି ଆପଣଙ୍କର କିମ୍ବା ପରିବାରର କାହାରି ଜ୍ୱର ଲକ୍ଷଣ ଦେଖାଯାଉଛି, ତେବେ ବିନା ବିଳମ୍ବରେ ନିକଟସ୍ଥ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇ ରକ୍ତ ପରୀକ୍ଷା କରାନ୍ତୁ, ସରକାରୀ ଡାକ୍ତରଖାନାରେ ଏହାର ପରୀକ୍ଷା ଓ ଚିକିତ୍ସା ସମ୍ପୂର୍ଣ୍ଣ ମାଗଣା ।



ଜନବାର୍ତ୍ତା
ସାଭିମାନୀ ଓଡ଼ିଆଙ୍କ ସର
(JANABARTTA SWABHIMANI ODIANKA SWARA)

## ଏ ସପ୍ତାହର ପ୍ରମୁଖ ଖବର

- ✦ **ବଙ୍ଗୋପସାଗରରେ ଲଘୁଚାପ :** ରାଜ୍ୟରେ ପ୍ରବଳ ବର୍ଷା ସମ୍ଭାବନା ନେଇ ପାଣିପାଗ ବିଭାଗ ପକ୍ଷରୁ ରେଡ୍ ଆଲର୍ଟ ଜାରି
- ✦ **ହିରାକୁଦ ଅପଡେଟ୍ :** ଲଗାତାର ବର୍ଷା ଯୋଗୁଁ ହିରାକୁଦ ଜଳଭଣ୍ଡାରର ଗେଟ୍ ଖୋଲିବା ପରେ ତଳିଆ ଅଞ୍ଚଳରେ ବନ୍ୟା ଆଶଙ୍କା
- ✦ **ସ୍କୁଲ ଛୁଟି ଘୋଷଣା:** ପ୍ରବଳ ବର୍ଷା ଓ ବନ୍ୟା ସ୍ଥିତିକୁ ଦେଖି ରାଜ୍ୟର କେତେକ ଜିଲ୍ଲାରେ ସ୍କୁଲଗୁଡ଼ିକୁ ଛୁଟି ଘୋଷଣା କରାଯାଇଛି
- ✦ **ପୁରୀ ବାହୁଡ଼ା ଯାତ୍ରା :** ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ଓ ଲକ୍ଷ୍ମୀ-ନାରାୟଣ ଭେଟ ନୀତି ସଫଳତାର ସହ ସମ୍ପନ୍ନ
- ✦ **ଆଡ଼ପ ଦର୍ଶନ :** ରୀତିନୀତି ଅନୁଯାୟୀ ଆଜି ଶ୍ରୀମନ୍ଦିରରେ ୬ ଘଣ୍ଟା ପାଇଁ ଆଡ଼ପ ଦର୍ଶନ ବନ୍ଦ ରହିଛି
- ✦ **ମହାଙ୍ଗା ମାଡ଼:** ହାଣ୍ଡିଶାଳରେ ନିଆଁ, ରାସନ ସାମଗ୍ରୀ ସହ ପନିପରିବା ଦର ହୁ ହୁ ହୋଇ ବଢ଼ୁଛି
- ✦ **ରାୟଗଡ଼ାରେ ଦୁର୍ଘଟଣା :** ସ୍କୁଟରର ବ୍ରେକ୍ ଫେଲ୍ ହେବା ଯୋଗୁଁ ଦୁଇ ଜଣଙ୍କ ମୃତ୍ୟୁ ଏବଂ ଜଣେ ଗୁରୁତର ଆହତ
- ✦ **ଦୀର୍ଘ ୨୮ ବର୍ଷ ପରେ ଗିରଫ :** ରେଙ୍ଗାଲି ପୋଲିସ ଦ୍ୱାରା ୨୮ ବର୍ଷ ଧରି ଫେରାର ଥିବା ଜଣେ ହତ୍ୟା ଅଭିଯୁକ୍ତ ଗିରଫ
- ✦ **ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି :** ତୃତୀୟ ପର୍ଯ୍ୟାୟ ଆଲୋଚନା ପୂର୍ବରୁ କେନ୍ଦ୍ରମନ୍ତ୍ରୀଙ୍କ ଇସ୍ତଫା ଦାବି କଲା ବିରୋଧୀ ସଂଗଠନ
- ✦ **ନିଟ୍ ବିବାଦ :** ପ୍ରଶ୍ନପତ୍ର ଲିକ୍ ବିରୋଧରେ ଛାତ୍ର ସଂଗଠନ ପକ୍ଷରୁ ବିକ୍ଷୋଭ ଓ ଫାଷ୍ଟ-ଟ୍ରାକ୍ କୋର୍ଟ ଗଠନ ପ୍ରକ୍ରିୟା ଜାରି
- ✦ **ରାଷ୍ଟ୍ରପତିଙ୍କ ଗସ୍ତ:** ତିନୋଟି ୟୁରୋପୀୟ ଦେଶ ଗସ୍ତରେ ବାହାରିଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ
- ✦ **ଜାମ୍ମୁ-କାଶ୍ମୀରରେ ବିପର୍ଯ୍ୟୟ :** ପ୍ରବଳ ବର୍ଷା ଓ ଫ୍ଲାସ ଫ୍ଲଡ୍ ଯୋଗୁଁ ୧୧ ଜଣଙ୍କର ମୃତ୍ୟୁ
- ✦ **ଆମେରିକାର ବଡ଼ ନିଷ୍ପତ୍ତି :** ୟୁରୋପୀୟ ସଂଘର ନୀତି ବିରୋଧରେ ଆନୁଷ୍ଠାନିକ ବାଣିଜ୍ୟ ତଦନ୍ତ ନିର୍ଦ୍ଦେଶ ଦେଲେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ
- ✦ **ୟୁରୋପୀୟ ସଂଘ ଉପରେ କଟକଣା:** ଆମେରିକୀୟ ଟେକ୍ କମ୍ପାନୀଗୁଡ଼ିକ ଉପରେ ଜରିମାନା ଲଗାଯିବା ପରେ କ୍ଷୁବ୍ଧ ହେଲା ଆମେରିକା
- ✦ **ପଶ୍ଚିମବଙ୍ଗ ବିଧାନସଭା :** ପଞ୍ଚାୟତ ସଂଶୋଧନ ବିଲ୍ ଆଣିବାକୁ ଯାଉଛନ୍ତି ରାଜ୍ୟ ସରକାର
- ✦ **ଉତ୍ତର ଭାରତରେ ବର୍ଷା :** ଦିଲ୍ଲୀ-ଏନ୍‌ସିଆର୍ ସମେତ ପଡ଼ୋଶୀ ରାଜ୍ୟଗୁଡ଼ିକରେ ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ
- ✦ **ଡିଜିଟାଲ୍ ସୁରକ୍ଷା :** ସାଇବର ସୁରକ୍ଷାକୁ ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ନୂଆ ମାର୍ଗଦର୍ଶିକା ଜାରି
- ✦ **ମେଡିକାଲ୍ ଏମରଜେନ୍ସି :** ବିଭିନ୍ନ ରାଜ୍ୟରେ ବନ୍ୟା ପରବର୍ତ୍ତୀ ସଂକ୍ରାମକ ରୋଗ ବ୍ୟାପିବା ନେଇ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ସତର୍କ ସୂଚନା
- ✦ **ଅଲିମ୍ପିକ୍ସ ପ୍ରସ୍ତୁତି :** ଭାରତୀୟ ଆଥଲେଟ୍‌ମାନଙ୍କ ଉଚ୍ଚସ୍ତରୀୟ ଟ୍ରେନିଂ କ୍ୟାମ୍ପ ଆରମ୍ଭ

## ବଡ଼ ବଜେଟ୍ ଚଳଚ୍ଚିତ୍ରକୁ ନେଇ ସିନେପ୍ରେମୀଙ୍କ କ୍ରେଜ୍

ମୁମ୍ବାଇ,୨୫/୦୭:ଆଗାମୀ ବଡ଼ ବଜେଟ୍ ଚଳଚ୍ଚିତ୍ରଗୁଡ଼ିକର ଟିଜର ଓ ଟ୍ରେଲରକୁ ନେଇ ବର୍ତ୍ତମାନ ସିନେପ୍ରେମୀଙ୍କ ମଧ୍ୟରେ କ୍ରେଜ୍ ଶୀର୍ଷରେ ପହଞ୍ଚିଛି । ଭାରତୀୟ ସିନେମା ସହ ହଲିଉଡର ଅନେକ ପ୍ରତିକ୍ଷିତ ଫିଲ୍ମର ଟିଜର ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ନିର୍ଦ୍ଦେଶକ ନୀତେଶ ତିୱାରୀଙ୍କ ବହୁପ୍ରତିକ୍ଷିତ ମେଗା ବଜେଟ୍ ଫିଲ୍ମ 'ରାମାୟଣ'ର ପ୍ରଥମ ଅଫିସିଆଲ୍ ଟିଜରରେ ପ୍ରକାଶ ପାଇଛି । ରଣବୀର କପୁର ଓ ସାଇ ପଲ୍ଲବୀଙ୍କ ଲୁକ୍ ଏବଂ ଚମତ୍କାର ଭିଏଫଏକ୍ସକୁ ଦର୍ଶକ ବେଶ୍ ପସନ୍ଦ କରୁଛନ୍ତି । ଅଲ୍ଲୁ ଅର୍ଜୁନ ଓ ରଶ୍ମିକା ମନ୍ଦାନାଙ୍କ ଏହି ବୃହତ୍ ଆକ୍ସନ ଫିଲ୍ମର ନୂଆ ପ୍ରୋମୋ ଓ ସଙ୍ଗ ଟିଜର ସୋସିଆଲ ମିଡିଆରେ ଟ୍ରେଣ୍ଡ କରୁଛି. ଫିଲ୍ମର ପୋଷ୍ଟ-ପ୍ରଡକ୍ସନ କାମ ଶେଷ ପର୍ଯ୍ୟାୟରେ ଥିବା ବେଳେ ବକ୍ସ ଅଫିସରେ ଏହା ଏକ ବଡ଼ ରେକର୍ଡ କରିବ ବୋଲି ଆଶା କରାଯାଉଛି । କାର୍ତ୍ତିକ ଆର୍ୟ୍ୟନଙ୍କ ହରର-କମେଡି ଫିଲ୍ମ 'ଭୁଲ୍ ଭୁଲୟ୍ୟା ୩'ର ପ୍ରାରମ୍ଭିକ ଟିଜର ଝଲକ ରିଲିଜ୍ ହୋଇଛି, ଯେଉଁଥିରେ ବିଦ୍ୟା ବାଲାନଙ୍କ 'ମଞ୍ଜୁଲିକା' ଅବତାର ପୁଣି ଥରେ ଦର୍ଶକଙ୍କୁ ରୋମାଞ୍ଚିତ କରିଛି । ଓଟିଟି ପରେ ଏବେ ବଡ଼ ପରଦାକୁ ଆସୁଥିବା ସୁପରହିଟ୍ ସିରିଜ୍ 'ମିର୍ଜାପୁର' ଚଳଚ୍ଚିତ୍ରର ଆନାଉନ୍ସମେଣ୍ଟ ଟିଜରକୁ ନେଇ ପ୍ରଶଂସକଙ୍କ ମଧ୍ୟରେ ଜୋରଦାର ଚର୍ଚ୍ଚା ଚାଲିଛି । ତୁମ୍ବଡେ'ର ଅଫିସିଆଲ୍ ଟ୍ରେଲର/ଟିଜର ରିଲିଜ୍ ହୋଇଛି । ଯାହା ଇଣ୍ଟରନେଟ୍‌ରେ ନିଆଁ ଲଗାଇ ଦେଇଛି । ଏହି ଆନିମେଟେଡ୍ ଫାଣ୍ଟାସି ଆଡଭେଞ୍ଚର ଫିଲ୍ମର ଟିଜର ମଧ୍ୟ କମିକ୍-କନ୍‌ରେ ଧୂମ ମଚାଉଛି, ଯାହା ଆଜି (୨୪ ଜୁଲାଇ) ମୁକ୍ତିଲାଭ କରୁଛି । ହ୍ୟାରୀ ପଟର ଫ୍ରାଞ୍ଚାଇଜର ଏକ ସ୍ପେଶାଲ ପ୍ରୋଜେକ୍ଟର ଟିଜର ଟ୍ରେଲର ମଧ୍ୟ ଡିଜିଟାଲ ପ୍ଲାଟଫର୍ମରେ ସାରା ବିଶ୍ୱର ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରିଛି ।



| ADVERTISEMENT TARIFF | |
|---|---|
| FULL PAGE FRONT | Rs. 1,00,000.00 |
| FULL PAGE BACK | Rs. 80,000.00 |
| FULL PAGE COVER | Rs. 80,000.00 |
| FULL PAGE INNER | Rs. 80,000.00 |
| HALF PAGE FR/BK | Rs. 80,000.00 |
| QUARTER PAGE | Rs. 25,000.00 |
| EAR PANEL FRONT | Rs. 5,000.00 |
| EAR PANEL BACK | Rs. 5,000.00 |



# ସ୍କଟଲାଣ୍ଡରେ କମନୱେଲଥ ଗେମ୍ସ ଆରମ୍ଭ




ସ୍କଟଲାଣ୍ଡ, ୨୫/୦୭ : ସ୍କଟଲାଣ୍ଡର ଗ୍ଲାସଗୋଠାରେ ୨୩ତମ କମନୱେଲଥ ଗେମ୍ସ ଗତକାଲି (୨୩ ଜୁଲାଇ ୨୦୨୬) ଠାରେ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଛି । ଇତିହାସରେ ପ୍ରଥମ ଥର ପାଇଁ ଏହି ବୃହତ ପ୍ରତିଯୋଗିତାର ଉଦ୍ଦେଶ୍ୟମୂଳକ ଉଦ୍‌ଘାଟନୀ ଉତ୍ସବ କୌଣସି ବଡ଼ ଷ୍ଟାଡିୟମ୍ ବଦଳରେ ଏକ ଇନଡୋର ଆରେନା ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଗେମ୍ସ ଆରମ୍ଭର ମାତ୍ର କେଇ ଘଣ୍ଟା ପୂର୍ବରୁ ଥଭାରତ ପାଇଁ ପ୍ରଥମ ପଦକ ପକ୍କା ହୋଇଯାଇଛି । ତାରକା ମହିଳା ବକ୍ସର ଲଭଲିନା ବୋରଗୋହେନ୍ (୭୫ କିଗ୍ରା ବର୍ଗ) ବିନା କୌଣସି ମ୍ୟାଚ୍ ଖେଳି ସିଧାସଳଖ ସେମିଫାଇନାଲରେ ପ୍ରବେଶ କରିଛନ୍ତି । ଏହି ଭାରୀ ବର୍ଗରେ ମାତ୍ର ୫ ଜଣ ବକ୍ସର ଭାଗ ନେଇଥିବାରୁ ଡ୍ର' ଅନୁସାରେ ଲଭଲିନାଙ୍କୁ କ୍ୱାର୍ଟର ଫାଇନାଲରୁ ମୁକ୍ତ କରାଯାଇ 'ବାଏ' ମିଳିଥିଲା । କମନୱେଲଥ ବକ୍ସିଂ ନିୟମ ଅନୁଯାୟୀ ସେମିଫାଇନାଲରେ ହାରିଲେ ମଧ୍ୟ କାଂସ୍ୟ ପଦକ ପ୍ରଦାନ କରାଯାଏ । ସେ ଆସନ୍ତା ଜୁଲାଇ ୩୧ରେ ତୁଭାଲୁର ଟି.କେ. ବି.ପି ତାଫାକିଙ୍କ ବିପକ୍ଷରେ ସେମିଫାଇନାଲ୍ ଖେଳିବେ । ଉଦ୍‌ଘାଟନୀ ଉତ୍ସବରେ ଭାରତୀୟ ଦଳର ପତାକା ବାହକ ଭାବେ ଅଲିମ୍ପିକ ପଦକ ବିଜେତା ମୀରାବାଇ ଚାନୁ ଏବଂ ଲଭଲିନା ବୋରଗୋହେନ୍ ଦାୟିତ୍ୱ ତୁଲାଇଛନ୍ତି । ବଜେଟ କାଟ୍ ଓ ସମୟ ସୀମାକୁ ଦୃଷ୍ଟିରେ ରଖି ଏଥର ଗେମ୍ସରୁ ହକି, ବ୍ୟାଡମିଣ୍ଟନ, କୁସ୍ତି, କ୍ରିକେଟ୍, ସୁଟିଂ, ଟେବୁଲ ଟେନିସ ଏବଂ ସ୍କ୍ୱାସ୍ ଭଳି ଅନେକ ଲୋକପ୍ରିୟ କ୍ରୀଡ଼ାକୁ ସମ୍ପୂର୍ଣ୍ଣ ଭାବେ ହଟାଇ ଦିଆଯାଇଛି ଙ୍ଘସଗୃଷବ ଝବଙ୍କଭବୟ। ଭାରତ ସାଧାରଣତଃ ଏହି ସବୁ ଖେଳରେ ସବୁଠାରୁ ଅଧିକ ପଦକ ଜିତିଥାଏ । ଚଳିତ ଥର କେବଳ ୧୦ଟି ମୁଖ୍ୟ ଖେଳ ଯଥା- ଆଥଲେଟିକ୍ସ, ସ୍ୱିମିଂ, ୩ଙ୍କ୩ ବାସ୍କେଟବଲ, ଟ୍ରାକ୍ ସାଇକ୍ଲିଂ, ୱେଟଲିଫ୍ଟିଂ, ଲନ୍ ବୋଲ୍ସ, ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ, ନେଟବଲ, ବକ୍ସିଂ ଏବଂ ଜୁଡୋକୁ ସ୍ଥାନ ମିଳିଛି । ଏହି ପ୍ରତିଯୋଗିତା ଜୁଲାଇ ୨୩ରୁ ଆରମ୍ଭ ହୋଇ ଆସନ୍ତା ଅଗଷ୍ଟ ୨, ୨୦୨୬ ପର୍ଯ୍ୟନ୍ତ ଚାଲିବ କବଭବଳ ଘରଙ୍ଗ୍ର । ସମସ୍ତ ପ୍ରତିଯୋଗିତା ଗ୍ଲାସଗୋର ମାତ୍ର ୪ଟି ପ୍ରମୁଖ ଇନଡୋର ଓ ଆଉଟଡୋର ଭେନ୍ୟୁ ମଧ୍ୟରେ ସୀମିତ ରହିବ ।

### ବିଶ୍ୱ ଜୁନିୟର ସ୍କ୍ୱାଶ୍ ଚାମ୍ପିଅନସିପ୍

## କ୍ୱାର୍ଟରରେ ଅନାହତ ସିଂ



ନୂଆଦିଲ୍ଲୀ,୨୫/୦୭: ଭାରତର ୧୮ ବର୍ଷୀୟା ତାରକା ଖେଳାଳି ଅନାହତ ସିଂ ବିଶ୍ୱ ଜୁନିୟର ସ୍କ୍ୱାଶ୍ ଚାମ୍ପିଅନସିପ୍‌ର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି । ଟୁର୍ଣ୍ଣାମେଣ୍ଟରେ ନିଜର ଦେଖଣାହାରୀ ପ୍ରଦର୍ଶନ ଜାରି ରଖି ସେ ଆଉ ଏକ ଚମତ୍କାର ବିଜୟ ହାସଲ କରିଛନ୍ତି । ମହିଳା ସିଙ୍ଗଲ୍ସର ପ୍ରି-କ୍ୱାର୍ଟରଫାଇନାଲ ମୁକାବିଲାରେ ଅନାହତ ଆମେରିକାର ଶକ୍ତିଶାଳୀ ଖେଳାଳି ରିୟା ନଭାନୀଙ୍କୁ ପରାସ୍ତ କରିଛନ୍ତି । ସେ ମାତ୍ର ୩୩ ମିନିଟ୍‌ର ଲଢ଼େଇରେ ରିୟାଙ୍କୁ ୧୧-୫, ୧୧-୮, ୧୧-୭ ରେ ସିଧାସଳଖ ଗେମ୍‌ରେ ହରାଇ କ୍ୱାର୍ଟରଫାଇନାଲ ଟିକେଟ୍ ପକ୍କା କରିଛନ୍ତି । ସମ୍ପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟରେ ଅନାହତ ଏପର୍ଯ୍ୟନ୍ତ ଗୋଟିଏ ହେଲେ ବି ଗେମ୍ ହାରିନାହାନ୍ତି, ଯାହା ତାଙ୍କର ଦମଦାର ଫର୍ମକୁ ଦର୍ଶାଉଛି । ସେମିଫାଇନାଲ ଟିକେଟ୍ ପାଇଁ ଅନାହତଙ୍କ ଆଗାମୀ ମ୍ୟାଚ୍ ସ୍କ୍ୱାଶ୍ ଦୁନିଆର ସବୁଠାରୁ ଶକ୍ତିଶାଳୀ ଦେଶ ମିଶରର ଖେଳାଳି ନାଦିଆ ଏଲ୍-ଅନାମିଙ୍କ ସହ ହେବ । ଯଦି ଅନାହତ ଏହି ମ୍ୟାଚ୍ ଜିତନ୍ତି, ତେବେ ସେ ବିଶ୍ୱ ଜୁନିୟର ଚାମ୍ପିଅନସିପ୍‌ରେ ଭାରତ ପାଇଁ ମେଡାଲ ଜିତିବାର ଖୁବ୍ ନିକଟତର ହୋଇଯିବେ । ପୁରୁଷ ସିଙ୍ଗଲ୍ସରେ ଭାରତର ଚାଲେଞ୍ଜ ଶେଷ ହୋଇଛି । ଭାରତର ପ୍ରମୁଖ ଜୁନିୟର ଖେଳାଳି ଶୌର୍ଯ୍ୟ ବାୱା ପ୍ରି-କ୍ୱାର୍ଟରଫାଇନାଲରେ ମିଶରର ମାରୱାନ ଆସଲଙ୍କଠାରୁ ୫-୧୧, ୬-୧୧, ୪-୧୧ ରେ ହାରି ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିଛନ୍ତି ।



### ଭାରତ ଏବଂ ଜିମ୍ବାୱେ ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ

## ୧-୦ରେ ଭାରତ ଆଗୁଆ

ନୂଆଦିଲ୍ଲୀ, ୨୫/୦୭ : ଭାରତ ଏବଂ ଜିମ୍ବାୱେ ମଧ୍ୟରେ ଖେଳାଯାଉଥିବା ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜର ପ୍ରଥମ ମ୍ୟାଚ୍‌ରେ ଭାରତୀୟ ଦଳ ଏକ ଚମତ୍କାର ବିଜୟ ହାସଲ କରିଛି । ଶ୍ରେୟସ ଆୟରଙ୍କ ଅଧିନାୟକତ୍ୱରେ ଯୁବ ଭାରତୀୟ ଦଳ ଜିମ୍ବାୱେକୁ ୭ ଉଇକେଟ୍‌ରେ ପରାସ୍ତ କରି ସିରିଜ୍‌ରେ ୧-୦ ରେ ଅଗ୍ରଣୀ ହାସଲ କରିଛି । ହରାରେ ସ୍ପୋର୍ଟସ କ୍ଲବରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଭାରତ ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା । ଭାରତୀୟ ବୋଲରଙ୍କ ମାପଚୁପ ବୋଲିଂ ଯୋଗୁଁ ଜିମ୍ବାୱେ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ୍ ହରାଇ ୧୨୫ ରନ୍ କରିବାକୁ ସକ୍ଷମ ହୋଇଥିଲା. ଜିମ୍ବାୱେ ପକ୍ଷରୁ ୱେସଲି ମାଧେଭେରେ ସର୍ବାଧିକ ୩୯ ରନ୍ କରିଥିଲେ । ୧୨୬ ରନ୍‌ର ସହଜ ବିଜୟ ଲକ୍ଷ୍ୟକୁ ପିଛା କରି ଭାରତୀୟ ଯୁବ ଦଳ ମାତ୍ର ୧୩.୨ ଓଭରରେ ୩ ଉଇକେଟ୍ ହରାଇ (୧୨୬/୩) ସହଜରେ ମ୍ୟାଚ୍ ଜିତି ନେଇଥିଲା । ଭାରତର ୧୫ ବର୍ଷୀୟ ଯୁବ ଓପନର ବୈଭବ ସୂର୍ଯ୍ୟବଂଶୀ ବିସ୍ଫୋରକ ବ୍ୟାଟିଂ କରି ମାତ୍ର ୧୮ଟି ବଲ୍‌ରେ ନିଜର ପ୍ରଥମ ଅନ୍ତର୍ଜାତୀୟ ଅର୍ଦ୍ଧଶତକ ପୂରଣ କରିଛନ୍ତି. ସେ ୧୯ଟି ବଲ୍‌ରୁ ୪ଟି ଚୌକା ଓ ୪ଟି ବିଶାଳ ଛକା ସହାୟତାରେ ୫୦ ରନ୍‌ର ଧୂଆଁଧାର ଇନିଂସ ଖେଳି ସବୁଠାରୁ କମ୍ ବୟସରେ ଅନ୍ତର୍ଜାତୀୟ ଅର୍ଦ୍ଧଶତକ ହାସଲ କରିବାରେ ବିଶ୍ୱ ରେକର୍ଡ ସ୍ଥାପନ କରିଛନ୍ତି । ଦ୍ରୁତ ବୋଲର ମୟଙ୍କ ଯାଦବ ନିଜ ଟି-୨୦ ଅନ୍ତର୍ଜାତୀୟ କ୍ୟାରିୟରର ପ୍ରଥମ ଓଭରର ପ୍ରଥମ ବଲ୍‌ରେ ହିଁ ଉଇକେଟ୍ ନେଇ ଏକ ବିରଳ ରେକର୍ଡ କରିଛନ୍ତି. ସେ ୧୮ ରନ୍ ଦେଇ ୨ଟି ଉଇକେଟ୍ ନେଇଥିବା ବେଳେ ପ୍ରିନ୍ସ ଯାଦବ ମଧ୍ୟ ୧୯ ରନ୍ ଦେଇ ୨ଟି ଉଇକେଟ୍ ଅକ୍ତିଆର କରିଛନ୍ତି, ଯାହା ଜିମ୍ବାୱେର ବ୍ୟାଟିଂ ମେରୁଦଣ୍ଡ ଭାଙ୍ଗି ଦେଇଥିଲା । ୱିକେଟକିପର ଇଶାନ କିଶନ ୩୫ ରନ୍ ଏବଂ ଅଧିନାୟକ ଶ୍ରେୟସ ଆୟର ଅପରାଜିତ ୨୮ ରନ୍ କରି ଦଳକୁ ବିଜୟୀ କରାଇଥିଲେ । ଏହି ସିରିଜ୍‌ର ସମସ୍ତ ମ୍ୟାଚ୍ ହରାରେ ସ୍ପୋର୍ଟସ କ୍ଲବରେ ଭାରତୀୟ ସମୟ ଅପରାହ୍ନ ୪:୩୦ ମିନିଟ୍‌ରେ ଆରମ୍ଭ ହେବ । ୨ୟ ଟି-୨୦ ମ୍ୟାଚ୍ ୨୫ ଜୁଲାଇ (ଶନିବାର) ଏବଂ ୩ୟ ଟି-୨୦ ମ୍ୟାଚ୍ : ୨ ଜୁଲାଇ (ରବିବାର) ଦିନ ଖେଳାଯିବ ।

## ସ୍ପେନ ଚମ୍ପିୟାନ

### ରୋନାଲଡୋଙ୍କ ବିଦାୟ

ନ୍ୟୁୟର୍କ, ୨୫/୦୭ : ଫିଫା ଫୁଟବଲ ବିଶ୍ୱକପ୍ ୨୦୨୬ ସଫଳତାର ସହ ଶେଷ ହୋଇଛି । ଉତ୍ତର ଆମେରିକାର ତିନୋଟି ଦେଶ (ଯୁକ୍ତରାଷ୍ଟ୍ର ଆମେରିକା, କାନାଡା ଏବଂ ମେକ୍ସିକୋ) ଦ୍ୱାରା ମିଳିତ ଭାବେ ଆୟୋଜିତ ଏହି ଐତିହାସିକ ଟୁର୍ଣ୍ଣାମେଣ୍ଟରେ ପ୍ରଥମ ଥର ପାଇଁ ୪୮ଟି ଦଳ ଭାଗ ନେଇଥିଲେ । ମେଟ୍‌ଲାଇଫ୍ (ନ୍ୟୁୟର୍କ ନ୍ୟୁଜର୍ସି) ଷ୍ଟାଡିୟମରେ ଖେଳାଯାଇଥିବା ଏକ ରୋମାଞ୍ଚକର ଫାଇନାଲ୍ ମ୍ୟାଚ୍‌ରେ ସ୍ପେନ୍ ୧-୦ ଗୋଲ୍‌ରେ ଆର୍ଜେଣ୍ଟିନାକୁ ପରାସ୍ତ କରି ବିଶ୍ୱବିଜେତା ଆଖ୍ୟା ଅର୍ଜନ କରିଛି । ସ୍ପେନ୍ ପକ୍ଷରୁ ଅତିରିକ୍ତ ସମୟର ୧୦୬ତମ ମିନିଟ୍‌ରେ ଫେରାନ ଟୋରେସ ବିଜୟୀ ଗୋଲ୍ ସ୍କୋର କରିଥିଲେ. ଏହି ପରାଜୟ ସହ ଲିଓନେଲ ମେସିଙ୍କ ଆର୍ଜେଣ୍ଟିନାର କ୍ରମାଗତ ଦ୍ୱିତୀୟ ଥର ଚାମ୍ପିଅନ୍ ହେବାର ସ୍ୱପ୍ନ ଭାଙ୍ଗିଯାଇଛି । ବ୍ରୋଞ୍ଜ ମେଡାଲ୍ (ତୃତୀୟ ସ୍ଥାନ) ପାଇଁ ଖେଳାଯାଇଥିବା ହାଇ-ସ୍କୋରିଂ ମ୍ୟାଚ୍‌ରେ ଇଂଲଣ୍ଡ ୬-୪ ଗୋଲ୍‌ରେ ଫ୍ରାନ୍ସକୁ ପରାସ୍ତ କରିଛି । ସମ୍ପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟରେ ଚମତ୍କାର ପ୍ରଦର୍ଶନ କରିଥିବା ଖେଳାଳିମାନେ ହେଲେ ରୋଡ୍ରି ,କିଲିଆନ୍ ଏମବାପେ,ଉନାଇ ସିମୋନସ୍ପେନ, ପାଉ କୁବାର୍ସି । ଚଳିତ ବିଶ୍ୱକପ୍‌ରେ ଫିଫା ପକ୍ଷରୁ ବିପୁଳ ପୁରସ୍କାର ରାଶି ପ୍ରଦାନ କରାଯାଇଛି । ବିଜେତା ସ୍ପେନ୍ ପ୍ରାୟ ୩୬୦ କୋଟିରୁ ଅଧିକ ଟଙ୍କା ସହ ବିଶ୍ୱକପ୍ ଟ୍ରଫି ଏବଂ ପ୍ରଥମ ଥର ପାଇଁ ବିଶେଷ 'ଚାମ୍ପିଅନ୍ ରିଙ୍ଗ' ପ୍ରଦାନ କରାଯାଇଛି । ରନର୍ସଅପ୍ ଆଜରଜେଣ୍ଟିନାକୁ ୩୧୭.୭୪ କୋଟି, ତୃତୀୟ ସ୍ଥାନରେ ଇଂଲଣ୍ଡକୁ ୨୭୯.୨୨ କୋଟି, ଚତୁର୍ଥ ସ୍ଥାନରେ ଫ୍ରାନ୍ସକୁ ୨ କୋଟି ଟଙ୍କା ପାଇଛି ।

## ଚାଇନା ଓପନରୁ ସିନ୍ଧୁ ବିଦା



ଚାଇନା,୨୫/୦୭: ପି.ଭି. ସିନ୍ଧୁ ଚାଇନା ଓପନ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରୁ ବିଦାୟ ନେଇଛନ୍ତି । ଗୁରୁବାର (୨୩ ଜୁଲାଇ) ଖେଳାଯାଇଥିବା ଏକ ରୋମାଞ୍ଚକର ପ୍ରି-କ୍ୱାର୍ଟରଫାଇନାଲ ମ୍ୟାଚ୍‌ରେ ଚୀନର ଷ୍ଟାର ଖେଳାଳି ତଥା ଟୋକିଓ ଅଲିମ୍ପିକ ସ୍ୱର୍ଣ୍ଣ ପଦକ ବିଜେତା ଚେନ୍ ୟୁଫେଇଙ୍କଠାରୁ ହାରି ସେ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିଛନ୍ତି । ପ୍ରାୟ ୮୯ ମିନିଟ୍ ଧରି ଚାଲିଥିବା ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ର ଚୂଡ଼ାନ୍ତ ସ୍କୋର ଥିଲା ୨୧-୧୬, ୨୦-୨୨, ୧୮-୨୧ । ସିନ୍ଧୁ ଦମଦାର ପ୍ରଦର୍ଶନ କରି ପ୍ରଥମ ଗେମ୍‌କୁ ୨୧-୧୬ରେ ଜିତି ମ୍ୟାଚ୍‌ରେ ଅଗ୍ରଣୀ ହାସଲ କରିଥିଲେ । ଦ୍ୱିତୀୟ ଗେମ୍‌ରେ ସିନ୍ଧୁ ୨୦-୧୬ରେ ଆଗୁଆ ଥିଲେ ଏବଂ ବିଜୟଠାରୁ ମାତ୍ର ଗୋଟିଏ ପଏଣ୍ଟ ଦୂରରେ ଥିଲେ. କିନ୍ତୁ ଚେନ୍ ୟୁଫେଇ ଚମତ୍କାର ପ୍ରତ୍ୟାବର୍ତ୍ତନ କରି କ୍ରମାଗତ ୬ଟି ପଏଣ୍ଟ ଜିତି ଗେମ୍‌କୁ ୨୨-୨୦ରେ ନିଜ ନାମରେ କରିଥିଲେ । ତୃତୀୟ ତଥା ଶେଷ ଗେମ୍‌ରେ ଉଭୟଙ୍କ ମଧ୍ୟରେ କଡ଼ା ମୁକାବିଲା ହୋଇଥିଲା. ସ୍କୋର ୧୭-୧୭ ଥିବା ସମୟରେ ଚେନ୍ କିଛି ଗୁରୁତ୍ୱପୂର୍ଣ୍ଣ ପଏଣ୍ଟ ହାସଲ କରି ଶେଷ ଗେମ୍‌କୁ ୨୧-୧୮ରେ ଜିତି ମ୍ୟାଚ୍ ନେଇଯାଇଥିଲେ । ମ୍ୟାଚ୍ ପରେ ସିନ୍ଧୁ ସୋସିଆଲ ମିଡିଆ (ଏକ୍ସ) ରେ ଚାଇନା ଓପନର ସେଡ୍ୟୁଲ ପ୍ରତି ନିଜର ଅସନ୍ତୋଷ ପ୍ରକାଶ କରିଛନ୍ତି । ତାଙ୍କୁ ପ୍ରଥମ ରାଉଣ୍ଡ ମ୍ୟାଚ୍ ପରେ ବିଶ୍ରାମ ଓ ପ୍ରସ୍ତୁତି ପାଇଁ ମାତ୍ର ୧୬ ଘଣ୍ଟା ସମୟ ମିଳିଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଚେନ୍ ୟୁଫେଇଙ୍କୁ ୨୪ ଘଣ୍ଟାରୁ ଅଧିକ ସମୟର ପୂର୍ଣ୍ଣ ବିଶ୍ରାମ ମିଳିଥିଲା । ଏହି ଶାରୀରିକ ଥକ୍କାପଣ ତାଙ୍କ ଖେଳ ଉପରେ ପ୍ରଭାବ ପକାଇଥିଲା । ସିନ୍ଧୁଙ୍କ ସହ ଅନ୍ୟ ଦୁଇ ପ୍ରମୁଖ ଭାରତୀୟ ପୁରୁଷ ଖେଳାଳି ଲକ୍ଷ୍ୟ ସେନ୍ ଏବଂ ଆୟୁଷ ଶେଟ୍ଟୀ ମଧ୍ୟ ନିଜ ନିଜର ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍ ହାରିଯାଇଛନ୍ତି । ଲକ୍ଷ୍ୟ ସେନ୍ କାନାଡାର ଭିକ୍ଟର ଲାଇଙ୍କଠାରୁ ୧୯-୨୧, ୧୧-୨୧ରେ ପରାସ୍ତ ହୋଇଥିବା ବେଳେ ଆୟୁଷ ଶେଟ୍ଟୀ ଆୟରଲ୍ୟାଣ୍ଡର ନ୍ହାଟ୍ ନ୍ଗୁଏନ୍‌ଙ୍କଠାରୁ ହାରିଛନ୍ତି. ଏହା ସହିତ ଚାଇନା ଓପନ ୨୦୨୬ରେ ଭାରତର ସମସ୍ତ ଆଶା ମଉଳି ଯାଇଛି । ଭାରତୀୟ ଶଟଲରମାନେ ବର୍ତ୍ତମାନ ଜୁଲାଇ ୨୮ରୁ ଆରମ୍ଭ ହେବାକୁ ଥିବା ତାଇପେଇ ଓପନ ଟୁର୍ଣ୍ଣାମେଣ୍ଟରେ ଆକ୍ସନକୁ ଫେରିବେ ।

# 'ଆଉ ଏକ ଆନ୍ଦୋଳନ ଅପେକ୍ଷାରେ ଓଡ଼ିଶାବାସୀ'

**'କଥା ସ୍ୱାଭିମାନର ବିଚାର ଆପଣଙ୍କର'**



ସାରଦା ପ୍ରସନ୍ନ ସ୍ୱାଇଁ
ସାଧାରଣ ସମ୍ପାଦକ
ଜନ ଜାଗରଣ

ଆମେ ଓଡ଼ିଆ ସବୁଠୁ ବଢ଼ିଆ । ଆସ ମୋ ଯୁବ ଭାଇ ଓ ଭଉଣୀମାନେ ଆମେ ପ୍ରଥମେ ନିଜକୁ ନିଜେ ଚିହ୍ନିବା । କାରଣ ଆଉ ଏକ ସ୍ୱାଧୀନତା ପାଇଁ ଲଢ଼େଇ କରିବାର ସମୟ ବୋଧେ ଆସି ଯାଇଛି । କାରଣ ଆମ ରାଜ୍ୟର ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଗମନାଗମନ, ପର୍ଯ୍ୟଟନ ଓ ଶିଳ୍ପ କ୍ଷେତ୍ରରେ ଯେଉଁ ଭଳି ବାହାର ଲୋକ ନିଜର ଅଧିକାର ସାବ୍ୟସ୍ତ କରି ଚାଲିଛନ୍ତି । ଯଦି ଆମେ ଏକତ୍ରିତ ହୋଇ ଲଢ଼େଇ ନ କରିବା ତାହେଲେ ନେଡ଼ି ଗୁଡ଼ କହୁଣୀକୁ ବୋହିଗଲା ପରେ ଆମ ପାଖରେ ଆଉ କିଛି ନଥିବ । ଆମର ମୌଳିକ ଅଧିକାର ଆଇନ ଅନୁଯାୟୀ ଆମକୁ ଯାହା ଯାହା ସରକାରୀ ସୁବିଧା ମିଳିବା କଥା ତାହା ମିଳୁନାହିଁ । ଆମ ପୂର୍ବଜମାନେ ମଧ୍ୟ ଦିନେ ଏହି ଅବସ୍ଥାରେ ଥିଲେ ଗୋରା ସରକାର ଅଧୀନରେ କିନ୍ତୁ ଆମ ବୀର ମାଟିର ସୁଯୋଗ୍ୟ ସନ୍ତାନମାନେ ଗୋରା ସରକାର ବିରୁଦ୍ଧରେ ଲଢ଼େଇ କରି ଆମ ଅଧିକାରକୁ ଶେଷରେ ଇଂରେଜମାନଙ୍କଠାରୁ ଛଡ଼ାଇ ଆଣିଥିଲେ । ଚାଲନ୍ତୁ ଜାଣିବା ଆମର ପୂର୍ବଜମାନେ ଯେଉଁ ମହାନ ପରମ୍ପରା ସୃଷ୍ଟି କରିଥିଲେ ତାହା ଆମ ରକ୍ତରେ ମଧ୍ୟ ପ୍ରବାହିତ ହେଉଛି । ଆସନ୍ତୁ ଜାଣିବା ଆମ ଓଡ଼ିଶାର ଗର୍ବ ଓ ଗୌରବ ଏହାର ସମୃଦ୍ଧ ଇତିହାସ, ଅନନ୍ୟ କଳା ସଂସ୍କୃତି, ବିଶ୍ୱପ୍ରସିଦ୍ଧ ପରମ୍ପରା ଏବଂ ବୀର ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନ ଉପରେ ପର୍ଯ୍ୟବେସିତ ଏହାର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରୁଥିବା ମୁଖ୍ୟ କଥାଗୁଡ଼ିକ କ'ଣ ?

ଶ୍ରୀଜଗନ୍ନାଥ ସଂସ୍କୃତି ଓ ମନ୍ଦିର, ଯଥା ପୁରୀର ଶ୍ରୀମନ୍ଦିର ଏବଂ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଓଡ଼ିଶାର ସବୁଠାରୁ ବଡ଼ ପରିଚୟ । ଭକ୍ତି ଏବଂ ସମନ୍ୱୟର ପ୍ରତୀକ ଏହି ପରମ୍ପରା ସାରା ବିଶ୍ୱରେ ଆଦୃତ । ଐତିହାସିକ ସ୍ଥାପତ୍ୟରେ କୋଣାର୍କର ସୂର୍ଯ୍ୟ ମନ୍ଦିର, ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର ଏବଂ ପୁରୀର କଳାକୃତି ଓଡ଼ିଶାର ପ୍ରାଚୀନ ସ୍ଥାପତ୍ୟର ଉତ୍କୃଷ୍ଟ ନମୁନା । କଳା ଓ ହସ୍ତଶିଳ୍ପରେ ପିପିଲିର ଚାନ୍ଦୁଆ କାମ, ରଘୁରାଜପୁରର ପଟ୍ଟଚିତ୍ର, ସମ୍ବଲପୁରୀ ବସ୍ତ୍ର ଏବଂ ରୂପା ତାରକସି କାମ ଓଡ଼ିଶାର କାରିଗରୀ କଳାର ଜୀବନ୍ତ ପ୍ରମାଣ । ବୀରତ୍ୱ ଓ ସଂଗ୍ରାମରେ ଇଂରେଜ ଶାସନ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିବା ବୀର ସୁରେନ୍ଦ୍ର ସାଏ, ବକ୍ସି ଜଗବନ୍ଧୁ ଏବଂ ପାଇକ ବିଦ୍ରୋହ ଓଡ଼ିଶାର ସ୍ୱାଧୀନତା ସଂଗ୍ରାମ ଇତିହାସର ଗର୍ବ । ପ୍ରାକୃତିକ ସୌନ୍ଦର୍ଯ୍ୟରେ ଏସିଆର ବୃହତ୍ତମ ଲୁଣି ହ୍ରଦ 'ଚିଲିକା', ଭିତରକନିକା ଜାତୀୟ ଉଦ୍ୟାନ ଏବଂ ସିମିଳିପାଳ ଅଭୟାରଣ୍ୟ ଓଡ଼ିଶାର ଜୈବ ବିବିଧତାକୁ ସମୃଦ୍ଧ କରିଛନ୍ତି । କିନ୍ତୁ ଆମେ ମାନେ ଆଜି କାହିଁକି ଭାରି ଅସହାୟ ଅବସ୍ଥାରେ ଥିଲା ଭଳି ମନେ ହେଉଛି । ଆମେ ଆଉ ସହିବା କେତେ ଦିନ । ଆମକୁ ଏବେ ନେତୃତ୍ୱ ନେଇ ଏହା ବିରୁଦ୍ଧରେ ଲଢ଼େଇ କରିବାକୁ ହେବ । ଏକତା ହିଁ ବିଜୟ ଆଣିବ । ତେଣୁ ଆସନ୍ତୁ ମୋ ହାତରେ ହାତ ମିଶାନ୍ତୁ ଓ ନିଜର ଏକ ନୂଆ ପରିଚୟ ସୃଷ୍ଟି କରନ୍ତୁ । 'ଜନ ଜାଗରଣ' ଏକ ବୈପ୍ଳବିକ ପରିବର୍ତ୍ତନ ଆହ୍ୱାନ ।

ଆସ ଏକାଠି ହୋଇ 'ବିପ୍ଳବ ଆଣିବା - ବିକଳ୍ପ ବାଛିବା - ବିକାଶ କରିବା' ।

Published by Sarada Prasanna Swain, at Aitalanga, Athantar, Near Narayani Temple, Bbsr, Khordha, Odisha-752102 and Owned by Sri Bijay Kumar Patnaik at Plot No-492, K1, Kalinga Nagar, Ghatikia, Bhubaneswar,Khordha,Odisha 751003, and Printed by Lalat Kishore Bhanj , Mayur Printers, Plot No-D1/1, Section-A, Zone-D, Mancheswar Industrial Estate, Khordha, Odhisha-752102,
Ph- 0674-3573358, Email-janabartadigital@gmail.com

ସମ୍ପାଦକ: ଶୁଭେନ୍ଦୁ ରାୟ ମହାପାତ୍ର
Editor: Suvendu Ray Mohapatra